

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୪ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY SEPTEMBER 2020
Vol.No. 30 ■ No. 224 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
*For better development of students are taught by highly and well experienced faculties.*
Contact No: 9437294587, 9438232419, 9437443950,


# ମିଶନ କର୍ମଯୋଗୀ ସରକାରରେ ମାନବ ସମ୍ବଳ ପରିଚାଳନାରେ ମୌଳିକ ସୁଧାର ଆଣିବ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩।୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏକାଧିକ ଟୁଇଟ ଜରିଆରେ କହିଛନ୍ତି ଯେ, "ମିଶନ କର୍ମଯୋଗୀ-ପ୍ରଶାସନିକ ସେବାରେ ସାମର୍ଥ୍ୟ ବିକାଶ ପାଇଁ ଜାତୀୟ କାର୍ଯ୍ୟକ୍ରମ" ସରକାରୀ ସ୍ତରରେ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଆଣିପାରିବ। ଏହା ସରକାରୀ କର୍ମଚାରୀମାନଙ୍କର କ୍ଷମତା ବଢ଼ାଇବା ଲାଗି ବ୍ୟାପକ ସୁଯୋଗ ଏବଂ ଭିତିଭୂମି ବୃଦ୍ଧି



କ୍ଷେତ୍ରରେ ସହାୟକ ହୋଇପାରିବ। ସେ ଟୁଇଟ କରି ଆହୁରି କହିଛନ୍ତି, "ଆଇଜିଓଟି ପ୍ଲାଟଫର୍ମ ଭୂମିକା-ଆଧାରିତ ମାନବ ସମ୍ବଳ ପରିଚାଳନା ଏବଂ ନିରନ୍ତର ଜ୍ଞାନ ଅର୍ଜନ ଲାଗି ଆବଶ୍ୟକ ପରିବର୍ତନ ଆଣିପାରିବ। ମିଶନ କର୍ମଯୋଗୀର ଉଦ୍ଦେଶ୍ୟ ପାରଦର୍ଶିତା ଓ ପ୍ରଯୁକ୍ତି ମାଧ୍ୟମରେ ଭବିଷ୍ୟତ ପାଇଁ ସରକାରୀ କର୍ମଚାରୀମାନଙ୍କୁ ଅଧିକ ପ୍ରଭାବୀ, ଗଠନମୂଳକ ଓ ସୃଜନଶୀଳ କରିବା।

## ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲରସ୍ ଉପନିର୍ଦ୍ଦେଶକଙ୍କ ବିରୁଦ୍ଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ: ୭ଟି ସ୍ଥାନରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର,୩।୯ (ନି.ପ୍ର): ଆୟ ବହିର୍ଭୂତ ସମତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲରସ୍ ବିଭାଗର ଉପ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ବେହେରାଙ୍କ ଘର ଉପରେ ଚଢାଉ କରା ଯାଇଛି । ଭିଜିଲାନ୍ସର ୭ଟି ଟିମ୍ ତାଙ୍କ କଟକ ଓ ଭୁବନେଶ୍ୱରସ୍ଥିତ ସରକାରୀ କାର୍ଯ୍ୟାଳୟ ସମେତ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଥିବା ଭିଜିଲାନ୍ସ ସୂତ୍ରରୁ ପ୍ରକାଶ ।

## ୩୦ ପୂର୍ବରୁ ବିଧାନସଭା ଅଧିବେଶନ ,ଲୋକସଭା କାର୍ଯ୍ୟ ଦେଖି ନିଆଯିବ ନିଷ୍ପତ୍ତି : ବାଚସ୍ପତି

ଭୁବନେଶ୍ୱର,୩।୯ (ନି.ପ୍ର): ଚଳିତ ମାସ ଅର୍ଥାତ୍ ସେପ୍ଟେମ୍ବର ୩୦ ତାରିଖ ପୂର୍ବରୁ ବିଧାନସଭା ଅଧିବେଶନ ବସିବ। ଏ ନେଇ ଲୋକସଭା ବାଚସ୍ପତି ଓ ସଚିବଙ୍କ ସହ ଆଲୋଚନା ହୋଇଛି ବୋଲି ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି। ଅଧିବେଶନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଇଡଲାଇନ୍ସ ଆସିବା ପରେ ରାଜ୍ୟର କରୋନା ସ୍ଥିତି ଦେଖି ନିଷ୍ପତି ଗ୍ରହଣ କରାଯିବ। ପ୍ରଥମେ ଲୋକସଭାର କାର୍ଯ୍ୟ ଦେଖିବା ପରେ ହିଁ ନିଷ୍ପତି ନିଆଯିବ ବୋଲି ବାଚସ୍ପତି ଡ. ପାତ୍ର କହିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ନିୟମ ଅନୁଯାୟୀ ବିଧାନସଭା ବସିବାର ୬ ମାସ ମଧ୍ୟରେ ପରବର୍ତୀ ଅଧିବେଶନ ବସିବ। ଗତ ମାର୍ଚ୍ଚ ୨୯ ତାରିଖ ରେ ଶେଷ ଥର ପାଇଁ ବିଧାସଭା ବୈଠକ ଅନୁଷ୍ଠିତ ହୋଇଥିଲା। ତେଣୁ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ପୁଣି ଥରେ ଗୃହର ଅଧିବେଶନ ହେବା ନିୟମ ବୋଲି ବାଚସ୍ପତି କହିଛନ୍ତି।

## ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୩।୯ (ନି.ପ୍ର): ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୨୪ ଘଂଟା ମଧରେ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉପକୂଳ ଓଡ଼ିଶାର ଏକ କିମ୍ୱା ଦୁଇଟି ସ୍ଥାନରେ ହାଲୁକାରୁ ମଧମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହି ସମୟ ମଧରେ ରାଜ୍ୟର ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଝାରସୁଗୁଡା, ବରଗଡ, ଦେଓଗଡ, ସୁନ୍ଦରଗଡ, କେନ୍ଦୁଝର ଏବଂ ମୟୂରଭଞ୍ଜର ଗୋଟିଏ କିମ୍ୱା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର।

## ସୁସ୍ଥ ହେଲେ ଆଉ ୩,୨୭୮ ଆକ୍ରାନ୍ତ

ଭୁବନେଶ୍ୱର,୩।୯ (ନି.ପ୍ର): ରାଜ୍ୟରୁ ଆଜି ୩ ହଜାର ୨୭୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୮୭ ହଜାର ୩୫୧ରେ ପହଂଚିଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସବାଧିକ ୫୧୧ ଜଣ ଏବଂ ଗଂଜାମ ଜିଲ୍ଲାରୁ ୩୬୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। କଟକ ଜିଲ୍ଲାରେ ୨୩୦ ଜଣ, ଯାଜପୁର ଜିଲ୍ଲାରେ ୧୯୫ ଜଣ, ରାୟଗଡ଼ା ୧୮୭ ଜଣ, ବରଗଡ଼ରୁ ୧୮୫ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୨୪ ଜଣ, ପୁରୀ ଜିଲ୍ଲାରୁ ୧୨୨ ଜଣ, ନୟାଗଡ଼ ଜିଲ୍ଲାରେ ୧୨୧ ଜଣ, ମାଲକାନଗିରି ଓ ମୟୂରଭଂଜ ଜିଲ୍ଲାରୁ ୧୧୭ ଜଣ ଲେଖାଏଁ, କୋରାପୁଟ ଜିଲ୍ଲାରେ ୧୦୭ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୦୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଭଦ୍ରକ ଜିଲ୍ଲାରୁ ୯୮ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୮୯ ଜଣ, କନ୍ଧମାଳ ଜିଲ୍ଲାରେ ୮୮ ଜଣ, ଜଗତସିଂହପୁର ଜିଲ୍ଲାରୁ ୭୭ ଜଣ, କେନ୍ଦୁଝର ଜିଲ୍ଲାରୁ ୬୯ ଜଣ, ସମ୍ବଲପୁର ଜିଲ୍ଲାରେ ୬୭ ଜଣ, ଢେଙ୍କାନାଳ ଜିଲ୍ଲାରେ ୬୬ ଜଣ, ନବରଙ୍ଗପୁର ଜିଲ୍ଲାରୁ ୪୭ ଜଣ, ଗଜପତି ଜିଲ୍ଲାରୁ ୪୩ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୩୫ ଜଣ, ନୂଆପଡ଼ା ଜିଲ୍ଲାରୁ ୨୫ ଜଣ, ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲାରୁ ୨୪ ଜଣ ଲେଖାଏଁ, ସୁବର୍ଣ୍ଣପୁର ଜିଲ୍ଲାରୁ ୨୩ଜଣ, ବୌଦ୍ଧ ଜିଲ୍ଲାରେ ୮ ଜଣ, ଦେବଗଡ଼ ଜିଲ୍ଲାରୁ ୫ ଜଣ, ଅନୁଗୁଳ ଜିଲ୍ଲାରୁ ୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ରାଜ୍ୟରେ ଆଉ ୮ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୫୨୨ ହେଲା

ଭୁବନେଶ୍ୱର,୩।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୮ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୫୨୨ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାର ତିନି ଜଣ ଥିବା ବେଳେ କଟକ ଜିଲ୍ଲାର ୨ ଜଣ ଅଛନ୍ତି । ସେହିପରି ବାଲେଶ୍ୱର, ଖୋର୍ଧା ଓ




କନ୍ଧମାଳରୁ ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ କ୍ରମିକ କିଡନୀ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରର ଜଣେ ୭୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କର ମୃତ୍ୟୁ ଘଟିଛି ।। ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। କଟକ ଜିଲ୍ଲାର ଜଣେ ୬୬ ବର୍ଷୀୟା ମହିଳା କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ।। ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ହିଁ ଅନ୍ୟ ଜଣେ ୬୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।। ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ▶▶ପୃଷ୍ଠା ୭

## କଟକ-ଖୋର୍ଦ୍ଧାରେ କୋଭିଡ ରଣନୀତିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

### ଅର୍ଥନୀତି ସ୍ୱାଭାବିକ ହେଉଛି, ଜୀବିକା ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୩।୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ରାଜ୍ୟରେ କୋଭିଡ ପରିସ୍ଥିତି ସହିତ କୃଷି, ଶିଳ୍ପ, ଭିତିଭୂମି ଆଦି ଅର୍ଥନୀତିର ବିଭିନ୍ନ କ୍ଷେତ୍ରର ସମୀକ୍ଷା କରି ଜୀବିକା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟରେ କୋଭିଡ ପରିସ୍ଥିତି ଜାତୀୟସ୍ତର ଠାରୁ ଭଲ ରହିଥିଲେ ମଧ କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ବଢୁଥିବା ପଜିଟିଭ କେସ୍ ଦୃଷ୍ଟିରୁ ଏହି ଦୁଇ ଜିଲ୍ଲାରେ ରଣନୀତିକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ମୌସୁମୀ ବର୍ଷା, ବନ୍ୟା ତଥା ପରିବହନ କ୍ଷେତ୍ରରେ ପୂର୍ବାବସ୍ଥା ଫେରୁଥିବାରୁ କୋଭିଡ ପରିଚାଳନା ପାଇଁ ଏହା ଆହ୍ୱାନ




ସୃଷ୍ଟି କରିଛି। ତେଣୁ ଏହିସବୁ ଆହ୍ୱାନକୁ ଦୃଷ୍ଟିରେ ରଖି କୋଭିଡ ରଣନୀତିକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପର୍ଯ୍ୟବେକ୍ଷକମାନେ ତୁରନ୍ତ ବନ୍ୟାଂଚଳକୁ ଗସ୍ତ କରି ଯୋଗ୍ୟ ହିତାଧିକାରୀମାନଙ୍କୁ ତୁରନ୍ତ ରିଲିଫ ପ୍ୟାକେଜ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାଋତୁରେ ସର୍ଦ୍ଦି, କାଶ ପରି ରୋଗର ସମ୍ଭାବନା ଦୃଷ୍ଟିରୁ ଏସବୁ ଲକ୍ଷଣ ଉପରେ ତୀକ୍ଷଣ ନଜର ରଖିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ସମସ୍ତ ଜ୍ୱର କ୍ଲିନିକ୍ ଗୁଡିକୁ ଆଲର୍ଟରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାସହିତ ସ୍ୱାସ୍ଥ୍ୟ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମିଳିତ ଭାବେ ବିଭିନ୍ନ କୋଭିଡ ପ୍ରୋଟୋକଲ୍ କୁ ନେଇ ଏକ ସଚେତନତା ଅଭିଯାନ ତୁରନ୍ତ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଗୁରୁତର କୋଭିଡ ରୋଗୀମାନଙ୍କ ପାଇଁ ଜିଲ୍ଲା ଭିତର ଥିବା ହସ୍ ପିଟାଲରେ ହିଁ ଆଇସିୟୁ ବେଡ୍ ର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଅତ୍ୟନ୍ତ ଗୁରୁତର ରୋଗୀ ▶▶ପୃଷ୍ଠା ୭

## ଦେଶରେ ଦିନିକିଆ ସୁସ୍ଥତାରେ ସର୍ବକାଳୀନ ରେକର୍ଡ

ନୂଆଦିଲ୍ଲୀ,୩।୯ (ନି.ପ୍ର): ଗତ ୨୪ ଘଂଟା ମଧରେ ରେକର୍ଡ ସଂଖ୍ୟକ ୧୧.୭୦ ଲକ୍ଷ ନମୁନା ପରୀକ୍ଷା କରାଯାଇଛି । ଏହି ସମୟ ମଧରେ ଦିନିକିଆ ରେକର୍ଡ ଭାବେ ୬୮,୫୮୪ ଜଣ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି । ଏହାଫଳରେ ମୋଟ ଆରୋଗ୍ୟଙ୍କ ସଂଖ୍ୟା ପାଖାପାଖି ୩୦ ଲକ୍ଷ (୨୯,୭୦,୪୯୨)ରେ ପହଂଚିଛି । ଏଥିସହିତ ସୁସ୍ଥତା ହାର ୭୭ ପ୍ରତିଶତ (୭୭.୦୯)କୁ ଅତିକ୍ରମ କରିଛି । ଫଳସ୍ୱରୂପ ସକ୍ରିୟ ରୋଗୀ ୮,୧୫,୫୩୮ ତୁଳନାରେ ଅଧିକ ୨୧.୫୦ ଲକ୍ଷ ସୁସ୍ଥ ହୋଇଛନ୍ତି । ଦେଶରେ ସୁସ୍ଥ ରୋଗୀଙ୍କ ସଂଖ୍ୟା ସଂକ୍ରମିତଙ୍କ ତୁଳନାରେ ୩.୬ଗୁଣ ଅଧିକ ହୋଇଛି । ରେକର୍ଡ ସଂଖ୍ୟକ ସୁସ୍ଥ ହେବା ଫଳରେ ଦେଶରେ ସକ୍ରିୟ ମାମଲା ହ୍ରାସ ପାଇ ମୋଟ ସଂକ୍ରମଣ ସଂଖ୍ୟା ମାତ୍ର ୨୧.୧୬ରେ ରହିଛି । ହସ୍ପିଟାଲର ଚିକିତ୍ସା ସୁବିଧାରେ ଉନ୍ନତି, ଘରୋଇ ଏକାନ୍ତବାସରେ ଥିବା ରୋଗୀମାନଙ୍କ ତଦାରଖ, ଆମ୍ବୁଲାନ୍ସ ବ୍ୟବସ୍ଥାର ସୁପରିଚାଳନା, ନୂଆଦିଲ୍ଲୀସ୍ଥିତ ଏମ୍ସ ବିଶେଷଜ୍ଞଙ୍କ ଦ୍ୱାରା ସ୍ୱତନ୍ତ୍ର ପରାମର୍ଶ ଯୋଗୁଁ ଏହି ସୁସ୍ଥତା ହାରର ବୃଦ୍ଧି ସମ୍ଭବ ହୋଇଛି । ଏହିସବୁ ସୁଚିନ୍ତିତ ପଦକ୍ଷେପ ବଳରେ ବିଶ୍ୱରେ ସଂକ୍ରମଣ ତୁଳନାରେ ମୃତ୍ୟୁ ହାର ୩.୩ ଥିବା ବେଳେ ଆମ ଦେଶରେ ଆଜି ଏହା ୧.୭୫ ପ୍ରତିଶତରେ ରହିଛି ।

## ଜୟଦେବ ପୁରସ୍କାର ଅର୍ଥରାଶି ବୃଦ୍ଧି ପାଇଁ ଦାବି

ଭୁବନେଶ୍ୱର,୩।୯ (ନି.ପ୍ର): ରାଜ୍ୟ ସରକାରଙ୍କ ଐତିହ୍ୟ କ୍ୟାବିନେଟ୍ ବୈଠକରେ ସାହିତ୍ୟ ଏକାଡେମୀ, ସଂଗୀତ ନାଟକ ଏକାଡେମୀ, ଲଳିତକଳା ଏକାଡେମୀର ସର୍ବୋଚ୍ଚ ପୁରସ୍କାର ରାଶି ପରିମାଣ ଏକ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ଏକାଡେମୀ ଗୁଡ଼ିକର ପୁରସ୍କାର ବାବଦ ଅର୍ଥ ୫୦ ହଜାରରୁ ୨ ଲକ୍ଷ ଟଙ୍କାକୁ ବଢ଼ାଇବାକୁ ନିଷ୍ପତି ହୋଇଛି। ସରକାରଙ୍କ ଏହି ନିଷ୍ପତିକୁ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍ ସ୍ୱାଗତ କରିଥିବା ▶▶ପୃଷ୍ଠା ୭

## ବଗଲା ଧର୍ମଶାଳା ପାଇଁ ବିଜେପିର ଅନଲାଇନ୍ ପିଟିସନ ଅଭିଯାନ

### ଡିଜିଟାଲ ଦସ୍ତଖତ କରି ବଗଲା ବଂଚାଓ ଆନ୍ଦୋଳନକୁ ସମର୍ଥନ କରିବାକୁ ଆହ୍ୱାନ ଦେଲେ ରାଜ୍ୟ ସଭାପତି

ପୁରୀ/ଭୁବନେଶ୍ୱର,୩।୯ (ନି.ପ୍ର): ପୁରୀରେ ଥିବା ବଗଲା ଧର୍ମଶାଳାକୁ ରାଜ୍ୟସରକାର ଓ ଜିଲ୍ଲାପ୍ରଶାସନ ବେଆଇନ ଭାବେ ପ୍ଲଟିଂ କରି ବିକ୍ରି କରିଛନ୍ତି । ଏହା ବିରୁଦ୍ଧରେ ବିଜେପି ପକ୍ଷରୁ ଅନଲାଇନ୍ ପିଟିସନ ତଥା ଡିଜିଟାଲ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି । ଏହି ଅନଲାଇନ ପିଟିସନକୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ବଗଳା ଧର୍ମଶାଳା ସମ୍ମୁଖରେ ଉନ୍ମୋଚନ କରିଛନ୍ତି । ଏହି ଅଭିଯାନରେ ବିଶ୍ୱରେ ଥିବା




କୋଟି କୋଟି ଜଗନ୍ନାଥପ୍ରେମୀ ସୋସିଆଲ ମିଡିଆ ମାଧ୍ୟମରେ ନିଜର ଡିଜିଟାଲ ଦସ୍ତଖତ କରି 'ବଗଲା ବଂଚାଓ ଆନ୍ଦୋଳନ'କୁ ସମର୍ଥନ କରିବା ପାଇଁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି । ୧୯୦୫ ମସିହାରେ ଗରିବ ଲୋକ ଏବଂ ତୀର୍ଥଯାତ୍ରୀଙ୍କ ପାଇଁ ପୁରୀରେ ବଗଲା ଧର୍ମଶାଳା ନିର୍ମାଣ ହୋଇଥିଲା । କହ୍ନେଇ ଲାଲ ବଗଲା ଏହାକୁ ଦାନରେ ଦେଇଥିଲେ । ଜଗନ୍ନାଥ ସଂସ୍କୃତିର ଅଭିନ୍ନ ଅଙ୍ଗ ହେଉଛି ବଗଲା ଧର୍ମଶାଳା । ▶▶ପୃଷ୍ଠା ୭

## ଗୋଟିଏ ଦିନରେ ୩୬୩୧ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୧୧୩୪୧୧କୁ ବୃଦ୍ଧି

ଭୁବନେଶ୍ୱର,୩।୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୬୩୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୩୪୧୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୮୪୦୭୩ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୮୭୬୩ ରହିଛି । ଆଜି ଚିହ୍ନଟ ହୋଇଥିବା ୩୬୩୧ ଜଣଙ୍କ ମଧ୍ୟରୁ ୨୨୪୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୧୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ୭୨୨ ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୪୧ , ବାଲେଶ୍ୱର ଜିଲ୍ଲାରେ ୧୧୪ ଜଣ, ବରଗଡ ଜିଲ୍ଲାରେ ୨୩୮, ଭଦ୍ରକ ଜିଲ୍ଲାରେ ୧୮୬, ବୌଦ୍ଧ ଜିଲ୍ଲାରେ ୨୭, ବଲାଙ୍ଗିର ▶▶ପୃଷ୍ଠା ୭

# ଟିମ୍ ହ୍ୟୁମାନିଟି ଓ ଅଗ୍ନିଶମ ବାହିନିକୁ କରୋନା ଯୋଦ୍ଧା ସମ୍ମାନ

କନ୍ଧମାଳ,୩।୯ (ନି.ପ୍ର): ମହାମାରୀ କୋଭିଡ୍‌କୁ ହରାଇବା ପାଇଁ ଦୀର୍ଘଦିନ ହେଲା କନ୍ଧମାଳ ଜିଲାର ସମସ୍ତ ଅଗ୍ନିଶମ ବାହିନିର କର୍ମଚାରୀ ଦିନରାତି ଏକ କରି ଲୋକଙ୍କ ସେବା ଯୋଗାଉଛନ୍ତି । କର୍ମଚାରୀ ମାନଙ୍କର କାର୍ଯ୍ୟକୁ ବିଭିନ୍ନ ମହଲରେ ମଧ୍ୟ ପ୍ରଶଂସା କରାଯାଇଛି । ସେହିପରି ସେମାନଙ୍କ କନ୍ଧରେ କାନ୍ଧ ମିଶାଇ ଜିଲ୍ଲାରେ ସମାଜ ସେବା କାର୍ଯ୍ୟରେ ନିଜକୁ ନୋୟୋଜିତ କରିଥିବା କନ୍ଧମାଳ ଟିମ୍ ହ୍ୟୁମାନିଟିର ସଦସ୍ୟ ମାନେ ମଧ୍ୟ କାର୍ଯ୍ୟ ସବୁ ରାତିଦିନ ଖାଇବା ପିଇବା ଭୁଲି ଏହି ସେବା ଦେଇ ଆସୁଛନ୍ତି । ତେବେ କେବଳ କୋଭିଡ୍ ପାଇଁ ନୁହେଁ , ନିକଟରେ ହୋଇଥିବା ଲଗାଣ ବର୍ଷରେ ଫୁଲବାଣୀ ସହରର ବିଭିନ୍ନ ଯାସଗାରେ ବହୁ ସଂଖ୍ୟାରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିବା ବେଳେ ତାହାକୁ ମଧ୍ୟ ଅଳ୍ପ ସମୟ ଭିତରେ ମଧ୍ୟରେ କର୍ମଚାରୀ ମାନେ ସଫା କରିଥିବାବେଳେ ସେମାନଙ୍କୁ ଏଥିରେ ନିରନ୍ତର ଭାବରେ ସେମାନଙ୍କୁ ସହାୟତା କରିଥିଲେ କନ୍ଧମାଳ ଟିମ୍ ହ୍ୟୁମାନିଟିର ସଦସ୍ୟ । ସେମାନଙ୍କର ଏହି ଭଳି ଜନ ସେବା ପାଇଁ ନିରନ୍ତର ଭାବରେ ଆନ୍ତରିକତା ଯୋଗୁଁ ସ୍ୱାୟତଶାସନ ଦିବସ ଅବସରରେ ଫୁଲବାଣୀ ପୌରପରିଷଦ ପକ୍ଷରୁ ଅଗ୍ନିଶମ ବାହିନି ଏବଂ କନ୍ଧମାଳ ଟିମ ହ୍ୟୁମାନିଟିକୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଛି । ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଦେବ ବେହେରା ଉଭୟ ଅଗ୍ନିଶମ ବିଭାଗ ଏବଂ କନ୍ଧମାଳ ଟିମ୍ ହ୍ୟୁମାନିଟିକୁ ମାନପତ୍ର ପ୍ରଦାନ କରିଥିବା ବେଳେ ଫୁଲବାଣୀ ଅଗ୍ନିଶମ ବାହିନିର ହାବିଲ୍‌ଦାର ଚିତରଞ୍ଜନ ସାହୁ ଗ୍ରହଣ କରିଥିଲେ ସେହିପରି ଟିମ ହ୍ୟୁମାନିଟିର ସଦସ୍ୟ ମାନେ ସେଠାରେ ପହଂଚି ଏହି ସମ୍ମାନକୁ ଗ୍ରହଣ କରିଥିଲେ ।

# ଜିଏସଟି ବାବଦରେ ୧୫ ହଜାର କୋଟି ଟଙ୍କା ହରାଇବ ରାଜ୍ୟ , ସ୍ୱଷ୍ଟୀକରଣ ଦାବୀ କଲା କଂଗ୍ରେସ

ଭୁବନେଶ୍ୱର,୩।୯ (ନି.ପ୍ର): ୨୦୧୭ ଜୁଲାଇ ମାସରୁ ତରବରିଆ ଭାବେ ଜିଏସଟି ଲାଗୁ କରାଗଲା। ଏ ମଧ୍ୟରେ ଜି.ଏସ୍.ଟି. ଆଇନ୍ ପରିସରଭୁକ୍ତ ପରିଷଦ ୪୧ ଥର ବସି ସାରିଲାଣି, ଅନେକ ଟିକସରେ ଅଦଳବଦଳ ହୋଇଛି ବା ହବାରେ ଲାଗିଛି। ରାଜନୈତିକ ଉଦ୍ଦେଶ୍ୟରେ ଏହା କରାଯିବା ଫଳରେ ଟିକସ ଆଦାୟରେ ଅସ୍ଥିରତା ଦେଖା ଦେଇଛି ଓ ବଢିବାରେ ଲାଗିଛି। ଖାଉଟିଙ୍କୁ କିଛି ଲାଭ ମିଳିଲା ନାହିଁ। ସେ ସମୟରେ ରାଜ୍ୟ ସରକାର କେଉଁ ଆଧାରରେଏହାକୁ ସମର୍ଥନ କଲେ ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ମନ୍ତ୍ରୀ ଶ୍ରୀ ପଂଚାନନ କାନୁନ୍‌ଗୋ ଏକ ସାମ୍ବାଦିକ ସମ୍ମିଳନୀରେ ଜିଏସ୍‌ଟି ଆଇନ୍‌ର ସଫଳ କାର୍ଯ୍ୟକାରିତା ଓ ରାଜ୍ୟର ଜିଏସ୍‌ଟି କ୍ଷତିକୁ ନେଇ ଓଡିଶା ସରକାରଙ୍କର ରହସ୍ୟମୟ ନିରବତାକୁ ନେଇ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଯେଉଁ ରାଜ୍ୟ ୨୦୨୨ ମସିହା ପର୍ଯ୍ୟନ୍ତ ନିଜସ୍ୱ ଟିକସ ଆୟର ଅଭିବୃଦ୍ଧି ହାର ୧୪ % ଛୁଇଁବ ନାହିଁ, ତା'ର ତଫାତ୍ ପ୍ରତି ୨ ମାସ ଶେଷରେ କେନ୍ଦ୍ର ଭରଣା କରିବେ ଓ ବର୍ଷ ଶେଷରେ ସି.ଏ.ଜି.ଙ୍କ ହିସାବ ଅନୁସାରେ କମ୍ ବେଶି ସମତୁଲ ହେବାର ବ୍ୟବସ୍ଥା ମଧ୍ୟ ରହିବ ଏବଂ ଏଥିପାଇଁ ଜି.ଏସ୍.ଟି. ସେସ୍ ମଧ୍ୟ ଲାଗୁ ହେଲା। ଏହି ସେସ୍ ଏକ ସେସ୍ ଫଣ୍ଡକୁ ଗଲା। କିନ୍ତୁ ୦୧୮–୧୯, ୨୦୧୯-୨୦ ମସିହାରେ ସରକାର ଏହି ପ୍ରତିଶ୍ରୁତି ଭଙ୍ଗ କଲେ। ଫଳରେ ଅନେକ ରାଜ୍ୟ ଯଥା ପଞ୍ଜାବ, କେରଳ, ପଶ୍ଚିମବଙ୍ଗ ଏହା ବିରୁଦ୍ଧରେ ଧମକ ଦେଲେ ଏବଂ କେନ୍ଦ୍ର ବିତମନ୍ତ୍ରୀ ସୀତାରମଣ ଏହା ପର୍ଯ୍ୟାୟକ୍ରମେ ଦୁଇଗୋଟି କିସ୍ତିରେ ଭରଣା କରିବା କଥା କହିଲେ। ୨୦୧୯-୨୦ ବର୍ଷ ପାଇଁ ରାଜ୍ୟ ତା'ର ପ୍ରାପ୍ୟ ୧୨୦୦ କୋଟି ଟଙ୍କା ଏପର୍ଯ୍ୟନ୍ତ ପାଇନାହିଁ ଏବଂ ଏହାର ସ୍ୱଷ୍ଟୀକରଣ ରାଜ୍ୟ ସରକାର ଦେବା ଉଚିତ୍। ଚଳିତବର୍ଷ ୪ ମାସ ଅର୍ଥାତ୍ ଦୁଇଟି କିସ୍ତି ବାବଦରେ ରାଜ୍ୟର ପ୍ରାପ୍ୟ ୫ ହଜାର ୫୦୦ କୋଟି ଟଙ୍କା ବାକି ଅଛି। ଅନ୍ୟ ରାଜ୍ୟମାନେ ସିଧାସଳଖ ଭାବେ ଏହି ଟଙ୍କା ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ କେନ୍ଦ୍ର ସରକାର ଦେବାକୁ ଦାବି କରିଛନ୍ତି। ତେବେ ରାଜ୍ୟ ସରକାର ଭାରତର ଅନ୍ୟ ଭାଜପା ସରକାରଙ୍କ ପରି ସଂପୂର୍ଣ୍ଣ ନିରବ ଅଛନ୍ତି କାହିଁକି ? ଏ ବାବଦରେ ଏ ବର୍ଷ ରାଜ୍ୟକୁ ୧୫ ହଜାର କୋଟି ଟଙ୍କା ହରାଇବାକୁ ପଡିବ। ଅନ୍ୟ ଏକ ବିସ୍ମୟକର କଥା ହେଉଛି ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଅର୍ଥ କମିଶନ ରାଜ୍ୟମାନଙ୍କରେ ୪୨% ଆବଂଟନ ପ୍ରକ୍ରିୟା ଚାଲୁ ରଖିଥିଲେ। ବର୍ତ୍ତମାନର କେନ୍ଦ୍ର ସରକାର ଏଥିରୁ ୧% କାଢି ନେଉଛନ୍ତି। ଏଥିପାଇଁ ରାଜ୍ୟ ସରକାର ପ୍ରତିବାଦ କରିବେ କି ? ଏ ଅର୍ଥ କିଭଳି ଭରଣା ହେବ ତା'ର ସ୍ୱଷ୍ଟୀକରଣ ରାଜ୍ୟ ସରକାର ରାଜ୍ୟବାସୀଙ୍କ ସମ୍ମୁଖରେ ରଖନ୍ତୁ। ନିକଟ ଅତୀତରେ ଅର୍ଥ ବ୍ୟାପାର ସଂସଦୀୟ କମିଟି ଆଗରେ କେନ୍ଦ୍ର ଅର୍ଥ ସଚିବ ଜିଏସ୍‌ଟି କ୍ଷତିପୂରଣ ରାଶି ରାଜ୍ୟମାନଙ୍କୁ ଦେବାପାଇଁ ସିଧାସଳଖ ମନା କରିଥିଲେ। ରାଜ୍ୟମାନଙ୍କୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ ଏବଂ ରିଜର୍ଭ ବ୍ୟାଙ୍କ ଅଥବା ଖୋଲା ବଜାରରୁ ଋଣ ନେଇ ରାଜ୍ୟ ସରକାର ତାଙ୍କର ନିଅଂଟିଆ ଅର୍ଥ ବ୍ୟବସ୍ଥାକୁ ସଜାଡନ୍ତୁବୋଲି କହିଥିଲେ। ଏହା ଖୋଲାଖୋଲି ଭାବରେ ଜିଏସ୍‌ଟି ଆଇନ୍‌ର ଉଲ୍ଲଙ୍ଘନ ଏବଂ ରାଜ୍ୟର ନ୍ୟାଯ୍ୟ ଆର୍ଥିକ ଦାବି ପ୍ରତି ଶକ୍ତ କୁଠାରଘାତ। ଓଡିଶା ସରକାର ଏହା ବିରୁଦ୍ଧରେ ତୁରନ୍ତ ସ୍ୱର ଉତୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ କଂଗ୍ରେସ ମୁଖପାତ୍ର ପ୍ରଶାନ୍ତ ଶତପଥି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଜ୍ଞାନଦେବ ବେଉରା, ପ୍ରଶାନ୍ତ ଶତପଥି, ଚିନ୍ମୟ ସୁନ୍ଦର ଦାସ, ଦୀପକ ମହାପାତ୍ର ଓ ସଂଜୀବ ମହାନ୍ତି ଉପସ୍ଥିତ ଥିଲେ।

# ଗାଧୋଇବାକୁ ଯାଇ ପଥର ସନ୍ଧିରେ ଫଂଶିଗଲା ଗୋଡ଼ : ଅଗ୍ନିଶମ ବାହିନୀର ଅଢ଼େଇ ଘଂଟାର ଉଦ୍ୟମ ପରେ ୫ ବର୍ଷିୟ ଶିଶୁପୁତ୍ର ଉଦ୍ଧାର

ବୌଦ୍ଧ,୩।୯ (ନି.ପ୍ର): ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅନ୍ତର୍ଗତ ବୁରୁବୁଡ଼ା ଗ୍ରାମରେ ପାହାଡ଼ି ନାଳକୁ ଗାଧୋଇବାକୁ ଯାଇ ପଥର ସନ୍ଧିରେ ଏକ ୫ ବର୍ଷିୟ ଶିଶୁପୁତ୍ରର ଗୋଡ଼ ଫଂଶି ରହିଯାଇଥିଲା । ତେବେ ଦୀର୍ଘ ଅଢ଼େଇ ଘଂଟାର ପ୍ରଚେଷ୍ଟା ପରେ ଶିଶୁଟିକୁ ଅଗ୍ନିଶମ ବାହିନୀ ଉଦ୍ଧାର କରିବାରେ ସଫଳ ହୋଇଛି । ଏନେଇ ସୂଚନା ଦେଇଛନ୍ତି ଅଗ୍ନିଶମ ଡ଼ିଜି ସତ୍ୟଜିତ୍ ମହାନ୍ତି । ଆଜି ସକାଳେ ଶିଶୁପୁତ୍ର ନୀଳମଣି ନାୟକ କିଛି ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ନାଳକୁ ଯାଇଥିଲା । ତେବେ ଅସାବଧାନତାବଶତଃ ତାର ଗୋଡ଼ ପଥର ସନ୍ଧିରେ ଫଂଶି ରହିଯାଇଥିଲା । ସାଙ୍ଗମାନେ ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଜଣାଇବା ପରେ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା ।

### ଆନ୍ଧ୍ର ଓଡିଶା ସୀମାନ୍ତରେ ପୋଲିସ ଜୁଲମ ପ୍ରତିବାଦରେ ପ୍ରଜାମେଳି

ମାଲକାନଗିରି,୩।୯ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ରାଲେଗଡ଼ା ପଂଚାୟତ ସୀମାନ୍ତ ଆନ୍ଧ୍ର ପ୍ରଦେଶ ରାଜ୍ୟ ବିଶାଖାପାଟନମ ଜିଲ୍ଲା ପେଦାବାଇଲୁ ଥାନା ଇଂଜିଲିଠାରେ ପୋଲିସ ଜୁଲମ ପ୍ରତିବାଦରେ ଏକ ପ୍ରଜାମେଳି ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶା ଓ ଆନ୍ଧ୍ରର ବିଭିନ୍ନ ଗ୍ରାମରୁ ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ । ଏହି ମେଳିରେ ପୋଲିସ ମାଓବାଦୀ ଦର୍ଶାଇ ନେଇ ଯାଇଥିବା ଚାରି ଜଣଙ୍କୁ ତୁରନ୍ତ ମୁକ୍ତ କରି ଛାଡିବା ପାଇଁ ଦାବି କରିଥିଲେ ।

# ଡ଼କାୟତି ଗ୍ୟାଙ୍ଗର ୯ ଗିରଫ : ଖେଳନା ବନ୍ଧୁକ ଓ ସିଆରପିଏଫ ପୋଷାକ ଜବତ

କନ୍ଧମାଳ,୩।୯ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ- କୋଟଗଡ଼ ରାସ୍ତାରେ ଯାଉଥିବା ବିଭିନ୍ନ ଯାନବାହନ ଓ ଯାତ୍ରୀଙ୍କୁ ଅଟକାଇ ବିଭିନ୍ନ ମାରଣାସ୍ତ୍ର ଦେଖାଇ ସେମାନଙ୍କୁ ଲୁଟ୍ କରୁଥିବା ଏକ ନଅ ଜଣିଆ ଡ଼କାୟତ ଦଳକୁ ତୁମୁଡ଼ିବନ୍ଧ ଥାନା ପୋଲିସ ଗିରଫ କରିଛି । ସେମାନଙ୍କ ନିକଟରୁ ଏକ ମୋଟରସାଇକେଲ, ତିନୋଟି ମୋବାଇଲ୍, ନଗଦ ୧୨ ହଜାର ଟଙ୍କା, ଦୁଇଟି ଛୁରୀ, ଦୁଇ ହଳ ସିଆରପିଏଫ ପୋଷାକ ଜବତ କରିଛି ପୋଲିସ । ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି । ଅଭିଯୁକ୍ତ ମାନେ ତୁମୁଡ଼ିବନ୍ଧର ଏକ ନିର୍ଦ୍ଦିଷ୍ଟ ଅଂଚଳର ହୋଇଥିବାରୁ ସେମାନଙ୍କର ପରିବାର ଲୋକେ ଗିରଫଦାରୀକୁ ବିରୋଧ କରିବା ସହ ତୁମୁଡ଼ିବନ୍ଧ ଥାନା ସମ୍ମୁଖରେ ଆସି ପାଟିତୁଣ୍ଡ କରୁଥିବା ଦେଖିବାକୁ ମିଳିଥିଲା । ସୂଚନା ଅନୁସାରେ, ଗତକାଲି ଆନ୍ଧ୍ରପ୍ରଦେଶରୁ ଲୁହା ପାଇପ୍ ବୋଝେଇ କରି ଏକ ଟ୍ରକ୍ ଆସୁଥିବା ବେଳେ ତୁମୁଡ଼ିବନ୍ଧ- କୋଟଗଡ଼ ରାସ୍ତାର ଏକ ମଶାଣି ନିକଟରେ ଦୁର୍ବୃତ ମାନେ ପ୍ରଥମେ ଟ୍ରକ୍ କୁ ପଥର ଫିଙ୍ଗିଥିଲେ । ଫଳରେ ପଥର ବାଜି ଡ୍ରାଇଭରର ମୁଣ୍ଡ ଫାଟି ଯାଇଥିଲା ଏବଂ ସେ ସେଠାରେ ଅଚେତ୍ ହୋଇଯାଇଥିଲେ । ଏହି ସମୟରେ ହଠାତ୍ ପଛରୁ ଆଉ ଏକ ଟ୍ରକ୍ ଆସିବାରୁ ଏହି ଡ଼କାୟତ ଦଳ ଲୁଟ୍ କରିବାରେ ବିଫଳ ହୋଇଥିଲେ । ଆହତ ଡ୍ରାଇଭର ଜଣଙ୍କୁ ତୁମୁଡ଼ିବନ୍ଧ ମେଡ଼ିକାଲରେ ଭର୍ତି କରାଯାଇଥିଲା । ଏନେଇ ଅଭିଯୋଗକାରୀ କୃଷ୍ଣଚନ୍ଦ୍ର ପାଣ୍ଡବଙ୍କ ପକ୍ଷରୁ ତୁମୁଡ଼ିବନ୍ଧ ଥାନାରେ ଏକ ଏତଲା ଦାୟର୍ ହୋଇଛି । ଅଭିଯୋଗକୁ ଭିତି କରି ପୋଲିସ ଏ ସଂକ୍ରାନ୍ତରେ ୬୭/୨୦ ରେ ଏକ ମାମଲା ରୁଜୁ କରିବା ସହ ଏହି ନଅ ଜଣିଆ ଡ଼କାୟତି ଗ୍ୟାଙ୍ଗର ସଦସ୍ୟ ମାନଙ୍କୁ ସମ୍ପୃକ୍ତ ଅଂଚଳର ବିଭିନ୍ନ ସ୍ଥାନରୁ ଗିରଫ କରିଛି । ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ କୋରାପୁଟ, ଜୟପୁର, ଭବାନୀପାଟଣା ଆଦି ରୁଟ୍ ରେ ଯାଉଥିବା ଗାଡ଼ି ଗୁଡିକୁ ଅଟକାଇ ଲୁଟ୍ କରାଯାଉଥିବା ନେଇ ସମାନ ଅଭିଯୋଗ ଆସିଥିଲା । ଏପରିକି ଏ ବାବଦରେ ପୂର୍ବରୁ ତୁମୁଡ଼ିବନ୍ଧ ଥାନାରେ ମାମଲା ରୁଜୁ ହୋଇଥିଲା । ଦାୟୀତ୍ୱରେ ଥିବା ଥାନା ଅଧିକାରୀ ଅଲେଖ ଗରଡ଼ିଆଙ୍କ ନେତୃତ୍ୱରେ ତଦନ୍ତକାରୀ ଅଧିକାରୀ ଜୟନ୍ତ କୁମାର ସେଠୀ ସଦଳବଳେ ସେହି ଅଂଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏହି ଡ଼କାୟତି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଥିଲେ ।

# କାଠ ପୋଲ ଭରଷାରେ ପାଟଦହରାବାସୀ, ଅତିଶୀଘ୍ର ପୋଲ ନିର୍ମାଣ କରିବାକୁ ଦାବୀ

ନୂଆପଡା,୩।୯ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକ ଭଇଷାଦାନୀ ପଂଚାୟତ ଅନ୍ତର୍ଗତ ପଟଦହରା ଗ୍ରାମକୁ ସଂଯୋଗ କରୁଥିବା ନାଳରେ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି । ଅନୁନ୍ନତ ପାଟଦହରା ଅ ଳ ପାର୍ବତ୍ୟାଂଚଳ ମଧ୍ୟରେ ରହିଥିବା ବେଳେ ସେମାନେ ସାଧାରଣ ମୌଳିକ ସୁବିଧା ସୁଯୋଗରୁ ବଂଚିତ ରହିଛନ୍ତି । ଏପରିକି ଏହି ଅଂଚଳବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ ଭଳି ମୌଳିକ ସୁବିଧା ସୁଯୋଗରୁ ବଂଚିତ ରହିଛନ୍ତି । ଫଳରେ ଏହି ଅଂଚଳବାସୀ ଅନ୍ଧାରୀମୂଳକ ଜୀବନ ବିତାଉଥିବା ଅଭିଯୋଗ କରିଛନ୍ତି । ତଥାପି ପ୍ରଶାସନିକ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ କରାଯାଉନାହିଁ । ବିଶେଷ କରି ବର୍ଷା ମାସରେ ପାଟଦହରା ଅ ଳବାସୀଙ୍କ ପାଇଁ ସେମାନଙ୍କ ଦୂର୍ଦ୍ଦଶା ଦ୍ୱିଗୁଣିତ ହୋଇଯାଇଥାଏ । କାରଣ ଏହି ଅ ଳବାସୀ ଏକ ନାଳ ପାରି ହୋଇ ସେମାନେ ସେମାନଙ୍କ ପ ାୟତ ଭଇଷାଦାନୀ ସହ ବ୍ଲକ ମୁଖ୍ୟାଳୟ ବୋଡେନକୁ ଆସିଥାନ୍ତି । ଏହି ନାଳ କାରଣରୁ ଗର୍ଭବତୀ ମହିଳା ଏବଂ ବୃଦ୍ଧବୃଦ୍ଧାଙ୍କ ପାଇଁ ଯନ୍ତ୍ରଣା ବଢି ଯାଇଥାଏ । ତଥାପି ପ୍ରଶାସନିକ ଉଦାସିନତା କାରଣରୁ ଗ୍ରାମବାସୀ ଏକ କାଠ ପୋଲ ନିର୍ମାଣ କରି ଅତି ବିପଦ୍‌ଜନକ ଭାବରେ ଯାତାୟତ କରିଥାନ୍ତି । ଅଂଚଳବାସୀ ଦୀର୍ଘ ବର୍ଷରୁ ଏକ ପୋଲ ନିର୍ମାଣ ନେଇ ଦାବୀ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନଥିବାରୁ ଅଂଚଳରେ ଅସନ୍ତୋଷ ଦେଖାଦେଇଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଲୋକଙ୍କ ସମସ୍ୟାକୁ ଅନୁଭବ କରି ଅତିଶିଘ୍ର ଏକ ପୋଲ ନିର୍ମାଣ କରିବାକୁ ଦାବୀ ହେଉଛି ।

# ଅପେରସନ ପରେବି ବିକ୍ରମର ଯନ୍ତ୍ରଣା କମୁନାହିଁ, ଆଙ୍ଗୁଠି ବଙ୍କା ହେବାରେ ଲାଗିଛି

ମାଲକାନଗିରି,୩।୯ (ନି.ପ୍ର): ଦୁଇଥର ଅପରେସନ ପରେ ବି ତିନିବର୍ଷର ଶିଶୁର ଯନ୍ତ୍ରଣା କମୁନି । ଦିନକୁ ଦିନ ଆଙ୍ଗୁଠିଗୁଡିକ ବଙ୍କିଯାଉଛି । ପାଠପଢା ଦୂରରେ ଥାଉ ହାତରେ କୌଣସି ଜିନିଷ ଧରିପାରୁନି । ବାହାରକୁ ନେଇ ଅଧିକ ଚିକିତ୍ସା କରିବାକୁ ବାପା ମାଆ ପାଖରେ ଟଙ୍କା ନାହିଁ । ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ପୁଷ୍ପଗୁଡା ପଂଚାୟତ ଏମପି - ୭୮ ଗାଁରେ । ଶିଶୁ ଟି ହେଲା ବିକାଶ ମଣ୍ଡଳ ଓ ଶିବାନୀଙ୍କ ଏକମାତ୍ର ପୁଅ ବିକ୍ରମ । ସରକାର ଅବା କେହି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢ଼ାଇବାକୁ ପରିବାର ଓ ଗ୍ରାମବାସୀ ନିବେଦନ କରିଛନ୍ତି । ଦୀର୍ଘ ୯ ମାସ ତଳେ ପିଲାଟି ଅସାବଧାନତା ଯୋଗୁ ଚୁଲିରେ ପଡ଼ିଯାଇଥିଲା । ନିଆଁ ଲାଗି ଦୁଇହାତ ଓ ଶରୀରର ଅନ୍ୟ କିଛି ଅଂଶ ପୋଡି ଯାଇଥିଲା । ଗୁରୁତର ଅବସ୍ଥାରେ ପରିବାର ଲୋକେ ପିଲାଟିକୁ ସ୍ଥାନୀୟ ମେଡିକାଲରେ ଭର୍ତି କରିଥିଲେ । ଚିକିତ୍ସା ପରେ ପିଲାଟିର ସ୍ୱାସ୍ଥ୍ୟାବସ୍ଥାରେ କିଛି ସୁଧାର ଆସିଲା ନାହିଁ । ବାହାରକୁ ନେଇ ଚିକିତ୍ସା କରିବାକୁ ଟଙ୍କା ନଥିବାରୁ ଘରଲୋକେ କିଛି ଆସବାପତ୍ର ବିକ୍ରିକରି ପୁଅକୁ ପଡୋଶୀ ତେଲେଙ୍ଗାନାରାଜ୍ୟ ଭଦ୍ରାଚଳମ ମେଡି କାଲରେ ଭର୍ତି କରିଥିଲେ । ଚିକିତ୍ସା ପରେ ସେଠାରେ ଡାକ୍ତର ପିଲାଟିର ଦୁଇହାତର ଅପରେସନ କରାଯିବ ବୋଲି କହିଥିଲେ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ବିକ୍ରମ ର ଦୁଇହାତରେ ଅସ୍ତ୍ରୋପଚାର କରାଯାଇଥିଲା । ସୁସ୍ଥ ହୋଇଯିବ ଭାବିପରିବାର ଲୋକେ ଶିଶୁଟିକୁ ଧରି ଘରକୁ ଚାଲି ଆସିଥିଲେ । କିଛିଦିନ ପରେ ତାର ଆଙ୍ଗୁଠିଗୁଡିକ ଧୀରେଧୀରେ ବଙ୍କା ହେବାରେ ଲାଗିଲା । ବାପା ଓ ମାଆ ଏଥିରେ ବିଚଳିତ ହୋଇ ପୁଣି ପିଲାଟିକୁ ଭଦ୍ରାଚଳମ ମେଡିକାଲକୁ ନେଇଥିଲେ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଧାରଉଧାର କରି ପୁନର୍ବାର ପିଲାଟିର ହାତ ଅପରେସନ କରାଯାଇଥିଲା । ଶିଶୁଟିର ଦୁଇ ଥର ଅପରେସନ ପରେ ପରିବାର ଏକପ୍ରକାର ତଳିତଳାନ୍ତ ହୋଇଯାଇଛନ୍ତି । ବାପା ମାଅ ଉଭୟେ ମୂଲଲାଗି ପରିବାର ଚଳାଉଛନ୍ତି । ଏବେ ପୁଣି ପିଲାଟିର ଆଙ୍ଗୁଠିଗୁଡିକ ପୂର୍ବଭଳି ବଙ୍କା ହେବାରେ ଲାଗିଛି । ଯନ୍ତ୍ରଣା ସହି ନପାରି ଶିଶୁଟି ରାହା ଧରି କାନ୍ଦୁଛି । କୌଣସି ଜିନିଷ ହାତରେ ଧରିପାରୁନି । ସ୍ଥାନୀୟ ଅଙ୍ଗନବାଡିରେ ନାଁ ଲେଖା ହୋଇଥିଲେ ହେଁ ଶିଶୁଟି ସିଲଟ , ଖଡି ହାତରେ ଧରିପାରୁନି । ପାଖରେ ଆଉ ଟଙ୍କା ନଥିବାରୁ ଶିଶୁଟିକୁ ବାହାରକୁ ନେଇ ଚିକିତ୍ସା କରାଇବାକୁ ପରିବାର ସମ୍ପୂର୍ଣ୍ଣ ଅସମର୍ଥ ହୋଇପଡିଛି । ଶିଶୁଟି ଏକପ୍ରକାର ଦିବ୍ୟାଙ୍ଗ ପାଲଟି ଯାଇଥିବାରୁ ପରିବାରର ଚିନ୍ତା ବଢିଯାଇଛି । ପ୍ରଶାସନ ପକ୍ଷରୁ ଏହି ପରିବାରକୁ ଆଜିଯାଏ କୌଣସି ପ୍ରକାର ସହାୟତା ମିଳି ନାହିଁ । କିଛି ସରକାରୀ ସହାୟତା ଅବା କୌଣସି ସହୃଦୟ ବ୍ୟକ୍ତିଙ୍କ ସାହାଯ୍ୟ ମିଳିଲେ ବାହାରକୁ ଶିଶୁଟିକୁ ନେଇ ଅଧିକ ଚିକିତ୍ସା କରାଇବେ ବୋଲି ପରିବାର ଲୋକେ ଆଶା ପୋଷଣ କରିଛନ୍ତି । ଏଥିପାଇଁ ଉଭୟ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି ।

# ୫ ବର୍ଷର ବାଳକର ଗୋଡ ନଦୀ ପଥରରେ ଫଂସିଲା: ୪ଘଂଟା ପରେ ଉଦ୍ଧାର, ଯାହାକୁ ରଖିବେ ଅନନ୍ତ

ବୌଦ୍ଧ,୩।୯ (ନି.ପ୍ର): 'ଯାହାକୁ ରଖିବେ ଅନନ୍ତ' ଏହି ଉକ୍ତିଟି ବୌଦ୍ଧ ଜିଲାରେ ଆଜି ସତ୍ୟ ପ୍ରମାଣିତ ହୋଇଛି । ଜଣେ ୫ ବର୍ଷର ବାଳକ ନଦୀରେ ଗାଧୋଉଥିବା ବେଳେ ଗୋଡ ନଦୀ ପଥରରେ ଫସିଗଲା ଓ ଓଡ୍ରାଫ୍ଟ ଟିମର ୪ଘଂଟା ପ୍ରୟାସ ପରେ ବାଳକକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ଦିର୍ଘସମୟ ଧରି ନଦୀର ପ୍ରଖର ସ୍ରୋତରେ ବାଳକଟି ଜୀବନ୍ତ ଭାବେ ଫସି ରହିବା ଏବଂ ପ୍ରତିକୁଳ ଅବସ୍ଥାରେ ତାକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ବୁରୁବୁଡା ଗ୍ରାମର ସାରସ୍ୱତ ନାୟକଙ୍କ ୫ ବର୍ଷର ପୁଅ ନିଳମଣୀ ନାୟକ ନିଜ ସାଙ୍ଗମାନଙ୍କ ସହିତ ନଦୀକୁ ଗାଧୋଇବାକୁ ଯାଇଥିଲା । ଗାଁ ପାର୍ଶ୍ୱରେ ପ୍ରବାହିତ ଲକ୍ଷ୍ମୀନାଳରେ ଗାଧୋଉଥିବା ସମୟରେ ଅଜାଣତରେ ବାଳକର ଗୋଟିଏ ଗୋଡ ପଥର ଫାଙ୍କରେ ଗଳି ଫସିଯାଇଥିଲା । ବାଳକର ଚିତ୍କାର ଶୁଣି ଗ୍ରାମବାସୀମାନେ ଆସି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଉଦ୍ଧାର କରିବାକୁ ଅନେକ ପ୍ରୟାସ କଲେ ମଧ ସଫଳ ନହେବା ପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା । ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ ଘଟଣାସ୍ଥଳରେ ପହଁଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ନଦୀର ପ୍ରଖର ସ୍ରୋତରେ ଜେସିବି ମେସିନ ଓ ଅନ୍ୟାନ୍ୟ ଉପକରଣର ସହାୟତା ରେ ପ୍ରତିକୁଳ ଅବସ୍ଥାରେ ୪ ଘଂଟା ପ୍ରୟାସ କରିବା ପରେ ବାଳକକୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ । ବାଳକର ସ୍ୱାସ୍ଥ୍ୟ ଭଲ ଥିବା ସହ ପୁରୁଣାକଟକ ଡାକ୍ତରଖାନାରେ ତାର ଚିକିତ୍ସା କରାଯାଉଛି । ବାଳକର ଧୈର୍ଯ୍ୟ ଓ ଅଗ୍ନିଶମ ବାହିନୀର ଯବାନ ମାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ସମ୍ଭବ ହୋଇପାରିଛି ।

# କେନ୍ଦୁଝର ଜିଲ୍ଲାରେ ଧରାପଡିଲେ ୧୨ ଜଣ ବି.ଇ.ଡି ଡିଗ୍ରୀ ଧାରୀ ନକଲି ଶିକ୍ଷକ : ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ

କେନ୍ଦୁଝର,୩।୯ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଯାଂଚ ସମୟରେ ଧରାପଡିଛନ୍ତି ଜାଲ ପ୍ରମାଣ ପତ୍ର ଦେଇ ଚାକିରୀ କରୁଥିବା ବାର ଜଣ ବି.ଇ.ଡି ଡିଗ୍ରୀଧାରୀ ଚୁକ୍ତି ଭିତିକ ଶିକ୍ଷକ । ପ୍ରଚଳିତ ଶିକ୍ଷା ବିଭାଗର ବିଧି ବ୍ୟବସ୍ଥାନୁସାରେ ନିଯୁକ୍ତିପ୍ରାପ୍ତ ଚୁକ୍ତି ଭିତିକ ଶିକ୍ଷକ ମାନେ ତିନି ବର୍ଷ ଚାକିରୀ ସଂପୂର୍ଣ୍ଣ କରିବା ପରେ କନିଷ୍ଠ ଶିକ୍ଷକ ର ମାନ୍ୟତା ପାଇବାର ଯୋଗ୍ୟତା ପାଇଥାଆନ୍ତି । ଏହି କ୍ରମରେ କେନ୍ଦୁଝର ଜିଲ୍ଲାରେ ଶିକ୍ଷକ ମାନଙ୍କର ପ୍ରମାଣ ପତ୍ର ଯାଂଚ ଚାଲୁଥିବା ସମୟରେ ୧୨ ଜଣ ଶିକ୍ଷକ ଦାଖଲ କରିଥିବା ସେମାନଙ୍କର ପ୍ରମାଣ ପତ୍ର ଜାଲ ବୋଲି ଜଣାପଡିଥିଲା । ଏହି ଶିକ୍ଷକ ମାନେ ଦାଖଲ କରିଥିବା ପ୍ରମାଣ ପତ୍ର କୁରୁକ୍ଷେତ୍ର , ଗୌହାଟି ଓ ବୁନ୍ଦେଲଖଣ୍ଡ ଆଦି ୟୁନିଭରସିଟି ର ବୋଲି ଜଣାପଡିଥିଲା । ଏହି ବାର ଜଣ ଶିକ୍ଷକଙ୍କ ମଧ୍ୟରେ ଚାରି ଜଣ ମହିଳା ଓ ଆଠ ଜଣ ପୁରୁଷ ଶିକ୍ଷକ ରହିଛନ୍ତି । ଏମାନେ ସମସ୍ତେ ଏବେ କେନ୍ଦୁଝର ଜିଲ୍ଲାର ଯୋଡା , ବାଂଶପାଳ , ଘଷିପୁରା ଓ ହରିଚନ୍ଦନପୁର ଇତ୍ୟାଦି ବ୍ଲକର ବିଭିନ୍ନ ସ୍କୁଲ ମାନଙ୍କରେ କାର୍ଯ୍ୟରତ ଅଛନ୍ତି । ଜିଲ୍ଲାରେ କେତେକ ଶିକ୍ଷକ ଜାଲ ପ୍ରମାଣ ପତ୍ର ଦାଖଲ କରି ଚାକିରୀ କରୁଥିବା କଥା ଜଣା ପଡିବା ପରେ ଉକ୍ତ ଅଂଚଳର ବି.ଇ.ଓ ମାନଙ୍କୁ ସଂପୃକ୍ତ ଶିକ୍ଷକ ମାନଙ୍କ ବିରୁଦ୍ଧ ରେ ତୁରନ୍ତ ଥାନାରେ ଏତଲା ଦେବାକୁ ଜିଲ୍ଲା ସର୍ବ ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ପୁର୍ଣ୍ଣ ଚନ୍ଦ୍ର ସେଠୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଘଟଣାକୁ ନେଇ ଜିଲ୍ଲାରେ ବେଶ ହଲଚଲ ସୃଷ୍ଟି ହୋଇଛି ।

# ୨୮ଟି ଗୁଡ଼ସ ସେଡକୁ ଆଉଟ ସୋର୍ସ କରାଇବ ପୂର୍ବତଟ ରେଳପଥ

ଭୁବନେଶ୍ୱର,୩।୯ (ନି.ପ୍ର): ପରିବହନ କ୍ଷେତ୍ରରେ ରେଳବାଇର ଅଂଶ ବୃଦ୍ଧି କରିବା ପାଇଁ ପୂର୍ବତଟ ରେଳପଥ ନୂତନ ଭାବେ ଆରମ୍ଭ ହୋଇଥିବା ଏହାର ବିଜନେସ ଡେଭେଲପମେଂଟ ୟୁନିଟ (ବିଡିୟୁ) ମାଧ୍ୟମରେ ବାଣିଜ୍ୟ ଏବଂ ଶିଳ୍ପ ସଂସ୍ଥା ଗୁଡିକର ନିକଟତର ହେବାକୁ ଯାଉଛି ଯାହା ଦ୍ୱାରା ଅଣ-ବହୁଳ ସାମଗ୍ରୀ ଯେଉଁ ଗୁଡିକ ରାଜପଥ ଗୁଡିକରେ ପରିବହନ କରାଯାଉଛି ସେଗୁଡିକୁ ରେଳ ମାଧ୍ୟମରେ ପରିବହନ କରିବା ପାଇଁ ଏଜେନ୍ସି ଗୁଡିକୁ ଆକୃଷ୍ଟ କରାଇବେ। ଏହି ୟୁନିଟ୍ ଗୁଡିକ ରେଳ ଦ୍ୱାରା ଗ୍ରାହକ ମାନଙ୍କ ଉତ୍ପାଦ ପରିବହନ ପାଇଁ ବାଣିଜ୍ୟ ଏବଂ ଶିଳ୍ପଗୁଡିକୁ ଆକର୍ଷିତ କରିବ ଯାହା ବର୍ତମାନ ସଡକ ଯୋଗେ ପରିବହନ କରାଯାଉଛି । ବାଣିଜ୍ୟ ଏବଂ ଶିଳ୍ପ ସଂସ୍ଥା ସହିତ ସମ୍ପ୍ରତି ପାରସ୍ପରିକ କଥାବାର୍ତାରେ ପୂର୍ବ ତଟ ରେଳପଥ ବର୍ତମାନ ଆଉଟସୋର୍ସିଂ ଆଧାରରେ ଏହାର ୨୮ ଟି ଗୁଡ୍ ସେଡ୍ ଯୋଗାଇବାକୁ ଯୋଜନା କରିଛି ଏବଂ ଉପରୋକ୍ତ ବିଷୟ ଉପରେ ଆଗ୍ରହ ପ୍ରକାଶ କରିବାକୁ କମ୍ପାନୀ ଗୁଡିକ ସହିତ ଆଲୋଚନା କରୁଛି। ବିଡିୟୁ ସଦସ୍ୟମାନେ ବର୍ତମାନ ବାଣିଜ୍ୟ ଏବଂ ଶିଳ୍ପ ସହିତ ବାରମ୍ବାର ଯୋଗାଯୋଗ କରୁଛନ୍ତି ଯାହାଦ୍ୱାରା ସେମାନେ ବର୍ତମାନର ପରିବହନ ଢାଂଚା ବିଷୟରେ ଜାଣିପାରିବେ ଏବଂ ରେଳବାଇରେ କିଭଳି ଅଧିକ ଟ୍ରାଫିକ୍ ପରିବହନ କରାଯାଇ ପାରିବ ସେଥିପାଇଁ ସଂସ୍ଥା ଗୁଡିକୁ ଆକର୍ଷିତ କରାଇବେ ଓ ଉଭୟ ଗ୍ରାହକ ଏବଂ ରେଳବାଇର ସୁବିଧା ପାଇଁ ପୂର୍ବତଟ ରେଳପଥ ବିଜନେସ ଡେଭେଲପମେଂଟ ୟୁନିଟ (ବିଡିୟୁ) ବର୍ତମାନ ବାଣିଜ୍ୟ ଏବଂ ଶିଳ୍ପରୁ ପ୍ରାପ୍ତ ପ୍ରସ୍ତାବଗୁଡ଼ିକର ଶୀଘ୍ର ବିଚାର କରିବା ସହିତ ଏହାର ସମାଧାନର ମାର୍ଗ ଦର୍ଶାଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି । ଗ୍ରାହକ ଏବଂ ଶିଳ୍ପ ସଂସ୍ଥା ସହିତ ପୂର୍ବତଟ ରେଳପଥ ବିଜନେସ ଡେଭେଲପମେଂଟ ୟୁନିଟ ବାରମ୍ବାର ପାରସ୍ପରିକ ସମନ୍ୱୟ ରକ୍ଷାକରି ବର୍ତମାନ ଚାଲୁଥିବା ପାରମ୍ପାରିକ ଦ୍ରବ୍ୟରେ ରେଳବାଇର ଅଂଶକୁ ମଜବୁତ କରିବା ପାଇଁ ପୂର୍ବତଟ ରେଳପଥ ବର୍ତମାନ ବିଭିନ୍ନ ଅଣ-ବଲ୍କ ସାମଗ୍ରୀ ଟ୍ରାଫିକ୍ ବୃଦ୍ଧି କରିବାର ଉପାୟ ଅନୁସନ୍ଧାନ କରୁଛି । ଗ୍ରାହକ, ବ୍ୟବସାୟୀ ଏବଂ ଶିଳ୍ପଗୁଡିକରୁ ପ୍ରାପ୍ତ ସମସ୍ତ ପ୍ରସ୍ତାବ ତୁରନ୍ତ ଉପଯୁକ୍ତ ସ୍ତରରେ ସମୀକ୍ଷା କରାଯାଉଛି ଯାହା ଦ୍ୱାରା ତୁରନ୍ତ ସହାୟତା ଯୋଗାଇ ଦିଆଯିବ। ଗ୍ରାହକଙ୍କୁ ଆଉଟସୋର୍ସିଂ ଆଧାରରେ ପ୍ରଦାନ କରିବାକୁ ଥିବା ପୂର୍ବତଟ ରେଳପଥର ୨୮ ଟି ଗୁଡ୍ ସେଡ୍ ଗୁଡିକ ହେଲା ଭଦ୍ରକ, କଟକ,ଧାନମଣ୍ଡଳ, ଢେଙ୍କାନାଳ, ଜଗନ୍ନାଥପୁର, ଯାଜପୁର କେନ୍ଦୁଝର ରୋଡ୍, କପିଳାସ ରୋଡ଼, ଖୋର୍ଦ୍ଧାରୋଡ୍, ନିର୍ଗୁଣ୍ଡି, ବବିଲି, ଜଗଦଲପୁର, ଜୟପୁର, ରାୟଗଡା, ଶ୍ରୀକାକୁଲମ ରୋଡ଼, ବିଶାଖାପାଟଣା ନୂତନ ଗୁଡ଼ସ କମ୍ପ୍ଲେକ୍ସ, ବିଜୟନଗରମ, ବଲାଙ୍ଗୀର, ବରଗଡ ରୋଡ୍, ବେଲସୋଣ୍ଡା, ଡୁଙ୍ଗ୍ରିପାଲ୍ଲୀ, ହିରାକୁଦ୍, ଜୁନାଗଡ ରୋଡ୍, କଂଟାବାଞ୍ଜି, କେସିଙ୍ଗା, ଖରିଆର ରୋଡ୍, କୋମାଖାନ୍, ଲପଙ୍ଗା ଏବଂ ସମ୍ବଲପୁର ସିଟି ।

# ନୂତନ ବାଲିଘାଟ ନିଲାମକୁ ବନ୍ଦ କରିବାକୁ ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କୋରେଇ,୩।୯ (ନି.ପ୍ର): ବ୍ୟାସନଗର ତହସିଲ ରଣପାଳ ରାଜସ୍ୱ ସର୍କଲ ଅନ୍ତର୍ଗତ ମୁଳାପାଳ ପଂଚାୟତର ରଣପାଳ ଓ ଧନତ୍ରୀ ବାଲିଘାଟକୁ ନୂତନ ଭାବେ ନିଲାମ କରିବାକୁ ଜିଲ୍ଲା ପ୍ରଶାସନ ନିଷ୍ପତି ନେଇଛି । ଏ ନେଇ ଏକ ବିଜ୍ଞପ୍ତି ସଂଖ୍ୟା ନଂ ୫୫୨୦ ଗତ ୨୪/୮/୨୦ରେ ପ୍ରକାଶ କରାଯାଇଛି । ରଣପାଳ ମୌଜା ଖାତାନଂ ୩୮୨ ଓ ପ୍ଲଟ ନଂ ୧୪୭୧ କୁ ନିଲାମ କରିବାକୁ ସେଥିରେ ଦର୍ଶାଯାଇଛି । ପୂର୍ବରୁ ଏହି ବାଲିଘାଟ କେବେ ନିଲାମ ହୋଇନଥିଲା । ଆଗମୀ ୧୫ ତାରିଖରେ ଏହି ଦୁଇ ନୁତନ ଘାଟକୁ ନିଲାମ କରିବାକୁ ଦିନ ଧାର୍ଯ୍ୟ କରାଯାଇଛି । ଏହି ଘାଟ ନିଲାମକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ତିବ୍ର ଅଶନ୍ତୋଷ ପ୍ରକାସ ପାଇଛି । ବ୍ୟାସନଗର ତହସିଲଦାର ଉକ୍ତ ବାଲିଘାଟ ଦ୍ୱୟକୁ ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପରେ ଗ୍ରାମବାସୀମାନେ ବିରୋଧ କରିବା ଆରମ୍ଭ କଲେଣି । ସେମାନଙ୍କ ଅଭିଯୋଗ ବାଲିଘାଟ ଦ୍ୱାରା ସେମାନଙ୍କ ଧନ ଜୀବନ ପ୍ରତି ବିପଦ ଅଛି । ବାଲି ଉତୋଳନ ଦ୍ୱାରା ନଦୀ ପଠା ଧିରେ ଧିରେ କମି ଘାଇ ସୃଷ୍ଟି ହେବାର ସମ୍ଭାବନା ଅଛି । ଏହା ସହିତ ବାଲି ଘାଟ ହେଲେ ପ୍ରତ୍ୟକ ଦିନ ଶହ ଶହ ଭାରୀଜାନ ନଦୀବନ୍ଧ ଉପରେ ଯିବା ଆସିବା କରିଲେ ଖୁବ୍ କମ ଦିନ ଭିତରେ ବନ୍ଧ ଦୁର୍ବଳ ହେବା ସହିତ ଘାଇ ସୃଷ୍ଟି ହୋଇ ବନ୍ୟା ପାଣି ଗ୍ରାମ ମଧ୍ୟକୁ ପ୍ରବେଶ କରିବ । କେବଳ ସେତିକି ନୁହେଁ ବାଲିଘାଟ ନିଲାମ ହେଲେ ସେମାନଙ୍କ ସ୍ଥିତିବାନ ସଂପତି ନଦୀ ଗର୍ଭରେ ଲୀନ ହୋଇଯିବ । ବର୍ତମାନ ନଦୀ ବନ୍ଧ ଦୁର୍ବଳ ଅବସ୍ଥାରେ ଅଛି ସ୍ଥାନେ ସ୍ଥାନେ ବଡ ବଡ ଗର୍ତ ସୃଷ୍ଟି ହେଲାଣି । ବିଭିନ୍ନ ସ୍ଥାନରେ ନଦୀ ବନ୍ଧ ଦୁର୍ବଳ ଥିବାବେଳେ ସରକାର ବନ୍ଧକୁ ସୁଦୃଢ କରବା ପରିବର୍ତେ କିଭଳି ଏଭଳି ନିଷ୍ପତ ନେଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାଲିଘାଟ ନିଲାମ ହେଲେ ଏହାର ପ୍ରଭାବରେ ୪ହଜାର ଲୋକ ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଏହି ନୁତନ ବାଲି ଘାଟ ଦ୍ୱୟକୁ ନିଲାମ ବନ୍ଦ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି । ଏ ନେଇ ମୁଖ୍ୟ ମନ୍ତ୍ରୀ, ବଧାୟକ ଜିଲ୍ଲାପାଳ, ବିଡିଓ, ତହସିଲଦାର, ପ୍ରଦ୍ୟୁଷଣ ବୋର୍ଡ ରାଜସ୍ୱ ବିଭାଗ ସଚିବ,ଆରଡିସି, ଆରଆଇ ରଣପାଳଙ୍କୁ ପତ୍ରଦ୍ୱାରା ଅବଗତ କରାଯାଇଛି । ବାଲି ଘାଟ ନିଲାମ ବନ୍ଦ କରିବାକୁ ରଣପାଳ ଓ ଧନତ୍ରୀ ଗ୍ରାମବାସୀଙ୍କ ପକ୍ଷରୁ ଦୁର୍ଗା ପ୍ରସାଦ ପଣ୍ଡା, ସୁଶାନ୍ତ କୁମାର ପାଳ, ନାରଣ ମଳିକ, ଭଗବାନ ବେହେରା , ନାରଣ ସେଠୀ , ପ୍ରଫୁଲ୍ଲ କୁମାର ପାଳ , ତପନ ପରିଡା, ଗୋପାଳେନ୍ଦୁ ମହାରଣା ପ୍ରମୁଖ ଶତାଧିକ ଗ୍ରାମବାସୀ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।

# ଅନାଲୋଚିତ ସୌନ୍ଦର୍ଯ୍ୟ

ଭାରତ ଓ ଚୀନ୍ ସୀମାରେ ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳରେ ଥିବା 'ଫିଙ୍ଗର ଏରିଆ'କୁ ନେଇ ବିବାଦ ଲାଗି ରହିଛି । ତେବେ ସୀମା ବିବାଦ ଭିତରେ ପାଙ୍ଗୋଙ୍ଗ ଅଞ୍ଚଳର ସୌନ୍ଦର୍ଯ୍ୟରେ କିଛି ଫରକ ପଡ଼ିନାହିଁ । ଯଦିଓ ଏହି ସ୍ଥାନକୁ ପର୍ଯ୍ୟଟକଙ୍କୁ ସେପରି ଯାତାୟତ ହୋଇନଥାଏ ଏହା କିନ୍ତୁ ପ୍ରକୃତିପ୍ରେମୀଙ୍କ ପାଇଁ ଖୁବ୍ ଆକର୍ଷଣୀୟ ସ୍ଥାନ । ପାଙ୍ଗୋଙ୍ଗ ସମେତ ଦେଶର ପାଞ୍ଚଟି ଏପରି ଅନାଲୋଚିତ, କିନ୍ତୁ ରମଣୀୟ ସ୍ଥାନ ସମ୍ପର୍କରେ-

### ପାଙ୍ଗୋଙ୍ଗ ହ୍ରଦ, ଜାମ୍ମୁ-କାଶ୍ମୀର:

ଲେହର ଏବଂ ଲଦାଖ ସହ ଏହି ହ୍ରଦର ସୌନ୍ଦର୍ଯ୍ୟ '୩ ଇଡିଅଟ୍ସ' ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଥିଲା । ଏଥିରେ କରୀନା କପୁର ବିବାହ ବେଦୀରୁ ଉଠି ସ୍କୁଟରରେ ଯେଉଁ ସ୍ଥାନକୁ ଆସିଥିଲେ ତାହା ପାଙ୍ଗୋଙ୍ଗ ହ୍ରଦ ଅଞ୍ଚଳ । ହିମାଳୟ ପାର୍ବତ୍ୟାଞ୍ଚଳରେ ଖୁବ୍ ଉଚ୍ଚ ସ୍ଥାନରେ ଏହି ହ୍ରଦ ରହିଛି । ଏହା 'ପାଙ୍ଗୋଙ୍ଗ ତ୍ସୋ' ନାମରେ ବି ପରିଚିତ । ଏହି ହ୍ରଦ ଭାରତର ଲଦାଖଠାରୁ ଚୀନ୍ ନିୟନ୍ତ୍ରଣାଧୀନ ତିବ୍ବତ ପର୍ଯ୍ୟନ୍ତ ପ୍ରାୟ ୧୩୪ କିଲୋମିଟର ଲମ୍ବିଛି । ଏହାକୁ ନେଇ ଚାଲିଥିବା ଅନୁଧ୍ୟାନ ସଫଳ ହେଲେ ଏହି ହ୍ରଦ ଦକ୍ଷିଣ ଏସିଆର ପ୍ରଥମ ଟ୍ରାନ୍ସ-ବାଉଣ୍ଡାରୀ ୱେଟଲ୍ୟାଣ୍ଡ ଭାବେ ପରିଚିତ ହେବ । ପାଙ୍ଗୋଙ୍ଗ ଲୁଣି ପାଣିର ହ୍ରଦ ହୋଇଥିଲେ ବି ଥଣ୍ଡା ପଡ଼ିଲେ ଜମାଟ ବାନ୍ଧିଯାଏ । ଏହା ଏଲ୍ଏସି ଅଞ୍ଚଳରେ ଅଞ୍ଚଳରେ ଥିବାରୁ ଏଠାକୁ ଯିବାଲାଗି ସ୍ୱତନ୍ତ୍ର ଅନୁମତି ପତ୍ର ଜରୁରୀ ।





### ତାରକର୍ଲି ବେଳାଭୂମି, ମହାରାଷ୍ଟ୍ର:

ମୁମ୍ବାଇ ସହରରୁ ମାତ୍ର କେତେଘଣ୍ଟା ଗାଡ଼ିରେ ଯିବା ପରେ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ତାରକର୍ଲି ବେଳାଭୂମିରେ ପହଞ୍ଚି ହେବ । ସ୍ନାର୍କେଲିଂ ଏବଂ ସ୍କୁବା ଡାଇଭିଂ ପରି ରୋମାଞ୍ଚକର କ୍ରୀଡ଼ା ପସନ୍ଦ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହା ଖୁବ୍ ଭଲ ସ୍ଥାନ । ଶିବାଜି ମହାରାଜଙ୍କ ଦ୍ୱାରା ନିର୍ମିତ ସିନ୍ଧୁଦୁର୍ଗ ଏଠାକାର ଅନ୍ୟତମ ଆକର୍ଷଣ । ସମୁଦ୍ର ସହ ନଦୀ, ପାଲଟଣା ଡଙ୍ଗା, ଡଲ୍ଫିନ୍ ଆଦି ପର୍ଯ୍ୟଟକଙ୍କୁ ଏହି ସ୍ଥାନ ପ୍ରତି ଆକୃଷ୍ଟ କରିଥାଏ ।





### ମାଜୁଲି, ଆସାମ:

ବ୍ରହ୍ମପୁତ୍ର ନଦୀ ମଧ୍ୟରେ ଥିବା ମାଜୁଲି ବିଶ୍ୱର ସର୍ବବୃହତ ମଧୁର ଜଳ ଦ୍ୱୀପାଞ୍ଚଳ ଭାବେ ପରିଚିତ । ଏଠାରେ ଶତାଧିକ ବର୍ଷ ପୁରୁଣା ଆସାମ ସଭ୍ୟତାର ସାଂସ୍କୃତିକ ଗୁରୁତ୍ୱ, ପ୍ରାଚୀନ ଅସ୍ତ୍ରଶାସ୍ତ୍ର, ବାସନ, ଅଳଙ୍କାର ଏବଂ ଅନ୍ୟାନ୍ୟ ବସ୍ତୁ ସଂରକ୍ଷିତ କରି ରଖାଯାଇଛି । ଏହା ଗୁଆହାଟୀଠାରୁ ୩୪୭ କିଲୋମିଟର ଏବଂ ଜୋରହାଟଠାରୁ ମାତ୍ର ୨୦ କିଲୋମିଟର ଦୂରରେ ଅବସ୍ଥିତ । ଏଠାରେ ପ୍ରାୟତଃ ଜନଜାତିମାନେ ବାସ କରନ୍ତି । ସେମାନଙ୍କ ଚଳଣି ଓ ପରମ୍ପରା ଏଠାକାର ପ୍ରମୁଖ ଆକର୍ଷଣ ହୋଇଥିବା ବେଳେ ମାଜୁଲିକୁ ଆସାମର ସାଂସ୍କୃତିକ ରାଜଧାନୀ ବୋଲି ବି କୁହାଯାଏ ।



### ତୱାଙ୍ଗ, ଅରୁଣାଚଳ ପ୍ରଦେଶ:




ଏହା ଏଠାକାର ଏକ ଶାନ୍ତ ଶୈଳ ନିବାସ ବା ହିଲ୍ ଷ୍ଟେସନ । ତେବେ ବାରମ୍ବାର ବଦଳୁଥିବା ପାଣିପାଗ ଏବଂ ଭୂସ୍ଖଳନ ଯୋଗୁ ଏଠାକୁ ଆସିବା ଖୁବ୍ କଷ୍ଟଦାୟକ ହୋଇଥାଏ । ସମୁଦ୍ର ପତନଠାରୁ ୩୦୪୮ ମିଟର ଉଚ୍ଚରେ ଥିବା ତୱାଙ୍ଗ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ସୁନ୍ଦର ବୌଦ୍ଧମଠ, ଅର୍କିଡ ଉଦ୍ୟାନ ତଥା ନିଆରା ସୁସ୍ୱାଦୁ ଖାଦ୍ୟ ପାଇଁ ପରିଚିତ । ଏହା ମଧ୍ୟ ଷଷ୍ଠ ଦଲାଇଲାମା ସାଙ୍ଗୟାଙ୍ଗ ଗ୍ୟାତ୍ସୋଙ୍କ ଜନ୍ମସ୍ଥାନ ।

## ଚଣା ପଲଉ

ଘରେ ଅତିଥି ଅଭ୍ୟାଗତ ହଠାତ୍ ଆସି ପହଞ୍ଚିଲେ, ସେମାନଙ୍କ ପାଇଁ କ'ଣ ସୁଆଦିଆ ରନ୍ଧାହେବ, ତାହା ହିଁ ଗୃହିଣୀଙ୍କ ଚିନ୍ତା ପାଲଟିଯାଏ । ଘରେ ସବୁବେଳେ କାବୁଲି ଚଣା ମହଜୁଦ୍ ରଖନ୍ତୁ । ଏହାକୁ ବ୍ୟବହାର କରି ଆପଣ ତରକାରି ଓ ପଲଉ ପ୍ରସ୍ତୁତ କରିପାରିବେ ।



**ଆବଶ୍ୟକ ସାମଗ୍ରୀ:**
ସିଝା କାବୁଲି ଚଣା ୧ କପ୍, ୧କପ୍ ବାସୁମତି ଚାଉଳ, ତେଜପତ୍ର ୨ଟି, ୨ବଡ଼ ଚାମଚ ଘିଅ, ଅଧ ଛୋଟ ଚାମଚ ଜିରା, ଚିମୁଟାଏ ହେଙ୍ଗୁ, ୧ ଛୋଟ ଚାମଚ ପାନମହୁରି, ୨ଟି ଡାଲଚିନି ଖଣ୍ଡ, ଗୁଜରାତି ୩-୪ ଟି, ୧କପ୍ ପିଆଜ କଟା, ୨ ଛୋଟ ଚାମଚ ଅଦା-ରସୁଣ ପେଷ୍ଟ, ଅଧ କପ୍ ଗାଜର କଟା (ଛୋଟ ଆକାରରେ), ଫୁଲକୋବି କଟା ଅଳ୍ପ, ଅଧ କପ୍ ଟମାଟୋ କଟା, ଅଧ ଛୋଟ ଚାମଚ ଲାଲ୍ ଲଙ୍କା ଗୁଣ୍ଡ, ଅଧ ଚାମଚ ଗରମ ମସଲା ଗୁଣ୍ଡ, ୧ ବଡ଼ ଚାମଚ କସୁରି ମେଥି, ଲୁଣ ସ୍ୱାଦାନୁସାରେ ।

**ପ୍ରସ୍ତୁତି:** ପ୍ରଥମେ ଚାଉଳକୁ ଭଲରେ ଧୋଇ ପାଣିରେ ବତୁରାଇ ୧୫ ମିନିଟ୍ ରଖିବେ । ଏବେ ଚୁଲା ଲଗାଇ ବଡ଼ କଡ଼େଇ ବସାନ୍ତୁ । ଘିଅ ପକାଇ ତେଜପତ୍ର, ଡାଲଚିନି, ଗୁଜରାତି ପକାଇ ସେକେଣ୍ଡ ଭାଜିନେବେ । କଟା ପିଆଜ ପକାଇ ହାଲକା ବାଦାମୀ ରଙ୍ଗ ପର୍ଯ୍ୟନ୍ତ ଭାଜନ୍ତୁ, ଏହା ପରେ ଅଦା-ରସୁଣ ପେଷ୍ଟ ପକାଇ ୫ ମିନିଟ୍ କଷିନେବେ । ମସଲା କଷି ହେବା ପରେ କାବୁଲି ବୁଟ, ଫୁଲକୋବି, ଗାଜର, ଟମାଟୋ, ଲୁଣ ପକାନ୍ତୁ । ମସଲା ସହ ପରିବା ମିଶିବା ପରେ ଗରମ ମସଲା ପକାଇ ପାଣି ଦେବେ । ପାଣି ସାମାନ୍ୟ ଫୁଟିବା ପରେ ଚାଉଳକୁ ସେହି ପାଣି ପକାଇ ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଘୋଡ଼ଣି ଖୋଲି କସୁରି ମେଥି ପକାଇ ଗରମାଗରମ ଚଣା ପଲଉ ସପରିବାର ଖାଇବାର ମଜା ନିଅନ୍ତୁ ।

## ଛୁଟିରେ କିଛି ପରିବର୍ତ୍ତନ

ଛୁଟି ହେଲେ ଘରେ ସାଙ୍ଗସାଥୀଙ୍କ ଆସର ଜମିବା ସ୍ୱାଭାବିକ । ଅନ୍ୟମାନଙ୍କ ଭଳି ଆପଣ ବି ଚାହାନ୍ତି ଆପଣଙ୍କ ଘର ଖୁବ୍ ଆକର୍ଷଣୀୟ ଦେଖାଯାଉ । କିନ୍ତୁ କିପରି କରିବେ ଜାଣିପାରନ୍ତି ନାହିଁ । କିନ୍ତୁ କିଛି ଛୋଟ ଛୋଟ ପରିବର୍ତ୍ତନ ଆପଣଙ୍କ ଘରକୁ ଦେଇପାରିବ ନୂଆ ଓ ଟ୍ରେଣ୍ଡି ଲୁକ୍ ।



**ଜିନିଷ ସଜା:**
ନୂଆ ଲୁକ୍ ଦେବା ପାଇଁ ପ୍ରଥମେ ରୁମ୍ ଭିତରର ପ୍ରତ୍ୟେକ ଜିନିଷ ସଜାଡ଼ିବାକୁ ପଡ଼ିବ । ପ୍ରତ୍ୟେକଟି ଜିନିଷ ନିଜ ନିଜ ସ୍ଥାନରେ ରହିଥିବା ଦରକାର । ଫ୍ରିଜ୍, ବେଡରୁମ୍, ୱାର୍ଡରୋବ୍, କିଚେନ୍‌ରେ ପଡ଼ି ରହିଥିବା ଜିନିଷକୁ ସଜାଡ଼ି ରଖନ୍ତୁ ।

**ଅଳ୍ପ ରଙ୍ଗ:**
କମ୍ ଖର୍ଚ୍ଚରେ ଲିଭିଙ୍ଗ୍ ରୁମ୍ ବଦଳାଇବାକୁ ଚାହୁଁଥିଲେ ରଙ୍ଗ ସହିତ ଖେଳନ୍ତୁ । କାନ୍ଥର ରଙ୍ଗ ବଦଳାଇବା ଦରକାର ନାହିଁ । କାଉଚର କୁଶନ୍ କଭରକୁ ମଧ୍ୟ ପରିବର୍ତ୍ତନ କରିପାରିବେ । ଫ୍ଲୋରାଲ, ହଳଦିଆ, ପିଙ୍କ୍, ନୀଳ ରଙ୍ଗରେ ସଜାଇପାରିବେ । ଧ୍ୟାନ ରଖିବେ ଯେ ଏହା ଯେମିତି କାନ୍ଥର ରଙ୍ଗ ସହିତ ମେଳ ଖାଉଥିବ ।



**ଫୁଲରେ ସଜା:**
ଘର ସାଜସଜ୍ଜା ପାଇଁ ଫୁଲ ସବୁଠୁ ଭଲ ବିକଳ୍ପ ହୋଇପାରିବ । ଘରର ସବୁ ରୁମ୍‌କୁ ଫୁଲରେ ସଜାଇ ପାରିବେ । ଆପଣଙ୍କ ପସନ୍ଦର କୌଣସି ଫୁଲକୁ ଡାଇନିଙ୍ଗ୍ ଟେବଲ୍ ବେଡରୁମ୍, ବାଲକୋନି ଏବଂ କିଚେନ୍‌ରେ ରଖି ସଜାଇପାରିବେ ।

**ଗେଷ୍ଟରୁମ୍:**
ସାଙ୍ଗସାଥୀ ଆସିଲେ ଆରାମ ପାଇଁ ନିଶ୍ଚୟ ଆପଣଙ୍କ ଗେଷ୍ଟରୁମ୍ ଯାଉଥିବେ । ତେଣୁ ଏହି ରୁମ୍‌ଟିର ସାଜସଜ୍ଜା କରିବାକୁ ଭୁଲନ୍ତୁ ନାହିଁ । କୁଲନ୍ କଭର ବଦଳାଇ ନିଅନ୍ତୁ । କଣ୍ଟ୍ରାଷ୍ଟିଙ୍ଗ୍ ରଙ୍ଗରେ ଗେଷ୍ଟରୁମ୍‌ର ଲୁକ୍ ପରିବର୍ତ୍ତନ କରିବା ସବୁଠୁ ସହଜ ଉପାୟ ।

## ଟି-ଲେନ୍ଥ ଡ୍ରେସ୍

ଟି-ଲେନ୍ଥ ଡ୍ରେସ୍ ଆଣ୍ଠୁ ତଳକୁ ଏବଂ ଆଙ୍କେଲ ଉପରକୁ ରହିଥାଏ । ନା ଅଧିକ ଖୋଲା ନା ଅଧିକ ଢାଙ୍କି ରଖିଥାଏ । ତେଣୁ ଏବେ ଏହି ଷ୍ଟାଇଲ୍ ଟ୍ରେଣ୍ଡ୍‌ରେ । ବର୍ଷାଦିନ ପାଇଁ ଟି-ଲେନ୍ଥ ଡ୍ରେସ୍ ପରଫେକ୍ଟ । ଆଙ୍କେଲ ଉପରକୁ ରହୁଥିବାରୁ ବର୍ଷାରେ ଆପଣଙ୍କ ଡ୍ରେସ୍ ଖରାପ ହେବାର ସମ୍ଭାବନା କମ୍ । ବଲିଉଡ୍ ସେଲିବ୍ରିଟିଙ୍କ ମଧ୍ୟ ଏହି ଷ୍ଟାଇଲ୍ ଖୁବ୍ ପସନ୍ଦ । ତେବେ ଟି-ଲେନ୍ଥ ଡ୍ରେସ୍‌କୁ ଆପଣ କିପରି ଷ୍ଟାଇଲ୍ ଷ୍ଟେଟମେଣ୍ଟରେର ସାମିଲ କରିବେ ଜାଣନ୍ତୁ କିଛି ଟିପ୍ସ ।



### ଫ୍ଲୋରାଲ କଟନ୍:

ଫ୍ଲୋରାଲ ପ୍ରିଣ୍ଟ ଡ୍ରେସ୍ ସୁନ୍ଦର ଲାଗିଥାଏ । ଏହି ପ୍ରିଣ୍ଟର ଟି-ଲେନ୍ଥ ଡ୍ରେସ୍ ଏଲିଗାଣ୍ଟ ଲୁକ୍ ଦେଇଥାଏ । ତେବେ ଏହା ଯଦି କଟନ୍ ହୋଇଥିବ ଆହୁରି ଭଲ । କାରଣ ଆପଣ ଏହାକୁ ଡେଲି ରୁଟିନ୍‌ରେ ମଧ୍ୟ ସାମିଲ୍ କରିପାରିବେ ।

### ବଲି ଫିଟିଙ୍ଗ୍:

ଯଦି ଆପଣ ସ୍ଲିମ୍ ଟ୍ରିମ୍ ଅଛନ୍ତି ତା' ହେଲେ ବଡି ଫିଟିଙ୍ଗ୍ ଟି-ଲେନ୍ଥ ଡ୍ରେସ୍ ନିଅନ୍ତୁ । ଆଉଟିଙ୍ଗ୍ ଏବଂ ପାର୍ଟି ପାଇଁ ବଡି ଫିଟିଙ୍ଗ୍ ଡ୍ରେସ୍ ଭଲ ମାନିଥାଏ । ସିମରି, ବବଲଗମ୍ ପିଙ୍କ୍, ରୟାଲ୍ ବ୍ଲୁ, ଆଇଭୋରି ରେଡ୍ ରଙ୍ଗର ଡ୍ରେସ୍ କ୍ୟାରି କରନ୍ତୁ ଅନ୍ୟଙ୍କଠାରୁ ଭିନ୍ନ ଲାଗିବେ ।

### ଅଫ୍ ସୋଲ୍ଡର:

ଅଫ୍-ସୋଲ୍ଡର ଟପ୍ ଝିଅମାନଙ୍କର ଖୁବ୍ ପସନ୍ଦ । ହେଲେ ଏଥର ଟପ୍ ବଦଦଳରେ ଟି-ଲେନ୍ଥ ଅଫ୍ ସୋଲ୍ଡର ଡ୍ରେସ୍ ନିଅନ୍ତୁ । ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । ସାଙ୍ଗମାନଙ୍କ ସହ ଆଉଟିଂରେ ପିନ୍ଧି ଯାଇପାରିବେ । ସିଲ୍କ, କଟନ୍, କାନଭାସ୍, ଭେଲଭେଟ୍ ଫ୍ୟାବ୍ରିକ୍ ନିଅନ୍ତୁ ।

### ଫର୍ ଡ୍ରେସ୍:

ପୁରୁଣା ଡିଜାଇନର୍ ଡ୍ରେସ୍ ପିନ୍ଧି ବିରକ୍ତ ହୋଇଗଲେଣି କି ? ଫର୍ ଡ୍ରେସ୍ ସାମିଲ କରନ୍ତୁ ୱାର୍ଡରୋବ୍‌ରେ । ଟି-ଲେନ୍ଥ ଫର୍ ଡ୍ରେସ୍ ଫ୍ୟାଶନେବଲ ଲୁକ୍ ଦେଇଥାଏ । ଥିମ୍ ପାର୍ଟି ପାଇଁ ଏହି ଡିଜାଇନର୍ ଡ୍ରେସ୍ ବେଷ୍ଟ ହୋଇଥାଏ । ଯଦି ଆପଣ ଏହି ଡ୍ରେସ୍‌ରେ ଆରାମ ଅନୁଭବ କରନ୍ତି, ତା'ହେଲେ ସବୁ ସମୟରେ କ୍ୟାରି କରିପାରିବେ ।

### ଷ୍ଟାଇପଡ୍ ଟୁ-ପିସ୍:

ଷ୍ଟାଇପଡ୍ ପାଟର୍ନ ଡିଜାଇନ୍ ସବୁବେଳେ ହିଟ୍ । ଷ୍ଟାଇପଡ୍ ଟୁ-ପିସ୍ ଟି ଲେନ୍ଥ ଡ୍ରେସ୍‌କୁ ବର୍ଷାଦିନିଆ ଫଙ୍କି ଫୁଟୱିୟର ସହିତ ମ୍ୟାଚ୍ କରି ପିନ୍ଧିପାରିବେ । ବର୍ଷାଦିନେ ଏହି ଡିଜାଇନର୍ ଡ୍ରେସ୍‌କୁ ଆରାମରେ କ୍ୟାରି କରିପାରିବେ । କୁଲ୍ ଲୁକ୍ ଦେଇଥାଏ ।







ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୦୪ ସେପ୍ଟେମ୍ବର ୨୦୨୦,ଶୁକ୍ରବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅନ୍ଧକାରରେ ଅର୍ଥନୀତି...

ବୈଶ୍ୱିକ ମହାମାରୀ କରୋନାର ପ୍ରକୋପ କେତେକାଳ ଚାଲିବ, ତାହା ନିଧାର୍ଯ୍ୟ ଭାବେ କୁହାଯାଇ ପାରୁନାହିଁ । ଉପଚାର ଓ ପ୍ରତିକାର ପାଇଁ ନାନବିଧ ପନ୍ଥା ଆପଣାଯାଉଛି ସିନା, ମହାମାରୀରର କେବେ ଅନ୍ତ ଘଟିବ, ତାହା କୁହାଯାଇ ପାରୁନାହିଁ । ଲକ୍ଷ ଲକ୍ଷ ଲୋକ ଏହି ବିନଷ୍ଟକାରୀ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି । ହଜାର ସଂଖ୍ୟାରେ ଲୋକ ବଳି ପଡ଼ିଛନ୍ତି କରୋନା ଭୂତାଣୁ ଦ୍ୱାରା । ପୃଥିବୀର ୨୧୩ ଦେଶରେ ସଂକ୍ରମଣ ଏବେ ସୁଦ୍ଧା ରହିଛି, ପ୍ରତିଷେଧକ ଟିକା ବିକାଶ କରାଯିବା ପାଇଁ ଚାଲିଛି ଜୋରଦାର ପ୍ରୟାସ । କେତେଶୀଘ୍ର ପ୍ରତିଷେଧକ ଟିକା ବାହାରିବ ଓ ବ୍ୟବହାର ପାଇଁ ଉପଯୋଗୀ ସାବ୍ୟସ୍ତ ହେବ, ତାହାକୁ ସମସ୍ତଙ୍କର ଅପେକ୍ଷା । ଧନ ଜୀବନ ହାନି କରି ଅଦୃଶ୍ୟ କରୋନା ଭୂତାଣୁ ଯେଉଁ ଅଭାବନୀୟ ସ୍ଥିତି ସୃଷ୍ଟି କରିଛି, ତାହାର ଭରଣା ଏତେଶୀଘ୍ର ସହଜ ନୁହେଁ । ଅଦୃଶ୍ୟ ଭୂତାଣୁର ସଂକ୍ରମଣ ଫଳରେ ବିଶ୍ୱ ଅର୍ଥନୀତିକୁ ଗଭୀର ଚୋଟ ଲାଗିଛି । ସମସ୍ତ ଦେଶର ରାଜକୋଷରୁ କୋଟି କୋଟି ଧନରାଶି କରୋନା ବିରୋଧରେ ଲଢ଼େଇରେ ବ୍ୟୟିତ ହେବାରେ ଲାଗିଛି । ତାହା ଦ୍ୱାରା ଦୁର୍ବଳ ହୋଇସାରିଥିବା ଅର୍ଥନୀତି କିଭଳି ସୁଧାର ରାସ୍ତାକୁ ଆସିପାରିବ, ତାହା କେହି ଠିକ୍ ରୂପେ ଆକଳନ କରିପାରୁ ନାହାଁନ୍ତି । ଉଜୁଡ଼ି ଯାଇଥିବା ଅର୍ଥନୀତି ପାଇଁ କରୋନାର କଥିତ ଭୂମିକା ନେଇ ସମସ୍ତଙ୍କ ଭିତରେ ଆଶଙ୍କା ଭଲରକମ ଦାନା ବାନ୍ଧି ସାରିଛି । ବିଶ୍ୱର ଏମିତି ଗୋଟିଏ ଦେଶ ନାହିଁ, ଯାହାର କି ଆର୍ଥିକ ବିକାଶ କରୋନା ସଂକ୍ରମଣରେ ପ୍ରଭାବିତ ହୋଇନାହିଁ । ଏମିତିରେ ଅନ୍ୟ ଦେଶଗୁଡ଼ିକ ଭଳି ଭାରତର ବିକାଶ ହାରରେ କିଛି ଦେଖିପାରିଲା ଭଳି ସମସ୍ୟା ଆରମ୍ଭ ହୋଇଯିବା ସମୟକୁ କରୋନା ମହାମାରୀ ଚାଲିଆସିଲା । ଅର୍ଥନୀତିରେ ତ୍ରୟମାସିକ ହିସାବ କିତାବ ବେଳକୁ ପରିଦୃଷ୍ଟ ପ୍ରତିକୂଳତା ସତ୍ତ୍ୱେ କୁହାଯାଉଥିଲା କି ବ୍ୟାଙ୍କ ଓ ବିଭିନ୍ନ ଦୁର୍ବଳ ପ୍ରତିଷ୍ଠାନକୁ ଧନରାଶି ଦେଇ ସଳଖି ଛିଡ଼ା ହେବାକୁ ସକ୍ଷମ କରାଯିବା ଉଦ୍ୟମ ହେଉଥିଲା । ମହାମାରୀ ପାଇଁ ସେହି ସୁଧାର ପ୍ରୟାସ ତା' ମାଡ଼ ଖାଇଗଲା, ସେତିକି ନୁହେଁ, ଅର୍ଥନୀତିରେ ବିକାଶର ରାସ୍ତା ରୀତିମତ ବନ୍ଦ୍ ହୋଇଗଲା । ପ୍ରାକ୍-କରୋନା ସମୟକୁ ଦେଖାଗଲେ ଭାରି ଓ ଅନ୍ୟ ଦେଶର ବିକାଶ ହାର ପୂରା ବାଧାର ସମ୍ମୁଖୀନ ହୋଇଛି । ଆମ ଭଳି ବହୁ ଦେଶର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ତଳମୁହାଁ ହୋଇସାରିଛି । ସ୍ପେନ୍ ଭଳି କରୋନାଗ୍ରସ୍ତ ଦେଶର ଜିଡିପିରେ ବିଯୁକ୍ତ ୨୨% ହୋଇଥିବା ସମୟରେ ଭାରତର ଜିଡିପି ପହଞ୍ଚି ସାରିଲାଣି ବିଯୁକ୍ତ ୨୩.୯ରେ । ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷଠାରୁ ବହୁତ ବେଶୀ ହୋଇଯିବାର ଆଶଙ୍କା ଉଙ୍କି ମାରିବାର କାରଣ ଏହା ହୋଇପାରେ । ଚାରି ଦଶନ୍ଧି ଭିତରେ ଜିଡିପିରେ ଏତେ ଅଧିକ ହ୍ରାସ କେବେ ହୋଇନଥିଲା ବୋଲି କୁହାଯାଉଛି । ଯଦି ଏହାକୁ ଏକ ପରିମାପକ ବୋଲି ଧରାଯାଏ, ଆମର ଓ ଅନ୍ୟ ଦେଶଗୁଡ଼ିକର ଅର୍ଥନୀତି କେଉଁ ଦୁଃସ୍ଥିତି ଆଡ଼କୁ ମୁହାଁଉଛି, ତାହା ଅନୁମାନ କରାଯାଇପାରେ । କରୋନା ମାଡ଼ ପାଇଁ ବହୁତ କିଛି ବିଗିଡ଼ି ଯାଇଛି, ତାହା ସତ । ହେଲେ ଦେଶରେ ୪୦ ବର୍ଷ ଧଦରି ଏତେ ଅଧିକ ସଂଖ୍ୟକ ବେକାର କେବେ ନଥିଲେ, ତାହା କ'ଣ ଖାଲି କରୋନା ପାଇଁ ହେଲା ବୋଲି କହି ଖସିଯାଇ ପାରିବା । ଗଲା ୧୪ ବର୍ଷ ଭିତରେ ଆମ ଦେଶର କୃଷିକ୍ଷେତ୍ରରେ ଆୟ ହ୍ରାସ ଘଟିଛି, ତାହା କେବେ ଦେଖାନଥିଲା । ପ୍ରଧାନମନ୍ତ୍ରୀ ସଙ୍କଟର ମୁକାବିଲା ପାଇଁ ୨୦ ଲକ୍ଷ କୋଟି ଧନରାଶି ଘୋଷଣା କରିଛନ୍ତି । ତାହା ଆତ୍ମନିର୍ଭର ଭାରତ ପାଇଁ ମାର୍ଗ ଦେଖାଇବ ବୋଲି ଦେଶବାସୀଙ୍କ ଭିତରେ ଆଶା ସଂଚାର ହୋଇଛି । ହେଲେ ଟିକସ ଆଦାୟ ଭଳି ନଗଦଦ ଆୟକାରୀ ବ୍ୟବସ୍ଥାରେ ୪୨% ହ୍ରାସ ସମସ୍ତଙ୍କ ପାଇଁ ନିଶ୍ଚିତରୂପେ ଚିନ୍ତାର କାରଣ ହୋଇପାରେ । ଏହାରି ଭିତରେ ଦେଢ଼କୋଟି ଲୋକ ନିଯୁକ୍ତି ହରାଇବା ଦେଶବାସୀଙ୍କ ପାଇଁ ବଡ଼ ଚିନ୍ତାର କାରଣ ହୋଇ ଦେଖାଦେବା ନିଶ୍ଚିତ । କରୋନା ସଂକଟକୁ ଅତି ବଳିଷ୍ଠ ପଦକ୍ଷେପ ନିଆଗଲେ ହୁଏତ ଟାଳିବା ସମ୍ଭବପରର ହୋଇପାରେ । ଏ ଦିଗରେ ନୀତିନିୟନ୍ତାମାନେ ସ୍ୱଳ୍ପମିଆଦୀ ତଥା ଦୀର୍ଘମିଆଦୀ କାର୍ଯ୍ୟପନ୍ଥା ବାହାର କରିବା ପାଇଁ ପ୍ରୟାସ କରିବା ଜରୁରୀ ପ୍ରଶ୍ନ ହୋଇ ଛିଡ଼ା ହେବା ସ୍ୱାଭାବିକ ।




## ପରିଶ୍ରମ..

**କୁନା ସେଠୀ**

କୁହ ଭାଇ କୁହ କିଏ
ପରିଶ୍ରମ ବିନା ସଫଳ ପାଇଛି
ଜୀବନେ ମଣିଷ ଟିଏ ?
ଜୀବନର ମନ୍ତ୍ର ଏଇ
ପରିଶ୍ରମ ଦିଏ ସୁଖକୁ ଫେରାଇ
ବଞ୍ଚିଥିବା ଯାଏ ଭାଇ ।

ଆଳସ୍ୟ ଜୀବନ ଧିକ୍
ନିନ୍ଦା ଶୁଣି ଶୁଣି ଜୀବନ ହାରିବ
ତା'ଠାରୁ ମରଣ ଠିକ୍ ।

ପରିଶ୍ରମ ଭଗବାନ
କର୍ମ କରିଥିଲେ ପାଇବୁ ମୁକତି
ହସି ହସି ତୁହି ଧନ ।

ଅଭାବ ରହିବ ନାହିଁ
ପରିଶ୍ରମ ଦେବ ଧନ ଦଉଲତ
ସମ୍ମାନେ ବଞ୍ଚିବୁ ତୁହି ।

ସଞ୍ଚୟ କରିବୁ ଧନ
ଖରା, ବରଷା ଓ ଶୀତ କାକରରେ
ନ ପାଇବୁ ଅପମାନ ।

ପିମ୍ପୁଡ଼ି, ଜନ୍ଦା ଠୁ ଶିଖ
ବଞ୍ଚିବା ପାଇଁ ତ ସଂଘର୍ଷ କରନ୍ତି
ଆଳସ୍ୟ ନ ମାଡ଼େ ପାଖ ।

ମଧୁ ସଞ୍ଚେ ମହୁ ମାଛି
ଦିନ ସାରା ବୁଲେ ଏ ଫୁଲ ସେ ଫୁଲ
ଦୂର ଦୁରାନ୍ତରେ ବାଛି ।

କିଏ ହେବ ନାହିଁ ସାହା
ପରିଶ୍ରମ ଯଦି ନ କରିବୁ ତୁହି
ନ ମିଳିବ ତତେ ରାହା ।

ହାତ ଗୋଡ ଅଛି ତୋର
କାମ କରି ନିଜ ପେଟକୁ ପୋଷିବୁ
ନ ଥିବ ତୋହରି ଡର ।

ଯିଏ ଡରଇ ଶ୍ରମକୁ
ଦୁଃଖ ଆସଇ ତାହ ସାରା ଜୀବନ
କାନ୍ଦଇ କାଳ କାଳକୁ ।

ପରିଶ୍ରମେ ଦେଇ ଧ୍ୟାନ
ଜୀବନକୁ ନିଜ ଗଢ଼ିବ ସୁନ୍ଦର
ହସୁଥିବ ନିଜ ମନ ।

+ ଭୂତସରସିଙ୍ଗୀ
ଗଞ୍ଜାମ

# ଆହ୍ୱାନର ସାମ୍ନା

**ଭୁବନାନନ୍ଦ ତ୍ରିପାଠୀ**

ଜୀବନରେ ଆହ୍ୱାନ, ଚ୍ୟାଲେଞ୍ଜ ବା କଷ୍ଟକର ପରିସ୍ଥିତି ଆସିବା ସ୍ୱାଭାବିକ କଥା। ପ୍ରଶ୍ନ ହେଲା, ଏହି ଆହ୍ୱାନକୁ କିଏ କିପରି ସାମ୍ନା କରୁଛି । କେହି ଆହ୍ୱାନକୁ ଗ୍ରହଣ କରୁଛି, ତା'ର ମୁକାବିଲା କରୁଛି । ମୁକାବିଲା କରି କେଉଁଠି ଜିତୁଛି ତ କେଉଁଠି ହାରୁଛି । କେହି ଆହ୍ୱାନ ଦେଖିଲେ ଯାଗା ଛାଡି ପଳାଉଛି ।

ମୋ ଜୀବନରେ ଏପରି କେତୋଟି ଆହ୍ୱାନ ଆସି ପହଞ୍ଚିଥିଲା ଏବଂ ଦମ୍ଭ ରଖି ତା'ର ସାମନା କରିବାକୁ ମୁଁ ଆଗେଇ ଯାଇଥିଲି । ପ୍ରଭୁଙ୍କ ଦୟାରୁ ଶେଷରେ ଆହ୍ୱାନ ରୂପକ ପରୀକ୍ଷାରେ ପାସ୍ କରିଥିଲି, ଏପରି କୁହାଯିବ । ତଳେ ଗୋଟିଏ ଉଦାହରଣ ପ୍ରସ୍ତୁତ କରୁଛି ।

ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଦଶବର୍ଷ ଚାକିରୀ କରିବା ପରେ ବୋକାରୋ ଷ୍ଟିଲ ପ୍ଲାଣ୍ଟକୁ ବଦଳି ହୋଇଥାଏ । ନୂଆ ଯାଗାରେ ନୂଆ ଲୋକ, ନୂଆ ପରିବେଶ ସହିତ ଖାପଖୁଆଇ ଚଳିବାକୁ ପଡୁଥାଏ । ବର୍ଷେ ଭିତରେ ଷ୍ଟିଲ ପ୍ଲାଣ୍ଟର ପର୍ସନେଲ ଡିପାର୍ଟମେଣ୍ଟରେ ଭଲଭାବେ ପରିଚୟ ହୋଇଗଲା । ନୂଆ ଯାଗାରେ ମୋର ପରିଚୟ ହେଲା ଯେ ଇଏ ଜଣେ ଯୁବ ଅଫିସର, କାମ ଜାଣିଛନ୍ତି ଆଉ ଭିଡ କାମ ହେଲେ ବି ପଛାଉ ନାହାନ୍ତି ।

ଏଇ ପରିଚୟ ହେବା ପରେ, ଦିନେ ବିଭାଗୀୟ ମୁଖ୍ୟ ତାଙ୍କ ଚ୍ୟାମ୍ବରକୁ ଡାକି କହିଲେ ତ୍ରିପାଠୀ, ତୁମେ ଏକ ତାରିଖରୁ କୋକ୍ ଓଭେନ୍ ଡିପାର୍ଟମେଣ୍ଟ ଦେଖିବ । ଏଇଠି କହିରଖେ ଯେ ଷ୍ଟିଲ ପ୍ଲାଣ୍ଟ ଭିତରେ ଚାରି ପ୍ରକାର କଷ୍ଟକର କାର୍ଯ୍ୟକ୍ଷେତ୍ର ରହିଛି । ସେଗୁଡିକ ହେଲା ନିଆଁର କ୍ଷେତ୍ର, ଧୂଳିର କ୍ଷେତ୍ର, ଧୂଆଁର କ୍ଷେତ୍ର ଏବଂ ଖରାବର୍ଷାରେ କାମ କରିବାର କ୍ଷେତ୍ର । ଏହି କଷ୍ଟ ଗୁଡିକ ଷ୍ଟିଲ ପ୍ଲାଣ୍ଟ ଭିତରେ ପ୍ରତ୍ୟେକ ବିଭାଗରେ ଅଳ୍ପେ ବହୁତେ ରହିଛି । ମାତ୍ର କୋକ୍ ଓଭେନ୍ ବିଭାଗରେ ଚାରୋଟିଯାକ କଷ୍ଟ ରହିଛି । ଏଠି କାମ ହେଲା କଞ୍ଚା କୋଇଲାକୁ ଜାଳି ସେଥିରୁ କୋକ୍ ଏବଂ ଜାଳେଣି ଗ୍ୟାସ୍ ତିଆରି କରିବା । ଏହି କାମରେ ନିଆଁ ଅଛି, ଧୂଆଁ ଅଛି, କଳାକଳା ଧୂଳି ଅଛି ଏବଂ ଖରା-ବର୍ଷାକୁ ସାମ୍ନା କରିବା ମଧ ରହିଛି । ଏଣୁ ଏ ବିଭାଗରେ କାମ କରିବା ପାଇଁ ସହଜରେ କୌଣସି କର୍ମଚାରୀ ରାଜି ହୁଅନ୍ତି ନାହିଁ । ନୂଆ କର୍ମଚାରୀଟିଏ ଯୋଗ ଦେଲେ ଧରାଧରି କରି ଅନ୍ୟ କୋହଳ ବିଭାଗକୁ ବଦଳି ହୋଇ ଯାଆନ୍ତି । ସଂଯୋଗକୁ କୋହଳ ଓ କଷ୍ଟକର ବିଭାଗ ଭିତରେ ବେତନର ତାରତମ୍ୟ ବିଶେଷ ନଥାଏ । ଆଉ ଯେଉଁମାନେ ଏଇ ବିଭାଗରେ ରହିଯାନ୍ତି ସେମାନେ ପେଟ ପୋଷିବା ପାଇଁ କାମ କରନ୍ତି ସତ କିନ୍ତୁ ସେମାନଙ୍କ ମନ ଭିତରେ ବିଦ୍ରୋହର ଅଗ୍ନି ସର୍ବଦା ଜଳୁଥାଏ । ଏଇ ବିଭାଗର ଦୁଃଖି କର୍ମଚାରୀଗଣ ସେମାନଙ୍କର ରାଗ ସୁଝାଇଥାନ୍ତି ବିଭାଗର ଶ୍ରମ ମଙ୍ଗଳ ସେକ୍ସନରେ । ଏବେ ମୋର ପୋଷ୍ଟିଂ ହେଲା ସେଇ ଶ୍ରମ ମଙ୍ଗଳ ସେକ୍ସନରେ ମ୍ୟାନେଜର ଭାବେ । ଆଉ ଗୋଟିଏ ବିଷୟ ଜାଣିବା ଉଚିତ୍ ଯେ କୋକ୍ ଓଭେନ୍ ବିଭାଗଟି ଷ୍ଟିଲ ପ୍ଲାଣ୍ଟର ପ୍ରାଣକେନ୍ଦ୍ର ସଦୃଶ । ଏଣୁ ଉପର ଅଧିକାରୀମାନଙ୍କର ନଜର ସବୁବେଳେ ଏହି ବିଭାଗ ଉପରେ ଥାଏ । କୋକ୍ ଓଭେନ୍‌ରେ କାମ ବନ୍ଦ ହେଲେ ପୁରା ଷ୍ଟିଲ ପ୍ଲାଣ୍ଟ ବନ୍ଦ ହୋଇଯିବାର ସ୍ଥିତି ଉପୁଜିଯାଏ। ଦଶ ବର୍ଷର ଚାକିରୀ ଭିତରେ କୋକ୍ ଓଭେନ୍‌ରେ ରହିଥିବା ଯାବତୀୟ ଅସୁବିଧା ସଂପର୍କରେ ଅବଗତ ଥିଲି, ମାତ୍ର ଏବେ ନିଜେ ସେ ସବୁ ଅସୁବିଧା ସାମ୍ନା କରିବାକୁ ପଡିଲା । ବିଭାଗରେ ପରିଚୟ ହେବାପାଇଁ ମାସେ ଦୁଇମାସ ଲାଗିଲା । ବିଭାଗୀୟ ଅଧିକାରୀ, ଏଠାକାର ୟୁନିଅନ ନେତା, ବିଭାଗର ଦୈନନ୍ଦିନ କାର୍ଯ୍ୟ ତଥା କର୍ମଚାରୀ ମାନଙ୍କର ମୁଖ୍ୟ ମୁଖ୍ୟ ଅସୁବିଧା ସବୁ ବୁଝିବା ପାଇଁ ଆଉ କିଛିଦିନ ସମୟ ଲାଗିଲା । ଏବେ ମୁଁ ବୁଝିଗଲି ଯେ କାର୍ଯ୍ୟକ୍ଷେତ୍ର ଜଟିଳ ଥିବାରୁ ଲୋକମାନଙ୍କ ଭିତରେ ଅସନ୍ତୋଷର ନିଆଁ ଅଳ୍ପ ବହୁତେ ରହିବା ସ୍ୱାଭାବିକ ମାତ୍ର ସେମାନଙ୍କ କେତୋଟି ମୂଳ ସମସ୍ୟାର ନିବାରଣ ହୋଇପାରିଲେ ନିଆଁର କୋପ କମିଯିବ । ସେମାନଙ୍କୁ କିଛି ମାତ୍ରାରେ ଶାନ୍ତି-ସନ୍ତୋଷ ମିଳିପାରିବ ।

ଇତି ମଧ୍ୟରେ ୟୁନିଅନ ନେତା ମାନଙ୍କର ରୋଷର ସାମନା କରିବାକୁ ପଡିଲା । ଥରେ ଦୁଇଥର ସେମାନଙ୍କର ଉଗ୍ରରୂପର ସାମନା କରିବାପରେ, ଦିନେ ମୁଁ ମଧ ଦଳର ମୁଖ୍ୟନେତାଙ୍କ ଆଗରେ ମୋର କ୍ରୋଧର ପ୍ରକାଶ କରିଦେଲି । ସେମାନେ ଯେତିକି ଯୋର୍‌ରେ ପାଟିକରି କଥା କହୁଥିଲେ, ମୁଁ ବସିବା ଯାଗାରେ ଠିଆ ହୋଇପଡିଲି ଏବଂ ତାଙ୍କ ଠାରୁ ଅଧିକ ଯୋର୍‌ରେ ଚିତ୍କାର କରି କହିଲି । ମୋ ଚିତ୍କାର ଶୁଣି ଆମ ସେକ୍ସନର ତଥା ଆଖପାଖ ସେକ୍ସନର ଅଧିକାରୀ ତଥା କର୍ମଚାରୀ ମାନେ ଜମା ହୋଇଗଲେ । କେତେଜଣ ନେତାଙ୍କୁ ଏବଂ ଆଉ କେତେଜଣ ମୋତେ ବୁଝାଇ ଶାନ୍ତ କରିବାକୁ ଲାଗିଲେ । ପରିଶେଷରେ ସେଦିନ ପ୍ରଥମ ଥର ପାଇଁ ୟୁନିଅନ ନେତା ପର୍ସନେଲ ବିଭାଗର ଅଫିସ୍‌ରେ ଶାନ୍ତ ସ୍ୱରରେ କଥା କହିବା ଆରମ୍ଭ କରିଥିଲେ । ମୋର କହିବା କଥା ଥିଲା ଯେ ଲୋକମାନଙ୍କର ଯଥାର୍ଥ ସମସ୍ୟା ରହିଛି, ତା'ର ସମାଧାନ ଦରକାର । ଏହି ସମାଧାନ ପରିଚାଳକ ମାନେ କରିବେ । ଆଜି ସୁଦ୍ଧା କୌଣସି କାରଣରୁ ମାନବ ସଂଶାଧନ କ୍ଷେତ୍ର ପ୍ରତି ବିଶେଷ ଧ୍ୟାନ ଦିଆଯାଇନାହିଁ । ମାତ୍ର ଏବେ ଧ୍ୟାନ ଦିଆଯିବ, ଏ ଦାୟିତ୍ୱ ମୋର, ମୋ ସେକ୍ସନର । ମୁଁ ଏଠାରେ ଯୋଗଦେବା ଅଳ୍ପଦିନ ହୋଇଛି, ତେଣୁ ମୋତେ ଦୁଇ-ତିନି ମାସ ସମୟ ଦିଆଯାଉ, ଯଦି ମୋ କାମରେ ମୁଁ ହେଳା କରୁଛି ତେବେ କୁହନ୍ତୁ। ଯଦି ମୋ ହାତରେ ହେବ ନାହିଁ ତେବେ ଉପର ଅଧିକାରୀଙ୍କୁ ଜଣାନ୍ତୁ । ତା' ନକରି କୋକ୍ ଓଭେନ୍ ପରି କଷ୍ଟକର କାର୍ଯ୍ୟକ୍ଷେତ୍ରରେ ଚିତ୍କାରର ସାହାରା ନେଇ ମାନସିକ ଅଶାନ୍ତି ସୃଷ୍ଟି କଲେ କୌଣସି ଲାଭ ହେବନାହିଁ । ମୋର ଏହି ଦୃଢତାପୂର୍ଣ୍ଣ କଥା ନେତାଙ୍କ ଉପରେ ଠିକ୍ ପ୍ରଭାବ ପକାଇଲା । ସେ ବୁଝିଗଲେ, ତାଙ୍କ ସମର୍ଥକ ମାନଙ୍କୁ ମଧ ବୁଝାଇଦେଲେ। ତାଙ୍କର ହୃଦ୍‌ବୋଧ ହେଲା ଯେ ଏ ନୂଆ ଲୋକ ଭିନ୍ନ କିସମର ଲୋକ, ଯାଙ୍କୁ ଠିକ୍ ବ୍ୟବହାର କଲେ, ଆମର ଲାଭ ହେବ । ତା'ପରଠାରୁ ୟୁନିଅନ-ପର୍ସନେଲ ବିଭାଗ ସଂପର୍କରେ ସକରାତ୍ମକ ସୁଧାର ଆସିବା ଦେଖା ଯାଇଥିଲା । ଅବଶ୍ୟ ମୋର ଏ ପ୍ରକାର ପଦକ୍ଷେପ ଏକ ବଡ଼ ରିସ୍କ ଥିଲା, ଏହାର ଓଲଟା ପରିଣାମ ହୋଇଥିଲେ, ମୋ ପାଇଁ ବଡ଼ ବିପଦ ଆସିଥାଆନ୍ତା ।

ମୋ ନଜରରେ, କର୍ମଚାରୀ ମାନଙ୍କର ତିନୋଟି ମୁଖ୍ୟ ସମସ୍ୟା ଥିଲା । ସେଗୁଡିକ ହେଲା ୧. ରୋଗଗ୍ରସ୍ତ କର୍ମଚାରୀ ମାନଙ୍କୁ କୋହଳ ବିଭାଗକୁ ବଦଳି କରିବା, ୨. କର୍ମଚାରୀ ମାନଙ୍କର ବେତନ ସଂପର୍କିତ କମ୍ପ୍ଲେନର ସୁବିଚାର କରିବା ଏବଂ ୩. କିଛି ଯୁବ କର୍ମଚାରୀଙ୍କୁ ଏହି ବିଭାଗରେ ନିଯୁକ୍ତି ଦେବା । ଗୋଟିଏ ପରେ ଗୋଟିଏ ସମସ୍ୟାର ସମାଧାନ ପାଇଁ ବାଟ ଫିଟିଲା । ପ୍ରଥମ କିସ୍ତିରେ ୫ଜଣ ବେମାରଗ୍ରସ୍ତ କର୍ମଚାରୀଙ୍କୁ ହାଲୁକା କାମ ଦେଇ କୋହଳ ବିଭାଗକୁ ବଦଳି କରାଗଲା ଏବଂ ଏପରି ୩୫ଜଣଙ୍କର ତାଲିକା ପ୍ରସ୍ତୁତ କରାଯାଇ ଭବିଷ୍ୟତ ପାଇଁ ରଖାଗଲା । ଦ୍ୱିତୀୟରେ ବେତନ ସଂପର୍କିତ ଅସଙ୍ଗତର ସମାଧାନ ପାଇଁ ଅର୍ଥ ବିଭାଗର ଜଣେ ଅଧିକାରୀ ପ୍ରତି ସପ୍ତାହରେ ନିର୍ଦ୍ଦିଷ୍ଟ ଦିନ ଦୁଇଘଣ୍ଟା ସମୟଦେଇ କୋକ୍ ଓଭେନ୍ ବିଭାଗରେ ଆସି ନିଜର ଫିଲ୍ଡ ଅଫିସ୍ ଖୋଲିଲେ ଏବଂ କର୍ମଚାରୀମାନେ ନିଜ କାର୍ଯ୍ୟ କରିବା ସହିତ ଅର୍ଥ ବିଭାଗର ଅଧିକାରୀଙ୍କୁ ଭେଟି ନିଜ ନିଜର ବିସଙ୍ଗତି ଦୂର କରିବାରେ ସମର୍ଥ ହେଲେ । ତୃତୀୟ ସମସ୍ୟାର ସମାଧାନ ପାର୍ଇ ଅଧିକ ସମୟ ଲାଗିଲା, ମାତ୍ର ବର୍ଷ ଶେଷ ହେବା ବେଳକୁ କୋକ୍ ଓଭେନ୍‌ରେ ୨୦୦ଜଣ ଯୁବ ଶ୍ରମିକ ଯୋଗଦେଇଥିଲେ ଏବଂ ଏହି ଶ୍ରମିକ ମାନେ ସମସ୍ତେ ଆଦିବାସୀ ଶ୍ରେଣୀର ଥିଲେ, ଯେଉଁମାନେ କଠିନ ପରିଶ୍ରମ କରିବାରେ ଅଭ୍ୟସ୍ତ ଥିଲେ ।

ଉପରୋକ୍ତ ପଦକ୍ଷେପ ମାନଙ୍କର ଫଳାଫଳ ସମସ୍ତଙ୍କ ସମ୍ମୁଖରେ ଜଳଜଳ ହୋଇ ଦିଶିଲା । ରୋଗିଣା କର୍ମଚାରୀ ମୁହଁରେ ହସ ଫୁଟାଇ ନୂତନ ବିଭାଗରେ ଯୋଗଦେଲେ ଏବଂ ଅନ୍ୟ ମାନଙ୍କ ମନରେ ଆଶା ସଂଚାର ହେଲା ଯେ ତାଙ୍କର ବି ଦିନେ ବିଚାର ହେବ । ପରିଶେଷରେ ଏହି ବଦଳି ବ୍ୟବସ୍ଥା କଂପାନୀର ଏକ ନିୟମ ହୋଇଗଲା । ସମଗ୍ର ଷ୍ଟିଲ୍ ପ୍ଲାଣ୍ଟକୁ ଗରମ ଜୋନ୍ ଏବଂ ଥଣ୍ଡା ଜୋନ୍ ଏପରି ଦୁଇଜୋନ୍‌ରେ ବିଭକ୍ତ କରି କର୍ମଚାରୀ ମାନଙ୍କର ପୋଷ୍ଟିଂ ଏବଂ ଟ୍ରାନ୍ସଫର ନିୟମ ଲାଗୁ କରାଗଲା । ପ୍ରଥମେ ସମସ୍ତ କର୍ମଚାରୀ ହଟ୍ ଜୋନ୍‌ରେ ଯୋଗଦେବେ ଏବଂ ଦଶବର୍ଷ ପରେ ସେମାନଙ୍କୁ କୋଲ୍ଡ ଜୋନ୍‌କୁ ବଦଳି କରି ଅଣାଯିବ । ଫଳରେ ହଟ୍ ଜୋନ୍‌ରେ ସବୁବେଳେ ଯୁବ ଶ୍ରମିକମାନେ ରହିଲେ ଏବଂ ହଟ ଜୋନ୍‌ରେ ଜୀବନସାରା କାମ କରିବାର ଅସନ୍ତୁଷ୍ଟି ଦୂର ହୋଇଗଲା ।

ସେହିପରି କର୍ମଚାରୀ ମାନଙ୍କର ଲୋନ୍ କିସ୍ତି, ବାର୍ଷିକ ଇନ୍‌କ୍ରିମେଣ୍ଟ, ଏଲଆଇସି କିସ୍ତି, ପ୍ରମୋସନ୍ ପରେ ଦରମା ବୃଦ୍ଧି ଆଦି ଅନେକ ବିଷୟକୁ ନେଇ କର୍ମଚାରୀମାନଙ୍କ ମନରେ ଅନେକ ପ୍ରଶ୍ନ ରହୁଥାଏ । ଏ ପ୍ରସଙ୍ଗ ବେତନ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରିବାପରେ, ଆବଶ୍ୟକୀୟ ସଂଶୋଧନ କରିଦିଆଗଲା ଅଥବା ନିଜର ଅହେତୁକ ଅପ୍ରାପ୍ତି ଜନିତ ଅସନ୍ତୋଷ ଦୂର ହୋଇଯାଇଥିଲା । ଏଥିପାଇଁ ପୂର୍ବରୁ ଏହି କର୍ମଚାରୀ ମାନଙ୍କୁ ଛୁଟିନେଇ ବାରମ୍ବାର ବେତନ ବିଭାଗକୁ ଯିବାକୁ ପଡୁଥିଲା ଏବଂ ଏବେ ବେତନ ବିଭାଗର କର୍ମଚାରୀମାନେ ମଧ ଏ ସଂପର୍କରେ ଅଧିକ ସତର୍କ ହେବାରେ ଲାଗିଲେ, ନିଜ ନିଜ କାମରେ ପାରଦର୍ଶିତା ଦେଖାଇବାକୁ ଲାଗିଲେ ।

ଯୁବ ଶ୍ରମିକ ନିଯୁକ୍ତିର ନିଷ୍ପତି ଉଚ୍ଚସ୍ତରରେ ନିଆଯାଉଥିଲା, ଏଥିଲାଗି ବିଭାଗୀୟ ମୁଖ୍ୟଙ୍କର ପ୍ରମୁଖ ଭୂମିକା ରହୁଥିଲା, ମାତ୍ର ମୋର କାମଥିଲା ସମସ୍ୟାକୁ ଠିକ୍ ସମୟରେ ଠିକ୍ ଯାଗାରେ ପ୍ରସ୍ତୁତ କରିବା, ସମାଧାନ ପାଇଁ ଭିନ୍ନ ଭିନ୍ନ ପ୍ରସ୍ତାବ ଦେବା, ଫୈସଲା ନହେବା ଯାଏଁ ପଛରେ ଲାଗିରହିବା ।

କୋକ୍ ଓଭେନ୍ ପର୍ସନେଲ ବିଭାଗର କାର୍ଯ୍ୟଶୈଳୀରେ ପରିବର୍ତ୍ତନକୁ ଲକ୍ଷ୍ୟକରି ଷ୍ଟିଲ୍ ପ୍ଲାଣ୍ଟର ଅନ୍ୟ ବିଭାଗରେ ଏହାର ଚର୍ଚ୍ଚା ହେବାକୁ ଲାଗିଲା । ଆମ ବିଭାଗରେ ମୋର ସମ୍ମାନ ବଢିବାରେ ଲାଗିଲା ଏବଂ ପୁରସ୍କାର ସ୍ୱରୁପ ସେ ବର୍ଷ ଗୋଟିଏ ବିଶେଷ ଟ୍ରେନିଂ ପାଇବା ପାଇଁ ମୋତେ ରାଜସ୍ଥାନ ଜୟପୁର ସହରକୁ ୧୫ଦିନ ପାଇଁ ପଠାଯାଇଥିଲା ।

+ ଜ୍ୟୋତି ଏନ୍‌କ୍ଲେଭ୍, ଲକ୍ଷ୍ମୀ ବିହାର,
ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫

# ତିରିଶ ବର୍ଷ ପରେ ନୂତନ ଶିକ୍ଷାନୀତି

**ଇଂ. ବିଦ୍ୟାଧର ପଣ୍ଡା**



ଆମର ନୂତନ ଶିକ୍ଷାନୀତି ୨୦୨୦ କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳ ଦ୍ୱାରା ତା୨୧-୦୭-୨୦୨୦ରିଖରେ ଅନୁମୋଦନ କରାଯାଇଛି ବୋଲି ପ୍ରାୟେ ସମସ୍ତେ ଜାଣନ୍ତି। ଏହା ପୂର୍ବରୁ ଯେଉଁ ଶିକ୍ଷାନୀତି ପ୍ରଚଳିତ ଥିଲା ତାହା ୧୯୮୬ରେ ଲାଗୁ କରାଯାଇ ୧୯୯୨ରେ ସେଥିରେ ଅଳ୍ପକିଛି ପରିବର୍ତ୍ତନ କରାଯାଇଥିଲା। ବିଗତ ୩୦ବର୍ଷ ଭିତରେ ମହାନଦୀରେ କେତେପାଣି ବୋହି ବଙ୍ଗୋପସାଗରରେ ମିଶିଗଲାଣି କିଏ କହିବ! ସେକାଳ ପଖାଳ ଆଉ ଏକାଳେ ନାହିଁ। ବହୁତ କିଛି ବଦଳିଛି। ଆମର ପ୍ରଧାନମନ୍ତ୍ରୀ ଜୟ ଜବାନ ଜୟ କିସାନ ଜୟ ବିଜ୍ଞାନ ସାଙ୍ଗରେ ଜୟ ଅନୁସନ୍ଧାନ ଯୋଡିଲା ପରେ ଏବେ ଆତ୍ମ ନିର୍ଭର ଭାରତ ଡାକରା ଦେଲେଣି। ଏତେସବୁ ନୂଆ ସ୍ୱପ୍ନ ପାଇଁ ନୂତନ ଶିକ୍ଷାନୀତିଟିଏ ନିହାତି ଦରକାର ପଡୁଥିଲା। ନୂତନ ଶିକ୍ଷାନୀତି ଘୋଷଣା ହେବା ପରଠାରୁ ପ୍ରାୟ ପଚାଶ ଷାଠିଏଟି ପ୍ରବନ୍ଧ ଭିନ୍ନଭିନ୍ନ ଭାଷାରେ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରୁ ପଢି ସମସ୍ତଙ୍କର ବହୁତ ଜ୍ଞାନ ହେବଣି। ସାଧାରଣ ଜନତା ମଧ ଏହି ନୂଆ ନିୟମର ଅନେକ ଭିତରକୁ ପଶି ଯିବେଣି। ଟାଇମସ୍ ଅଫ ଇଣ୍ଡିଆ ସ୍ତମ୍ଭକାର ଲେଖିଲେ ଏଥିରେ ଦାରଦ୍ର୍ୟତା ଦୂରହେବ ଏବଂ ଇଣ୍ଡିଆନ୍ ଏକ୍ସପ୍ରେସ୍ ସ୍ତମ୍ଭକାର ଲେଖିଲେ ବିଶ୍ୱର ବିକଶିତ ଦେଶମାନଙ୍କରୁ ଏହି ପାଠ୍ୟକ୍ରମରେ ଜ୍ଞାନ ଆହରଣ କରିବାକୁ ଛାତ୍ର ଛାତୀମାନଙ୍କର ଆମଦେଶକୁ ସୁଅ ଛୁଟିବ। ଅନ୍ୟକେତେ ନିରାଶାବାଦୀ କହୁଛନ୍ତି ବହୁତ ଅସୁବିଧା ହେବ। ଆମ ଦେଶର ଛୁଆଙ୍କ ଭବିଷ୍ୟତ ଏକଦମ୍ ଚମ୍ପଟ୍ ହୋଇଯିବ। ନଇ ନଦେଖି ଲଙ୍ଗଳା ହେଲାପରି କେତେଲୋକ ଭୟଭିତ ହେଲାବେଳକୁ ଅନ୍ୟକିଛି ଆଶାବାଦୀ ଗୋଷ୍ଠି ଉତ୍‌ଫୁଲ୍ଲିତ ହୋଇ କୁରୁଳୁଛନ୍ତି। ଜଣେ କେହି ତା'ଙ୍କ ନିବନ୍ଧରେ ଲେଖିଛନ୍ତି ଯେ କେନ୍ଦ୍ରର ଏହି ଶିକ୍ଷାନୀତି ବଳରେ ଭାରତ ସମଗ୍ରବିଶ୍ୱର ଶିକ୍ଷାକେନ୍ଦ୍ର ହୋଇଯିବ। ସିଏ ବୋଧେ ନିଶ୍ଚିତ ପଦ୍ମଫୁଲିଆ ହୋଇଥିବେ! ତା'ପରେ ବିଶ୍ୱଗୁରୁର ଆକାଶ ଛୁଇଁବାକୁ ଆଉ ମାତ୍ର ଚାରିଆଙ୍ଗୁଳ ଖଣ୍ଡେ ବାକି ରହିଲେ ରହିପାରେ। ପ୍ରଥମେ ଏହି ଶିକ୍ଷାନୀତିର ଉପକାରିତା ଓ ଅପକାରିତା ଗୁଣଗୁଡିକ ଆଲୋଚନା ପୂର୍ବରୁ ଏହାର ପ୍ରଚ୍ଛଦପଟ କାହାଣୀ ବିଶେଷ ବାବଦରେ ଜାଣି ନେବା ଜରୁରୀ। ସ୍ୱଳ୍ପବାକ୍ୟରେ କହିବାକୁ ଗଲେ ପୁରୁଣା ଶିକ୍ଷାନୀତିକୁ ବଦଳେଇବାକୁ ବିଜେପି ଦଳ ୨୦୧୪ମସିହା ନିର୍ବାଚନ ଘୋଷଣାପତ୍ରରେ ସ୍ଥାନ ଦେଇଥିଲେ। କିନ୍ତୁ କିଛି ହୋଇପାରିଲାନି। ୨୦୧୯ନିର୍ବାଚନ ଜିତିବା ପରେପରେ ଏହା ଉପରେ ପ୍ରାଥମିକତା ଦିଆଗଲା। ସରକାର ଗଠନ ଆରମ୍ଭରୁ ନୂତନ ଶିକ୍ଷାନୀତି ଉପରେ ନାନାଦି ପ୍ରକାର ଆଲୋଚନା ପର୍ଯ୍ୟାଲୋଚନା ଚାଲିଲା। ବହୁତ ବଡବଡ ଶିକ୍ଷାବିତ୍‌ମାନଙ୍କ ସହ ବିଚାରବିମର୍ଶ କରି ଶେଷରେ ତା୩୧-୦୫-୨୦୧୯ରିଖରେ ନୂତନ ଶିକ୍ଷାନୀତିର ଡ୍ରାଫ୍ଟକପି ସରକାରୀ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ କରାଯାଇ ସମସ୍ତଙ୍କର ମତାମତ, ସୁଝାବ ଏବଂ ଟିପ୍ପଣୀମାନ ସରକାରଙ୍କୁ ପଠେଇବାକୁ ଆହ୍ୱାନ କରାଗଲା। ପରେ ଏହା ସାଧାରଣ ଜନତାଙ୍କ ଅବଗତି ନିମନ୍ତେ ୨୨ଟି ଭାରତୀୟ ସ୍ଥାନୀୟ ଭାଷାରେ ଅନୁବାଦ କରାଯାଇ ସେହି ସରକାରୀ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ କରାଗଲା। ସେ ଯାହାହେଉ ୪୮୪ପୃଷ୍ଠାର ଏହି ନୂତନ ଶିକ୍ଷାନୀତି ନିୟମାବଳୀ ଉପରେ ୨,୦୦,୦୦୦ ସୁଝାବ, ୨,୫୦,୦୦୦ ଗ୍ରାମପଂଚାୟତର ଟିପ୍ପଣୀ, ୬୬୦୦ ବ୍ଲକ୍ ଏବଂ ୬୦୦୦ ସହରୀ ଶିକ୍ଷାସଂସ୍ଥାମାନଙ୍କର ମତାମତ ସରକାରଙ୍କର ହସ୍ତଗତ ହୋଇଥିଲା। ତାପରେ ଦେଶର ଶିକ୍ଷା ସଚିବ ଏବଂ ଶିକ୍ଷାମନ୍ତ୍ରୀମାନଙ୍କ ମଧ୍ୟରେ ଅନେକ ସଭା ସମିତି ବସି ଶେଷରେ ଏହି ନୂତନ ଶିକ୍ଷା ପଦ୍ଧତିର କଳେବର ଚୁଡାନ୍ତ କରାଯାଇ ତା୦୭-୧୧-୨୦୧୯ରିଖରେ ସଂସଦୀୟ ସ୍ଥାୟୀସମିତିକୁ ସମର୍ପଣ କରାହେଲା।

ସଂକ୍ଷିପ୍ତରେ କହିବାକୁ ଗଲେ ଏହି ନୂତନ ଶିକ୍ଷାନୀତିକୁ ତିଆରି କରିବାପାଇଁ ସରକାର ବହୁତ ବିଚାର ବିମର୍ଷ କରିଛନ୍ତି। ହେଲେ ମୋର ଛୋଟବୁଦ୍ଧି ମୁଣ୍ଡରେ କିଛିପ୍ରଶ୍ନ ବାରମ୍ବାର ଉଙ୍କି ମାରୁଛି। ଏବେକାର ଯେଉଁ ନୂତନ ଶିକ୍ଷାନୀତି ପ୍ରଚଳନ ହେବାକୁ ଯାଉଛି ତନ୍ମଧ୍ୟରେ ବୈଷୟିକ ଉଚ୍ଚଶିକ୍ଷା ବିଭାଗର ନୀତିନିୟମକୁ ତର୍ଜମା କଲେ ଜଣାଯାଏ ଯେ ସମସ୍ତେ ଗୋଟିଏ ପାଠ୍ୟକ୍ରମରେ ଏକାବେଳେ ଦାଖଲା ନେବେ। ଯିଏ ପ୍ରଥମ ବର୍ଷପରେ ବାହାରିଯିବ ତା'କୁ ସାର୍ଟିଫିକେଟ୍ କୋର୍ଷ ଶେଷକରିଲା ବୋଲି ପ୍ରମାଣପତ୍ର ମିଳିବ। ଯିଏ ଦ୍ୱିତୀୟ ବର୍ଷପରେ ବାହାରିବ ସିଏ ଡିପ୍ଲୋମା ଏବଂ ତୃତୀୟବର୍ଷ ପାଠ ସହ ପ୍ରୋଜେକ୍ଟ ସରିଲେ ବ୍ୟାଚେଲର୍ ଡିଗ୍ରୀ ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ବିବେଚିତ ହେବ। ତା'ପରେ ଏମ୍‌ଫିଲ୍ ଆଦିପାଇଁ ପଶ୍ଚିମିଦେଶ ଶିକ୍ଷା ପଦ୍ଧତି ଅନୁରୂପ ବ୍ୟବସ୍ଥା ହୋଂଛି। ଏଠି ପ୍ରଶ୍ନହେଲା ଯିଏ ଶହେମିଟର୍ ଦୌଡ, ଦୁଇଶହମିଟର୍ ଦୌଡ, ହଜାରେମିଟର୍ ଦୌଡ, ଦୁଇହଜାରମିଟର୍ ଦୌଡସହ ମାରାଥନ୍ ଦୌଡପରି ଭିନ୍ନଭିନ୍ନ ପ୍ରତିଯୋଗିତାରେ ଭାଗନେବାକୁ ପ୍ରସ୍ତୁତ ହେବାପାଇଁ ଗୋଟିଏଜାଗାରେ ଗୋଟିଏ କୋଚ୍‌ଦ୍ୱାରା ଏକାପରି ପ୍ରଶିକ୍ଷଣ ନେଲେ କ'ଣ ଚଳିବ! ମୋ' ହିସାବରେ ଛୁଆବେଳେ ପଢିଥିବା ସେ ଚାରିଅନ୍ଧଙ୍କ ଦ୍ୱାରା ହାତମାରି ହାତୀର ରୂପବର୍ଣ୍ଣନା କଲାପରି ଅନେକଛାତ୍ର ଏପରି ଶିକ୍ଷା ପଦ୍ଧତିରେ ଭୁଲ୍‌ଭାଲ୍ ଜ୍ଞାନ ଆହରଣ କରିପାରନ୍ତ। ଯିଏ ପ୍ରଥମବର୍ଷ ପଢି ବାହାରିଯିବ ସିଏ ପୁରା ଇଂଜିନିୟରିଂ ହାତୀପରି ଏକ ବିରାଟକୋର୍ଷର ଲାରେ ହାତମାରି ହାତୀଟା ଦଉଡିପରି କହିବ ଏବଂ ଯେଉଁ ଛାତ୍ରମାନେ ଗୋଡରେ ହାତମାରିବେ ସେମାନେ ଖୁଂଟ ବୋଲି ବଖାଣିବେ। ଅଳ୍ପକିଛି ଛାତ୍ର ଶୁଣ୍ଢରେ ହାତମାରି ସାପ ଏବଂ କିଛି ଚାରିଖୁଂଟକୁ ଦୁଇହାତରେ ଅଣ୍ଡାଳି ଘରପରି ଅନ୍ଦାଜ କରିପାରନ୍ତି। ଏପରି ଶିକ୍ଷାରେ ସାର୍ଟିଫିକେଟ୍, ଡିପ୍ଲୋମା ଓ ଡିଗ୍ରୀ ପାଠ୍ୟକ୍ରମ ଅଙ୍ଗଆରମ୍ଭ ପୂର୍ବରୁ ଜଣଙ୍କର ଯେଉଁ ମାନସିକସ୍ତରରେ ପ୍ରସ୍ତୁତିକରଣ ଦରକାର ତାହା କେମିତି ସମ୍ଭବ ହେବ! ଲମ୍ବାରେସ୍‌ର ଘୋଡାକୁ ଗଳିରେ ଦୌଡେଇଲେ କ'ଣ ସୁଫଳ ମିଳିବା ସହଜ ହେବ! (କ୍ରମଶଃ)

+ ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-
୭୫୧୦୧୯,
ମୋ- ୯୪୩୯୧୨୮୦୫୦ /
bdpanda1@gmail.com

# ଫେଷ୍ଟିଭ ସିଜିନରେ ଷ୍ଟାଇଲିଶ ଲୁକ୍

ଯଦି ଆପଣ ଏହି ଫେଷ୍ଟିଭ ସିଜିନରେ ଏଥନିକ ଡ୍ରେସେସ ପାଇଁ ସୁନ୍ଦର ଲେହେଙ୍ଗା ଡିଜାଇନର ଇମ୍ପ୍ରେସନ ହେବାକୁ ଚାହୁଁଛନ୍ତି ତେବେ ଈଶା ଅମ୍ବାନୀଙ୍କ ଠାରୁ ବିଭିନ୍ନ ଡ୍ରେସ ଡିଜାଇନକୁ ଫଲୋ କରିପାରନ୍ତି । ଏମିତି ତ ସେ ୱେଷ୍ଟର୍ଣ୍ଣ ଡ୍ରେସରେ ସବୁବେଳେ ନଜର ଆସନ୍ତି । କିନ୍ତୁ ପାରମ୍ପରିକ ଡ୍ରେସ ପ୍ରତି ତାଙ୍କର ବିଶେଷ ରୁଚି ରହିଛି ।



**ପେଷ୍ଟଲ କଲର :** ଅଧିକ ଚମକ ଥିବା ରଙ୍ଗକୁ ଯଦି ଆପଣ ପସନ୍ଦ କରୁ ନଥିବେ ତେବେ ଏହି ଫେଷ୍ଟିଭ ସିଜିନରେ ଆପଣ ପେଷ୍ଟଲ ରଙ୍ଗର ଲେହେଙ୍ଗା କିଣିପାରିବେ । ଈଶା ଅମ୍ବାନୀଙ୍କର ଏହି ଲେହେଙ୍ଗାରେ ସିଲଭର ରଙ୍ଗର ହେଭି ଏମ୍ବ୍ରୋଏଡୋରୀ ଅଛି । ଏହା ସହିତ ମ୍ୟାଚିଂ ବ୍ଲାଉଜ ଓ ପିୟର ଓଢ଼ଣି ତିଆରି କରିପାରିବେ । ଯଦି ପ୍ରତ୍ୟେକ ଦିନ କାଜୁଆଲ ଡେସେସ ପିନ୍ଧିବା ପସନ୍ଦ କରୁଥାନ୍ତି ତେବେ ପର୍ବପର୍ବାଣିରେ ଏହି ପ୍ରକାରର ଡେସରେ ପୂରା ମଜା ନେଇପାରିବେ ।

**ଲାଇଟ୍ ପିଙ୍କ :** ଯଦି ପିଙ୍କ କଲରକୁ ଆପଣ ପସନ୍ଦ କରୁଥିବେ ତେବେ ଓଭରଅଲ ଏମ୍ବ୍ରୋଏଡୋରୀର ଲେହେଙ୍ଗା ଆପରଙ୍କ ଉପରେ ବହୁତ ସୁନ୍ଦର ଦେଖାଯିବ । ତେବେ ପିଙ୍କ ଓ ହ୍ୱାଇଟ କଲରରେ ସୂକ୍ଷ୍ମ ଏମ୍ବ୍ରୋଏଡୋରୀ ଓ ଏହା ସହିତ ଜ୍ୱେଲରୀ ଆପଣଙ୍କୁ ରୟାଲ ଲୁକ୍ ଦେବ । ଘରେ ହେଉଥିବା ପୂଜାରେ ଏହି ଲୁକ୍ ବେଶ ସୁନ୍ଦର ଲାଗିବ ।

**ବ୍ଲାକଶାଢ଼ି :** ଫେଷ୍ଟିଭ ସିଜିନରେ ଭିନ୍ନ ଲୁକ ଦେବାକୁ ଚାହୁଁଥିଲେ । ବ୍ଲାକ ରଙ୍ଗର ଶାଢ଼ିକୁ ଅଲଗା ପ୍ରକାରର ଡେପିଙ୍ଗ ସହିତ ପିନ୍ଧିପାରିବେ । ଏହି ଶାଢ଼ିର ବର୍ଡ଼ରରେ ଗୋଲଡେନ ଓ ସିଲଭରର କଲରର ଡିଜାଇନ ଓ ମ୍ୟାଚିଂ ବ୍ଲାଉଜଚ ଏଥନିଜ ଓ ମଡର୍ଣ୍ଣ ଡ୍ରେସେସର ସୁନପ୍ଦର କମ୍ବିନେସନ । ଏହି ପ୍ରକାରର କ୍ଲାସିକ ଡ୍ରେସ ସହିତ ହାଲୁକା ଜ୍ୱେଲରୀ ଓ ଲାଇଟ ମେକ ଅପ ସୁନ୍ଦର ଲାଗିବ ।

**ଲାଇଟ ବ୍ରାଉନର ଲେହେଙ୍ଗା :** ଯଦି ଆପଣ ରେଡ, ଗ୍ରୀନ ଓ ବ୍ଲୁ ପରି ରଙ୍ଗକୁ ଛାଡ଼ି ଏହି ଫେଷ୍ଟିଭ ସିଜିନରେ କିଛି ନୂଆ ଟ୍ରାଏ କରିବାକୁ ଚାହୁଁଛନ୍ତି ତେବେ ଲାଇଟ ବ୍ରାଉନ କଲରବାଲା ଲେହେଙ୍ଗା ମଧ ସୁନ୍ଦର ଲୁକ୍ ଦେବ । ଏହି ପ୍ରକାରର ଲେହେଙ୍ଗାରେ ଆପଣ ନିଜ ପସନ୍ଦ ମୁତାବକ ଲାଇଟ ବା ହେଭି ଏମ୍ବ୍ରୋଏଡୋରୀ ପସନ୍ଦ କରିପାରିବେ ।

**ଲାଇଟ୍ ଏଥେନିକ ଡ୍ରେସ :** ଏହି ଫେଷ୍ଟିଭ ସିଜନରେ ଲାଇଟ କଲରର ଏମ୍ବୋଏଡୋରୀର ଡ୍ରେସ ଆପଣ ପସନ୍ଦ କରିପାରିବେ । ଲାଇଟ କଲର ଦ୍ୱାରା ଆପଣ ହାଲୁକା ଅନୁଭବ କରିବେ । ଡ୍ରେସ ସହିତ କାନରେ ଓ ଗଳାରେ ହେଭି ଜ୍ୱେଲରୀ ପିନ୍ଧିଲେ ଆପଣଙ୍କୁ କଣ୍ଟ୍ରାଷ୍ଟ ଲୁକ୍ ଦେବ ।

**ଗୋଲଡେନ ଓ ବ୍ଲାକର କମ୍ବିନେସନ :** ଯଦି ଆପଣ ଏହି ସିଜନରେ ଆକର୍ଷଣୀୟ ଲୁକ ଦେବା ପାଇଁ ଚାହୁଁଛନ୍ତି, ତେବେ ଗୋଲଡେନ ଓ ବ୍ଲାକ କଲରର କମ୍ବିନେସନର ଲେହେଙ୍ଗା ଆପଣ ପସନ୍ଦ କରିପାରିବେ । ଏହି ଲେହେଙ୍ଗା ସହିତ ଏମ୍ବ୍ରୋଏଡେରୀର ବ୍ଲାଉଜ ଓ ଶିୟର ଦୁପଟ୍ଟା ଡ୍ରେସର ସୌନ୍ଦର୍ଯ୍ୟକୁ ଅଧିକ ବୃଦ୍ଧି କରିବା ।

# ଯୋଗ ଦ୍ୱାରା ନିରୋଗ ରୁହନ୍ତୁ



ଯୋଗଦ୍ୱାରା ସ୍ୱାସ୍ଥ୍ୟକୁ ଠିକ ରଖିବା ପାଇଁ କିଛି ସମୟ ଲାଗିପାରେ କିନ୍ତୁ ଏହାର ପ୍ରଭାବ ରାମବାଣ ପରି ।ଜୀବନଶୈଳୀର ପରିବର୍ତ୍ତନ ଯୋଗୁ ଯେଉଁ କେତେକ ବେମାରୀ ସବୁ ସାଧାରଣ ହୋଇଗଲାଣି, ସେସବୁ ବେମାରୀକୁ କେତୋଟି ଆସନ ଯୋଗୁ ଠିକ୍ କରାଯାଇପାରିବ ।

**ସୂକ୍ଷ୍ମ ଆସନ:** ଚାଳିଶ ବର୍ଷରୁ ଅଧିକ ମହିଳାମାନଙ୍କର ଖାଦ୍ୟପେୟର ଅନିୟମିତତା ଯୋଗୁ କ୍ୟାଲସିୟମର ଅଭାବ ଦେଖାଯାଇଥାଏ । ଏହି କାରଣ ଯୋଗୁ ମହିଳାମାନଙ୍କର ଆଣ୍ଠୁରେ ଯନ୍ତ୍ରଣା ଓ ସ୍ପଣ୍ଡିଲାଇଟିସର ସମସ୍ୟା ଦେଖାଦେଇଥାଏ । ଏହି ଆସନ କରିବା ଦ୍ୱାରା ଏପରି ସମସ୍ୟାରୁ ମୁକ୍ତି ମିଳିଥାଏ ।

**ତିତଲା ଆସନ:** ମହିଳାମାନଙ୍କର ଗର୍ଭାଶୟ ସମ୍ବନ୍ଧୀୟ ସମସ୍ୟା ଓ ମାଂସପେଶୀ ଟାଇଟ ହୋଇଗଲେ ଏହି ଆସନ ଦ୍ୱାରା ସିମସ୍ୟା ଦୂର ହୋଇଥାଏ ।

**କପାଳଭାରତୀ:** ଏହାକୁ ପ୍ରତ୍ୟେକ ବର୍ଗର ସ୍ତ୍ରୀ-ପୁରୁଷମାନେ କରିପାରିବେ ଏହାଦ୍ୱାରା ଫୁସଫୁସ ଓ ନର୍ଭସ ସିଷ୍ଟମ ଠିକ ରହେ ।

**ଅନୁଲୋମ ବିଲୋମ:** ନିଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ ସମସ୍ୟା, ବ୍ଲଡପ୍ରେସର, ସୁଗାର କଣ୍ଟ୍ରୋଲ କରିବାରେ ଏହି ଆସନ ଲାଭକାରୀ ହୋଇଥାଏ । ଏହି ଆସନକୁ ସମସ୍ତେ କରିପାରିବେ ।

**ଶୀତଳୀ ପ୍ରାଣାୟାମ:** ଗରମ ଦିନରେ ଶୀତଳୀ ପ୍ରଣାୟାମ କରିବା ଯୋଗୁ ଏସିଡିଟି ସମେତ ପେଟ ସମ୍ବନ୍ଧୀୟ ସମସ୍ୟା ରହେ ନାହିଁ । ଏହି ଆଶସନ ବୟସ୍କ ଲୋକମାନେ କରିବା ଉଚିତ ।

**ବୃକ୍ଷ ଆସନ, ସର୍ବାଙ୍ଗ ଆସନ:** ଶିକ୍ଷା ଓ ରୋଜଗାର ସଙ୍କଟକୁ ନେଇ ହେଉଥିବା ଯୁବପିଢ଼ି ପାଇଁ ଏହି ଆସନ ଲାଭକାରୀ । ଶାରୀରିକ ସ୍ତରରେ ସୁସ୍ଥ ରହିବା ପଶଇଁ ଏହି ଆସନ ସମସ୍ତଙ୍କ ପାଇଁ ଲାଭକାରୀ ହୋଇଥାଏ ।

**ସୂର୍ଯ୍ୟ ନମସ୍କାର:** ପିଲାମାନଙ୍କର ବିକାଶ, ବିଶେଷ କରି ଉଚ୍ଚତା ବୃଦ୍ଧି ଓ ଆଖିର ସମସ୍ୟା ଠିକ ରଖିବାକୁ ହେଲେ ସୂର୍ଯ୍ୟ ନମସ୍କାର କରିବା ବହୁତ ଜରୁରୀ । ଏହା ସମସ୍ତେ କରିବା ଉଚିତ ।



## ସାଗୁଦାନା ଖେଚୁଡ଼ି

ସାଗୁଦାନାକୁ ଧୋଇ ୧ ଘଣ୍ଟା ପାଇଁ ପାଣିରେ ଭିଜାଇ ଦିଅନ୍ତୁ । ଭିଜିଗଲା ପରେ ପାଣିକୁ କାଢ଼ିଦିଅନ୍ତୁ । ଆଳୁକୁ ସିଝାଇ ଛୋଟ ଛୋଟ କରି କାଟି ଦିଅନ୍ତୁ । ଏବେ କଡ଼ାଇକୁ ଗରମ କରି ଘିଅ ଢ଼ାଳନ୍ତୁ ଓ ଚିନାବାଦାମ ମଞ୍ଜିକୁ ଭାଜି ଦିଅନ୍ତୁ । ଥଣ୍ଡା କରିବା ପାଇଁ ଥାଳିରେ ଢ଼ାଳି ଦିଅନ୍ତୁ ଓ ଥଣ୍ଡା ହେବା ପରେ ଚିନା ବାଦାମକୁ ମୋଟା ମୋଟା କରି ଗୁଣ୍ଡ କରନ୍ତୁ । ବାକିଥିବା ଘିଅରେ ଜିରା, କଞ୍ଚାଲଙ୍କା ପକାଇ ଫୁଟାଇ ଦିଅନ୍ତୁ । ଏହାପରେ ଆଳୁ, ସାଗୁଦାନାକୁ କଡ଼ାଇରେ ଢ଼ଶଳି ଭଲଭାବରେ ମିଶାଇ ଦିଅନ୍ତୁ । ଲୁଣ ଓ ଅଳ୍ପ ପାଣି ମିଶାଇ ଧୀମା ଆଞ୍ଚରେ ଗ୍ୟାସ ଉପରେ ରଖନ୍ତୁ ଓ ଘୋଡ଼େଇ ଦିଅନ୍ତୁ । ୭ରୁ ୮ ମିନିଟ ପରେ ଗ୍ୟାସ ବନ୍ଦ କରି ଓହ୍ଲାଇ ଦିଅନ୍ତୁ । ଧନିଆପତ୍ର ଓ ଲେମ୍ବୁରସ ମିଶାଇ ଦିଅନ୍ତୁ । ଏବେ ଆପରଙ୍କର ଶାଗୁଦାନା ଖେଚୁଡ଼ି ପ୍ରସ୍ତୁତ ହୋଇଗଲା ।

ଆବଶ୍ୟକ ସାମଗ୍ରୀ:

(୧) ସାଗୁଦାନା-୧୦୦ଗ୍ରାମ, ଘିଅ-୨ ଚାମଚ, ଜିରା-ଅଧାଚାମଚ, କଞ୍ଚାଲଙ୍କା-୨ଟି କଟାଯାଇଥିବା । ଚିନାବାଦାମ-୧ବଡ଼ଚାମଚ, ସିଝାଆଳୁ ୧ଟି କରାଯାଇଥିବା, ସୈନ୍ଧବଲବଣ -ସ୍ୱାଦ ଅନୁସାରେ, କଟାଯାଇଥିବା ଧନିଆପତ୍ର ବଡ଼ ଚାମଚ, ଗୋଟିଏ ଲେମ୍ବୁର ରସ ।

# ଆଖିର ସୁନ୍ଦରତା ପାଇଁ ମେକଅପ ଟିପସ



ପୂର୍ବରୁ ବିବାହ ପାର୍ଟିରେ କିଛି ମହିଳା ଯେପରି ବୋହୂ ବା ଯାହା ପାଇଁ ପାର୍ଟି ଦିଆଯାଉଥାଏ କେବଳ ସେମାନେ ଭିଡ଼ ମଧ୍ୟରୁ ଅଲଗା ଦେଖାଯିବା ପାଇଁ ଆଖି ପାଇଁ ବିଶେଷ ମେକଅପ କରିଥାନ୍ତି କିନ୍ତୁ ଏବେ ବିବାହରେ ବୋହୂର ସାଙ୍ଗସାଥୀ, ଆତ୍ମୀୟସ୍ୱଜନ, ଅଫିସ ବା କଲେଜ ଯାଉଥିବା ମହିଳାମାନେ, ସମସ୍ତଙ୍କ ଆଖିରେ ମେକଅପ ଦେଖିବାକୁ ମିଳୁଛି । ଚେହେରାର ବିଭିନ୍ନ ମେକଅପ ପରି ପ୍ରତ୍ୟେକ ଅବସରରେ ଆଖିର ମେକଅପ ମଧ ଅଲଗା ହୋଇଥାଏ ।

### ଆର୍ଟିଷ୍ଟିକ ଆଇଲାଇନର:

ଆଜିକାଲି କାଜଲ ଅପେକ୍ଷା ଆଇଲାଇନର ଅଧିକ ବ୍ୟବହାର କରାଯାଉଛି । ଅଫିସ ଯାଉଥିବା ମହିଳାମାନେ ସିମ୍ପଲ, କ୍ଲାସିକ ଆଇଲାଇନରୀର ପରତ ଲଗେଇ ଥିବାର ନଜର ଆସୁଛନ୍ତି । ସେହିପରି ପାର୍ଟିକୁ ଯାଉଥିବା ମହିଳାମାନେ ୱାଇଲଡ଼ ଆଇଲାଇନରର ବ୍ୟବହାର କରିଥାନ୍ତି ।

### ଡେ ପାର୍ଟି ଆଇ ମେକଅପ:

ଦିନରେ ପାର୍ଟିକୁ ଉପଭୋଗ କରୁଥିବା ଝିଅ ଓ ମହିଳାମାନଙ୍କର ପ୍ରଥମ ପସନ୍ଦ ହେଲା ଗୋଥିକ ଆଇ ମେକଅପ । ସିମରିଙ୍ଗ ପରପଲ, ଡାର୍କବ୍ଲୁ, ଗ୍ରୀନ, ହ୍ୱାଇଟ, ଡାକୟ ଗ୍ରେ, ବ୍ରାଉନ ଆଇସ୍ୟାଡ଼ୋ ସହିତ ବ୍ଲାକ, ବ୍ରାଉନ ବା ଅନ୍ୟ କୌରସି ଗାଢ଼ ରଙ୍ଗର ଆଇଲାଇନର ଚର୍ମିଙ୍ଗ ଗାଲମାନଙ୍କର ଶୋଭା ବଢ଼ାଇଥାଏ ।

### ଇଭନିଙ୍ଗ ପାର୍ଟି ଆଇ ମେକଅପ୍:

ମଡେଲମାନଙ୍କର ଚେହେରାରେ ଦେଖାଯାଉଥିବା ଅଖି ସ୍ମୋକି ଦେଖାଯାଏ । ସେଥିପାଇଁ ସନ୍ଧ୍ୟାବେଳେ ହେଉଥିବା ପାର୍ଟିରେ ଝିଅମାନେ ବା ମହିଳାମାନେ ଡ୍ରୋମେଟିକ ଆଇ ମେକଅପର ବ୍ୟବହାର କରିଥାନ୍ତି । ଡାର୍କ ଓ ଡିପ୍ ଆଇଲାଇନର ସହିତ ଗାଢ଼ ରଙ୍ଗର ଆଇ ପେନସିଏ ଓ ପରପଲ ବ୍ଲୁ ବା କଳାରଙ୍ଗର ମସ୍କରା ଆଖିକୁ ଆକର୍ଷଣୀୟ କରିଥାଏ ।

### ନ୍ୟୁଟ୍ରଲ ସାଡ଼ୋ ଆଇ ମେକଅପ:

ପ୍ରତ୍ୟେକ ଦିନ ଠାରୁ ଅଲଗା ଦେଖାଯିବାର ଇଚ୍ଛାରେ ଝିଅମାନେ ବା କିଟି ପାର୍ଟିରେ ସାମିଲ ହେବା ପାଇଁ ଇଚ୍ଛୁକ ମହିଳାମାନଙ୍କ ମଧ୍ୟରେ ନ୍ୟୁଟ୍ରଲ ଆଇ ସାଡ଼ୋ ଆଇ ମେକଅପର ପ୍ରଚଳନ ଅଧିକ ହେଉଛି ।

### ପ୍ରିଟି ଗୀନ ଆଇ ମେକଅପ:

ନାଇଟ କ୍ଲବ ପାର୍ଟି, ଥୀମ ପାର୍ଟି ବା ସାଙ୍ଗମାନଙ୍କ ମଧ୍ୟରେ ହେଉଥିବା ପାର୍ଟିଗୁଡ଼ିକରେ ଝିଅମାନେ ଏ ବର୍ଷ ପ୍ରିଟି ଗ୍ରୀନ ଆଇ ମେକଅପ କରିବାର ଦେଖାଯାଉଛନ୍ତି । ଗ୍ରୀନ ଶେଡର ଲାଇନର ପତଳା ରେଖା ଆଖିର ଉପର ଓ ତଳର ଆଉଟଲାଇନକୁ କଭର କରି ବାହାର ଆଡ଼କୁ କୋଣ ପର୍ଯ୍ୟନ୍ତ ଲଗାଇ ଝିଅମାନେ ଆଖିକୁ ଆକର୍ଷଣୀୟ ଲୁକ୍ ଦେଉଛନ୍ତି ।



# କେଶକୁ ଭଲ ରଖେ ଭେଣ୍ଡି




ଭେଣ୍ଡି ତରକାରି ଓ ଭେଣ୍ଡିଭଜା ଖାଇବାକୁ ସମସ୍ତେ ଭଲ ପାଇଥାନ୍ତି । ଗବେଷଣାରୁ ଜଣାପଡ଼ିଛି, ଭେଣ୍ଡିରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁଣ ଭରପୂର ମାତ୍ରାରେ ରହିଛି । ହେଲେ ଏହାକୁ ଖାଉଥିବା ଲୋକେ ଏନେଇ ସଚେତନ ନୁହଁନ୍ତି । ଆସନ୍ତୁ ଜାଣିବା ଭେଣ୍ଡି ଖାଇଲେ ଆମକୁ କ'ଣ ଫାଇଦା ମିଳିବ ।

☽ଭେଣ୍ଡି ଖାଇଲେ କେଶ ଲମ୍ବା ଓ ମୋଟା ରହିଥାଏ । ପ୍ରତିଦିନ ଭେଣ୍ଡି ଖାଇଲେ ମୁଣ୍ଡରୁ ରୁପି ସମସ୍ୟା ଦୂର ହୋଇଥାଏ । ଲେମ୍ବୁ ମିଶାଇ କେଶରେ ଲଗାନ୍ତୁ ଏହା କେଶ ପାଇଁ ଲାଭଦାୟକ ।

☽ଭେଣ୍ଡିରୁ ପ୍ରୋଟିନ, କ୍ୟାଲସିୟମ, ଫ୍ୟାଟ୍, କାର୍ବୋହାଇଡ୍ରେଡ୍ ସହ ଫୁସଫୁସର ମିଳିଥାଏ । ଏହା ଶରୀରପାଇଁ ଲାଭକାରୀ । ଏଥିରୁ ପୋଷକ ତତ୍ତ୍ୱ ମିଳିଥାଏ ।

☽ଏହା ଓଜନ ହ୍ରାସ କରିବା ସହ ଶରୀରର ଫ୍ୟାଟ କମ କରିଥାଏ ।

☽ଗବେଷଣାରୁ ଜଣାପଡ଼ିଛି, ଭେଣ୍ଡିରେ ଥିବା ତତ୍ତ୍ୱ କୋଲୋନ କ୍ୟାନସରର ବିଷାକ୍ତ ତତ୍ତ୍ୱକୁ ନଷ୍ଟ କରିଦେଇଥାଏ । ଭେଣ୍ଡି ଖାଇଲେ ମାରାତ୍ମକ କର୍କଟ ଭଳି ରୋଗ ହେବାର ସମ୍ଭାବନା କମ ରହିଥାଏ ।

☽ଭେଣ୍ଡିରୁ ଆଇରନ ମିଳିଥାଏ । ଏହା ଶରୀର ପାଇଁ ଲାଭଦାୟକ । ରକ୍ତରେ ହିମୋଗ୍ଲୋବିନ ତିଆରି କରିବାରେ ସାହାଯ୍ୟ କରିଥାଏ । ଫଳରେ ଏନୋମିଆ ହେବାର ସମ୍ଭାବନା କମ ଥାଏ ।

## ଅର୍ଶ ରୋଗୀଙ୍କ ପାଇଁ ଖାଦ୍ୟ

ଅର୍ଶର ମୂଳ କାରଣ ହେଉଛି କୋଷ୍ଠକାଠିନ୍ୟ । ଡାକ୍ତରଙ୍କ ମତରେ ଅର୍ଶ ରୋଗୀମାନେ ପ୍ରଚୁର ପରିମାଣରେ ତନ୍ତୁ ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ । କୋଷ୍ଠକାଠିନ୍ୟଠାରୁ ଦୂରେଇ ରହିବା ପାଇଁ ବିଶେଷ ଖାଦ୍ୟ ସବୁ ରହିଛି । ଏହି ଖାଦ୍ୟ ବାବଦରେ ସଚେତନ ହେବା ଆବଶ୍ୟକ ।

କ'ଣ ଖାଇବେ :- ଦିନରେ ଦୁଇଥର ଫଳ, ପ୍ରବଳ ପରିମାଣରେ ପନି-ପରିବା ତରକାରୀ ଖାଆନ୍ତୁ । ସେଓ, କଦଳୀ, ପିଜୁଳି, କମଳା, ନାସପାତି ଓ ଡାଳିମ୍ବରୁ ଯଥେଷ୍ଟ ତନ୍ତୁ ମିଳେ । ଚୋପା ନ ଛଡ଼ାଇ ପୂରା ଫଳ ଖାଆନ୍ତୁ । ଡିମିରି ଓ କିସମିସ ମଧ ଉପକାରୀ । ଶାଗ ମଧ୍ୟରେ ପାଳଙ୍ଗ ବଥୁଆ, କୋଶଳା, ଖଡ଼ା, ମେଥି ଉତ୍ତମ । ବିନ୍ସ, ମଟର ଛଇଁ, କୋବି, ଆଉ ଖାଆନ୍ତୁ । ତାହା ଛଡ଼ା ଅକାଣ୍ଡିଆ ଚାଉଳର ଭାତ, ଅଟା ରୁଟି, ଦଳିୟା, ସୁଜି ଆଦି ଉପକାରୀ । କ'ଣ ଖାଇବେନାହିଁ: ଫଳ ରସ, ମଇଦା ରୁଟି-ପରଟା ବିସ୍କୁଟ, ପାସ୍ତା, ନୁଡୁଲ୍ସ, ନାନ ।

# କଙ୍କଡ଼ା ଦ୍ୱୀପ

ସାଧାରଣ ଭାବେ ବର୍ଷା ଦିନମାନଙ୍କରେ ଭୁଲବଶତଃ ପାଣି ସ୍ରୋତରେ ଭାସି ଆସିଥିବା କଙ୍କଡ଼ା ରାସ୍ତାରେ ବୁଲୁଥିବାର ଦେଖାଯାଏ । କିନ୍ତୁ ଅଷ୍ଟ୍ରେଲିଆରେ ଅଛି ଏମିତି ଗୋଟିଏ ଦ୍ୱୀପ ଯାହାର ସବୁ ଆଡ଼େ ଦେଖାଯାନ୍ତି ଖାଲି କଙ୍କଡ଼ା ହିଁ କଙ୍କଡ଼ା । ଖୋଲା ସଡ଼କରୁ ଆରମ୍ଭକରି ଲୋକଙ୍କ ଘରେ ମଧ ଦେଖାଯାନ୍ତି କଙ୍କଡ଼ା । ଏହି ଦ୍ୱୀପର ନାମ କ୍ରିସମସ୍ ଯାହା ଅଷ୍ଟ୍ରେଲିଆର କ୍ୱିସଲାଣ୍ଡରେ ଅବସ୍ଥିତ । ପ୍ରତିବର୍ଷ କୋଟି କୋଟି ସଂଖ୍ୟାରେ କଙ୍କଡ଼ାଙ୍କ ପରିମାଣ ବଢ଼ିବାରେ ଲାଗିଛି । ରେଷ୍ଟୁରାଣ୍ଟ, ଜଙ୍ଗଲ, ବାର, ବସ-ଷ୍ଟପରେ ଦେଖିବାକୁ ମିଳନ୍ତି ଏହି ଲୋହିତକଙ୍କଡ଼ା ସବୁ । ଏହି କଙ୍କଡ଼ାମାନେ ପ୍ରଜନନ ପାଇଁ ପ୍ରତିବର୍ଷ କ୍ରିସମସର ଜଙ୍ଗଲରୁ ଭାରତ ମହାସାଗର କୂଳ ପର୍ଯ୍ୟନ୍ତ ଯାତ୍ରା କରନ୍ତି । ଦଳବଦ୍ଧ ହୋଇ ଯାଉଥିବା ଏହି ଲାଲ କଙ୍କଡ଼ାଙ୍କ ପାଇଁ ପ୍ରାସନ ପକ୍ଷରୁ ରାସ୍ତାରେ ବୋର୍ଡ଼ ଲଗାଇଯାଏ । ଯେଉଁଥିରେ କେତେବେଳେ ଲେଖାଯାଏ ଗାଡ଼ି ଧୀରେ ଚଳାନ୍ତୁ ତ ଆଉ କେତେବେଳେ ଲେଖାଯାଇଥାଏ 'ରାସ୍ତା ବନ୍ଦ' । ୫୨ ବର୍ଗମାଇଲ କ୍ଷେତ୍ରଫଳ ବିଶିଷ୍ଟ କ୍ରିସମସର ଜନସଂଖ୍ୟା ପ୍ରାୟ ୨୦୦୦ ହୋଇଥିବାବେଳେ ପ୍ରତିବର୍ଷ ଏହି ଲୋହିତ କଙ୍କଡ଼ାମାନଙ୍କୁ ଦେଖିବା ପାଇଁ ଏଠାରେ ଲୋକଙ୍କ ଭିଡ଼ ଜମେ ।



# ବିଚିତ୍ର ସାମୁଦ୍ରିକ ଜୀବ

ଅଲାସ୍କା ସାମୁଦ୍ରିକ ଇଲାକାରେ ଏକ ବିଚିତ୍ର ଜୀବର ଅନୁସନ୍ଧାନ ମିଳିଛି ଯାହାର ଭିଡ଼ିଓ ଏବେ କିଛିଦିନ ହେବ ସୋସିଆଲ ମିଡିଆରେ ଘୂରି ବୁଲିବାରେ ଲାଗିଛି । କିଛିଦିନ ପୂର୍ବେ ଏଙ୍ଗଲର ସାରାହ ବେସେର ନାମକ ଜଣେ ମହିଳା ପ୍ରଥମେ ଫେସବୁକରେ ଏହି ବିଚିତ୍ର ଜୀବନର ଭିଡ଼ିଓ ଅପଲୋଡ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଭିଡ଼ିଓକୁ ୧୨ ଲକ୍ଷରୁ ଅଧିକ ଲୋକ ଦେଖି ସାରିଛନ୍ତି । ନାରଙ୍ଗି ରଙ୍ଗର ଏହି ଜୀବନର ଦେହସାରା ଝୁଲିଛି ବର ଗଛର ଓହଳ ପରି ଶାଖା । କିଛି ଲୋକ ଏହାକୁ ବିଚିତ୍ର ପ୍ରାଣୀ କହୁଥିବାବେଳେ କିଛି ଏହାକୁ ଏଲିଅନ ବୋଲି କହୁଛନ୍ତି । ଏଙ୍ଗଲର ଏହି ଜୀବନର ଭିଡ଼ିଓ ଅଲାକ୍ସାର ପ୍ରିନ୍ସ ଅଫ ୱେଲ୍ସ ଦ୍ୱୀପରେ ତିଆରି କରିଥିଲେ । ଭିଡିଓ ତିଆରି କରିବା ପରେ ଏଙ୍ଗଲର ଏହି ଜୀବକୁ ସମୁଦ୍ର ପାଣିରେ ଛାଡ଼ି ଦେଇଥିଲେ ।



# ଘରେ ଘରେ ଅରୁଣିମା ସେପ୍ଟେମ୍ବର ମାସର କାର୍ଯ୍ୟସୂଚୀ ସମସ୍ତ ଜିଲ୍ଲାକୁ ପ୍ରେରଣ

ଭୁବନେଶ୍ୱର,୩।୯ (ନି.ପ୍ର): କୋଭିଡ-୧୯ ମହାମାରୀ ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକ ବନ୍ଦ ରହିଛି । ଏହି ସମୟରେ ଖେଳକୁଦ, ନୃତ୍ୟ, ଗୀତ, ଚିତ୍ରାଙ୍କନ, ଛବିବହି ପଠନ, ଗଳ୍ପ କଥନ ଆଦି ମାଧ୍ୟମରେ ଶିଶୁମାନଙ୍କ ସୃଜନାତ୍ମକ ବିକାଶ ପ୍ରକ୍ରିୟାକୁ ଅବ୍ୟାହତ ରଖିବା ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ "ଘରେ ଘରେ ଅରୁଣିମା'' କାର୍ଯ୍ୟକ୍ରମ ଜାରି ରହିଛି । ପ୍ରତ୍ୟେକ ମାସ ପାଇଁ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ନିର୍ଦ୍ଦିଷ୍ଟ ବିଷୟ ବସ୍ତୁ ଉପରେ ଶିକ୍ଷା ପ୍ରଦାନ କରାଯାଉଛି । ଘରେ ଘରେ ଅରୁଣିମାର ଅଗଷ୍ଟ ମାସର ବିଷୟବସ୍ତୁ 'ମୋ ଶରୀର' ଉପରେ ଆଧାରିତ ଥିଲା । ସେପ୍ଟେମ୍ବର ମାସର ବିଷୟବସ୍ତୁ 'ପଶୁ ପକ୍ଷୀ' ରଖାଯାଇଛି ଓ ଏହା ନୂଆ ଅରୁଣିମା ପୁସ୍ତକର ତୃତୀୟ ବିଷୟବସ୍ତୁ । ଘରେ ଘରେ ଅରୁଣିମା କ୍ୟାଲେଣ୍ଡରରେ କୋଭିଡ-୧୯ ମହାମାରୀ ସମୟରେ ନିଜର ତଥା ଅନ୍ୟମାନଙ୍କର ସୁରକ୍ଷାକୁ ଗୁରୁତ୍ୱ ଦେବା ସହିତ ହାତଧୁଆ ଅଭ୍ୟାସ, ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତା ରକ୍ଷା କରିବା ଓ ଅନ୍ୟାନ୍ୟ ଉତ୍ତମ ଅଭ୍ୟାସ ସହ 'ପଶୁ ପକ୍ଷୀ'ଙ୍କ ସମ୍ବନ୍ଧିତ ଧାରଣା ପ୍ରଦାନ କରାଯାଇଅଛି । ବିଭିନ୍ନ ପଶୁ ପକ୍ଷୀ ସମ୍ବନ୍ଧରେ ଗୀତ, ଗପ, ଖେଳ, ଚିତ୍ର ଓ ଅଭିନୟ ସଂଗୀତ ମାଧ୍ୟମରେ ଶିକ୍ଷା ଦାନ କଲେ ଏହା ବିଶେଷ କୌତୂହଳପ୍ରଦ ହେବ । ତେଣୁ ମାତାପିତା ଓ ଅଭିଭାବକମାନେ ଘରେ କିପରି ଉତ୍ତର ଦାୟିତ୍ୱବୋଧତାର ସହିତ ଏକ ଆନନ୍ଦପୂର୍ଣ୍ଣ ବାତାବରଣ ଭିତରେ ଶିଶୁକୁ ଶିକ୍ଷା ପ୍ରଦାନ କରି ପାରବେ ତାହା "ଘରେ ଘରେ ଅରୁଣିମା'' କ୍ୟାଲେଣ୍ଡରରେ ପ୍ରଦତ୍ତ ହୋଇଛି । ଯେଉଁ ମାତାପିତା/ ଅଭିଭାବକମାନଙ୍କର ଆଣ୍ଡ୍ରଏଡ୍ ଫୋନ୍ ଓ ଇଂଟରନେଟ୍ ସୁବିଧା ଅଛି, ସେମାନଙ୍କୁ ହ୍ୱାଟସଆପ୍ ମାଧ୍ୟମରେ ଘରେ ଘରେ ଅରୁଣିମାର ସେପେଟମ୍ବର ମାସର କ୍ୟାଲେଣ୍ଡର ପ୍ରଦାନ କରାଯିବ ଏବଂ ସେମାନଙ୍କୁ ୟୁଟ୍ୟୁବ୍ ଲିଙ୍କ୍ ଦିଆଯିବ । ଯେଉଁ ମାତାପିତା/ଅଭିଭାବକମାନଙ୍କର ଆଣ୍ଡ୍ରଏଡ୍ ଫୋନ୍ ସୁବିଧା ନାହିଁ, ସେମାନଙ୍କୁ ଏ-୩ କାଗଜରେ ଛପା ଯାଇଥିବା ରଙ୍ଗୀନ୍ କପି 'ଘରେ ଘରେ ଅରୁଣିମା'ର ସେପ୍ଟେମ୍ବର ମାସର କ୍ୟାଲେଣ୍ଡର ପ୍ରଦାନ କରାଯିବ । ସେପ୍ଟେମ୍ବର ମାସର ୭ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କର ପରିବାର ଏହା ପ୍ରାପ୍ତ ହୋଇଛନ୍ତି ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀମାନେ ଏ ବାବଦରେ ଏକ ସାର୍ଟିଫିକେଟ୍ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗକୁ ପ୍ରେରଣ କରିବେ ଓ ହ୍ୱାଟସଆପ୍ ରେ ମଧ୍ୟ ଅଙ୍ଗନବାଡି କର୍ମୀମାନେ ଏହା ପଠାଇ ଥିବାର ସୂଚନା ପ୍ରଦାନ କରିବେ । ବିଶେଷ ସୂଚନା ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ୱେବ୍ ସାଇଟ୍ ରେ ମଧ୍ୟ ସେମାନେ ସମସ୍ତ ତଥ୍ୟ ଦେଖି ପାରିବେ । ପ୍ରକାଶଥାଉ କି, କୋଭିଡ୍ ମହାମାରୀ ସମୟରେ ଯେତେବେଳେ ଦୀର୍ଘଦିନ ଧରି କଠିନ ପରିସ୍ଥିତି ଜାରି ରହିଛି, 'ଘରେ ଘରେ ଅରୁଣିମା' କୋମଳମତି ଶିଶୁମାନଙ୍କୁ ସୃଜନଶୀଳ କାର୍ଯ୍ୟରେ ନିୟୋଜିତ ରଖିବାରେ ଏକ ସଫଳ ପ୍ରୟାସରେ ପରିଣତ ହୋଇଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ଶିଶୁମାନଙ୍କ ପିତାମାତା, ଅଭିଭାବକ, ଜେଜେବାପା, ଜେଜମାମାନଙ୍କ ସହିତ ମାନସିକ ସ୍ତରରେ ସମ୍ପର୍କ ଆହୁରୀ ଗଭୀର ହୋଇପାରିଛି । ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ଜାରି ରଖିବା ପାଇଁ ବିଭାଗ ତରଫରୁ ସମସ୍ତ ଡିଏସଡବ୍ଲୁଓଙ୍କୁ ପତ୍ର ଲେଖାଯାଇଛି ।

# ଶ୍ରୀମନ୍ଦିର ରେ ଅନନ୍ତ ବ୍ରତ ପାଳିତ

ପୁରୀ,୩।୯ (ନି.ପ୍ର): ଗତକାଲି ଶ୍ରୀମନ୍ଦିର ରେ ଅନନ୍ତ ଚତୁର୍ଦ୍ଦଶୀ ନୀତି ପାଳିତ ହୋଇଥିଲା । ମଙ୍ଗଳବାର ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ରେ ସଂନ୍ଧ୍ୟା ଧୂପ ବଢିବା ପରେ ମୁକ୍ତି ମଣ୍ଡପ ନିକଟରେ ଥିବା ଶ୍ରୀଅନନ୍ତ ଦେବ ଙ୍କ ପାଖରେ ଏହି ନୀତି ହୋଇଥାଏ । ପର୍ବ ଯାତ୍ରା , ଯୋଗଣିଆ ମହାସ୍ନାନ ପାଇଁ ଆବଶ୍ୟକ ଜିନିଷ ମାନ ଯଥା ମହୁ, ଘିଅ,ଗୁଡ,ଖୀର ଓ ଦହି ଏହି ପଂଚାମୃତ ପୁଜାପଣ୍ଡା ସାମନ୍ତ ଙ୍କୁ ଯୋଗାଇଲା ପରେ ଅନନ୍ତ ମହାପ୍ରଭୁ ଙ୍କ ମହାସ୍ନାନ ବଢାଇ ଭୋଗ ସରିବା ପରେ ଅନନ୍ତ ବ୍ରତ କଥା ପାଠ କରିଥିଲେ । ଏହା ପରେ ଅନନ୍ତ ନାରାୟଣ ଦେବ ଙ୍କୁ ଯଥା ରିତୀ ଭୋଗ ଅର୍ପଣ କରାଯାଇ ବନ୍ଧାପନା ନୀତି ଅନୁଷ୍ଠିତ ହୋଇ ନୀତି ପାଳିତ ହୋଇଥିଲା ।

# ଜଳେଶ୍ୱର ସହରର ଡାଇଭରସନ ରୋଡ ବେହାଲ : ପ୍ରତିକାର କେବେ ?

ଜଳେଶ୍ୱର,୩।୯ (ନି.ପ୍ର): ଜଳେଶ୍ୱର ସହରର ବଡବଜାରରୁ ନୂଆବଜାର ମଧ୍ୟରେ ରେଳ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଏହାର ଡାଇଭରସନ ରୋଡ ପ୍ରତି ଗୁରୁତ୍ୱ ଦିଆଯାଇନାହିଁ । ଫଳରେ ବର୍ଷା ହେଲେ ଡାଇଭରସନ ରୋଡଟି କାଦ ପଚପଚ ଓ ଖରା ହେଲେ ଧୂଳି ସର ସର ବାଟୋଇ, ସ୍ଥାନୀୟ ଲୋକେ ହନ୍ତସନ୍ତ ହେଉଛନ୍ତି । ଏହି ରାସ୍ତାକାର୍ଯ୍ୟ ୨୦୧୯ ଡିସେମ୍ବର ମାସରେ ଶେଷ ହେବାକୁ ଥିବା ବେଳେ ଅଦ୍ୟାବଧି କାର୍ଯ୍ୟର ୪୦ଭାଗ ନିର୍ମାଣ ସରିନାହିଁ । କିନ୍ତୁ ଡାଇଭରସନ ରୋଡଟି ପିଚୋ କିମ୍ବା କଂକ୍ରିଟ ହେବାର ନିୟମ ଥିବା ବେଳେ ଅଦ୍ୟାବଧି ତାହା କାର୍ଯ୍ୟକି ହୋଇନାହିଁ ସେଥିନେଇ ଜଳେଶ୍ୱରବାସୀଙ୍କ ମନରେ ବହୁ ପ୍ରଶ୍ନ ଉଙ୍କି ମାରୁଛି । ସେହିପରି ଡାଇଭରସନ ରୋଡ ର ଓସାର ଓ ମେଟାଲିଂର ମୋଟେଇ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି । ଏ ସମ୍ପର୍କରେ ସ୍ଥାନୀୟ ସହକାରୀ ଯନ୍ତ୍ରୀଙ୍କ ଯୋଗାଯୋଗ କରିବାରୁ ସରକାର ଜମି ଅଧିଗ୍ରହଣ କରିନଥିବାରୁ ରାସ୍ତାକାର୍ଯ୍ୟ ବିଶେଷ ଅଗ୍ରଗତି କରିପାରୁନାହିଁ ବୋଲି କହିଥିଲେ ।

# ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟଙ୍କ ଚତୁର୍ମାସ ବ୍ରତ ସମାପନ

ପୁରୀ,୩।୯ (ନି.ପ୍ର): ଚଳିତ ବର୍ଷ ପୂର୍ବମ୍ନାୟ ଗୋବର୍ଦ୍ଧନ ମଠ ଶଙ୍କରାଚାର୍ଯ୍ୟ ପୀଠ ରେ ଚତୁର୍ମାସ ବ୍ରତ ଆଷାଢ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ଭାଦ୍ରବ ପୂର୍ଣ୍ଣିମା ରେ ସମାପନା ହୋଇଛି । ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଓ ଅନ୍ୟ ସାଧୁ ସନ୍ଥ ମାନେ ଦୀର୍ଘ ଦୁଇ ମାସ କାଳ ମଠ ଭିତରେ ରହି ଏହି ବ୍ରତ ପାଳନ କରିଛନ୍ତି । ଏହି ସମୟରେ ମଠ ସୀମା କୁ ବାହାରି କୌଣସି ଦୂର ସ୍ଥାନକୁ ନଦୀ , ନାଳ ଅତିକ୍ରମ କରି ଯାତ୍ରା କରିବା ନିଷେଧ ଥାଏ । ପୂଜ୍ୟ ଶଙ୍କରାଚାର୍ଯ୍ୟ ଏହି ସମୟରେ ପ୍ରତ୍ୟହ ସକାଳ ୧୦ ଘଟିକା ରୁ ୧୨ ଘଟିକା ପର୍ଯ୍ୟନ୍ତ ଚତୁର୍ଦ୍ଧାନ୍ୟ କୋପନିଷେଧ ରାତ୍ରୀ ୮ ଘଟିକା ରୁ ୯ ଘଟିକା ପର୍ଯ୍ୟନ୍ତ ବ୍ରହ୍ମସୂତ୍ର ଶାଙ୍କରଭାସ୍ୟ ଭାମଟା ଟିକା ସହିତ ପଢାଉଥିଲେ । ଅପରାହ୍ନ ୫ ଟାରୁ ସଂନ୍ଧ୍ୟା ୬ ଟା ୩୦ ପର୍ଯ୍ୟନ୍ତ ଶ୍ରୀମଦଭାଗବତ ପ୍ରବଚନ କରୁଥିଲେ । ଆଜି ଅପରାହ୍ନ ୫ ଘଟିକା ରେ ଚତୁର୍ମାସ ବ୍ରତ ସମାପନା ସହ ସୀମାପାର ପାଇଁ ଗୋବର୍ଦ୍ଧନ ମଠ ରୁ ବାହାରି ବାଟମଙ୍ଗଳା ପର୍ଯ୍ୟନ୍ତ ଯାଇଥିଲେ । ଭଗବତୀ ବାଟମଙ୍ଗଳା ଙ୍କୁ ଦର୍ଶନ କରି ଆଳତୀ କରିଥିଲେ । ତା ପରେ ଶ୍ରୀଜଗନ୍ନାଥ ମନ୍ଦିର ସିଂହଦ୍ୱାର କୁ ଯାଇ ପତିତପାବନ୍ଦର୍ଶନ କରିଥିଲେ । ପରିଶେଷରେ ସ୍ୱର୍ଗଦ୍ୱାର ନିକଟସ୍ଥ ଆଳତୀ ମଣ୍ଡପ ଠାରେ ସମୁଦ୍ର ଆଳତୀ କରିଥିଲେ । ପୁଜ୍ୟ ଶଙ୍କରାଚାର୍ଯ୍ୟ ଙ୍କ ସହିତ ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ର କର୍ମକର୍ତା ଓ ସ୍ୱୟଂ ସେବକ ମାନେ ଯୋଗ ଦେଇଥିଲେ ।

# ହୀରାକୁଦ ଡ୍ୟାମ୍ ର ୨୨ ସ୍ଲୁଇସ୍ ଗେଟ୍ ଦେଇ ଜାରୀ ରହିଛି ଜଳ ନିଷ୍କାସନ

ସମ୍ବଲପୁର,୩।୯ (ନି.ପ୍ର): ହୀରାକୁଦ ଡ୍ୟାମ୍ ର ମୋଟ୍ ୨୨ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟା ଜଳ ନିଷ୍କାସନ ଜାରୀ ରହିଛି । ଡ୍ୟାମ୍ ର ବାମ ପାର୍ଶ୍ୱ ଡାଇକ୍ ରେ ୧୫ଟି ଏବଂ ଡ଼ାହାଣ ପାର୍ଶ୍ୱ ଡାଇକ୍ ର ୭ଟି ସ୍ଲୁଇସ୍ ଗେଟ୍ ଦେଇ ଜଳ ନିଷ୍କାସନ ଜାରୀ ରହିଛି । ଜଳ ଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୧୦ ହଜାର ୦୧୨ ଘନଫୁଟ୍ ଜଳ ପ୍ରବେଶ କରୁଛି । ସେହି ସମୟରେ ମୋଟ୍ ୨୨ଟି ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାୱାର ଚାନେଲ ଦେଇ ପ୍ରତି ସେକେଣ୍ଡରେ ୩ ଲକ୍ଷ ୮୩ ହଜାର ୪୭୧ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି । ବନ୍ଧର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଆଜି ଅପରାହ୍ନ ୩ଟା ସୁଦ୍ଧା ଜଳ ଭଣ୍ଡାରର ଜଳସ୍ତର ୬୨୪.୮୯ ଫୁଟ୍ ରହିଛି ।

# ଡାକପାଲ ଡ୍ୟାମରେ ବାଲି ବୋଝେଇ ଟ୍ରାକ୍ଟର ଦୁର୍ଘଟଣା ଅଳ୍ପକେ ବର୍ତିଲେ ଡ୍ରାଇଭର, ଶ୍ରମିକ

## ଡ୍ୟାମଟି ଅଣ ଓସାରିଆ ଥିବାରୁ ଘଟୁଛି ଦୁର୍ଘଟଣା, ସେଠାରେ ସ୍ଥାୟୀ ଉଚ୍ଚ ପୋଲ ଦାବୀ

କନ୍ଧମାଳ,୩।୯ (ନି.ପ୍ର): ଆଜି ଫୁଲବାଣି ପୌରାଂଚଳରେ ଥିବା ୨ ନମ୍ବର ୱାର୍ଡ ଡାକପାଲକୁ ସାଲୁଙ୍କୀ ନଦୀରେ ଥିବା ଡ୍ୟାମ ଉପରେ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଓଲଟି ପଡିଛି ଫଳରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ନଦୀ ଭିତରେ ପଡିଯାଇଥିଲା । ଟ୍ରାକ୍ଟର ଡ୍ରାଇଭର ଏହି ଦୁର୍ଘଟଣାରୁ ଗାଡିର ଡ୍ରାଇଭର ଓ ଶ୍ରମିକ ମାନେ ଅଳ୍ପକେ ବର୍ତି ଯାଇଥିବା ଜଣାପଡିଛି । ବାଲି ବୋଝେଇ ଟ୍ରାକ୍ଟରଟି ଡ୍ୟାମଟି ଅଣ ଓସାରିଆ ହୋଇଥିବାରୁ ସେଠାରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇଥିଲା ସେଥିପାଇଁ ଏହି ଭଳି ଦୁର୍ଘଟଣା ଘଟିଥିବା ଜଣାପଡିଛି । ତେବେ ଏହି ଘଟଣା ଯୋଗୁଁ ଟ୍ରାଇଭର ସମେତ କର୍ମଚାରୀ ମାନେ ଅଳ୍ପକେ ବର୍ତି ଯାଇଛନ୍ତି । ଅନେକ ବର୍ଷ ହେଲା ସେଠାରେ ଗୋଟିଏ ସ୍ଥାୟୀ ଉଚ୍ଚ ପୋଲ ନିର୍ମାଣ ପାଇଁ ଡାକପାଲ ଏବଂ ଦାମିଗାଁ ସମେତ ଆଖପାଖର ପ୍ରାୟ ୯ ଖଣ୍ଡ ଗ୍ରାମର ଲୋକେ ଦାବୀ କରିଆସୁଛନ୍ତି । ହେଲେ ସେଠାରେ ଗୋଟିଏ ସ୍ଥାୟୀ ପୋଲି ନିର୍ମାଣରେ ସରକାରୀ ଉଦାସିନତା ଯୋଗୁଁ ସମ୍ଭବ ହେଉନାହିଁ ଯାହାର ପରିଣାମ ସ୍ୱରୂପ ଲୋକଙ୍କର ଜୀବନ ଯାଉଥିବାବେଳେ କିଛି ଲୋକେ ସେମାନଙ୍କର ଗୋଡ ହାତ ହରାଉଛନ୍ତି ବୋଲି କହିଛନ୍ତି ଅଂଚଳ ବାସୀ କହିଛନ୍ତି ।।

# ଆଉ ଦେଖିବାକୁ ମିଳୁନି ବାଇ ଚଢେଇ ଓ ବସା

ନୂଆପଡା,୩।୯ (ନି.ପ୍ର): ସମଗ୍ର ଭାରତ ବର୍ଷରେ ବାଇ ଚଢେଇଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଦୃତ ଗତିରେ ଜନସଂଖ୍ୟା ବୃଦ୍ଧି,କୋଠାବାଡି ନର୍ମାଣ, ଯାନାବାହନ ସଂଖ୍ୟା ଦିନକୁ ଦିନ ବୃଦ୍ଧି, ପରିବେଶ ବିପର୍ଯ୍ୟସ୍ତ ସହ ବଣ ଜଙ୍ଗଲ ଧ୍ୱଂସ ବନ୍ୟପଶୁ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇବାର ମୁଖ୍ୟ କାରଣ ପାଲଟିଛି । ଏହି କ୍ରମରେ ଆକର୍ଷଣୀୟ ବାଇ ଚଢେଇ ବିଲୁପ୍ତ ପ୍ରାୟ ଅବସ୍ଥାରେ ରହିଥିବା ବେଳେ ଆଉ ଦେଖିବାକୁ ମିଳୁନାହିଁ । ପ୍ରକୃତିର ଅନ୍ୟ ଏକ ଅବଦାନ ବାଇ ଚଢେଇ ଓ ତାର ବସା ଆଉ ଗାଁ ଗହଳିରେ ଦେଖିବାକୁ ମିଳୁନାହିଁ । ଏହି ଚଢେଇ ଏବଂ ତାର ବସା ପ୍ରକୃତିର ଏକ ଅବଦାନ ହୋଇଥିବା ବେଳେ ଦେଖିବାକୁ ଯେତିକି ସୁନ୍ଦର ତାର ବସା ଅତ୍ୟନ୍ତ ଲୋଭନୀୟ ଅଟେ । ପକ୍ଷୀ ଜଗତରେ ସର୍ବଶ୍ରେଷ୍ଠ ସ୍ଥପତି ତଥା କୁଶଳୀ କାରିଗର ପକ୍ଷୀ ରୂପେ ପରିଚିତ ଏହି ପକ୍ଷୀ ବିଶେଷ କରି ବହୁଳ ମାତ୍ରାରେ ଦେଖିବାକୁ ମିଳୁଥିଲା । ଗାଁ ମାନଙ୍କରେ, ଗଛ ମାନଙ୍କରେ ମନଲୋଭା ବସା ଓ ତାର ସ୍ୱର କେତେ ଯେ ଆନନ୍ଦ ଦେଉଥିଲା । ବର୍ତମାନ ଆଧୁନିକ ଯୁଗରେ ଏହି ପକ୍ଷୀ ଓ ତାର ସ୍ୱର ଏକ ପ୍ରକାର ଲୋପ ପାଇବାରେ ବସିଛି । ଆଉ କେଉଁଠି ଦେଖିବାକୁ ମିଳୁନି । ପୂର୍ବେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ଆଗୁଆ ସୂଚନା ଏହି ପକ୍ଷୀ ମାଧ୍ୟମରେ ଜାଣି ହେଉଥିଲା ବୋଲି ବୃଦ୍ଧବୃଦ୍ଧା ମାନେ ଦୃଢୋକ୍ତିର ସହ ପ୍ରକାଶ କରନ୍ତି । ବର୍ତମାନ ଏହି ପକ୍ଷୀ ସହ ଅନ୍ୟାନ୍ୟ ପକ୍ଷୀ ଓ ଜୀବଜନ୍ତୁଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ବସିଛି । ଦିନ ଆସିବ ଏମାନଙ୍କ କେବଳ ଫଟୋକୁ ଦେଖି ଗୋଟିଏ ଏପରି ପକ୍ଷୀ ଥିଲା ବୋଲି ଆଗାମୀ ପିଢି ମାନେ ଯୁକ୍ତି ବାଢିବେ । ଏନେଇ ପରିବେଶବିତ୍ ମାନେ ମଧ୍ୟ ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ ଏମାନଙ୍କ ସଂଖ୍ୟା ବୃଦ୍ଧି କ୍ଷେତ୍ରରେ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଉଛନ୍ତି ।

# କେନ୍ଦୁଝରର କାଠବାରୀ ଗାଁ ରାସ୍ତାରେ ପଡ଼ିରହିଛି ଜଣେ ମହିଳାଙ୍କର ମୁଣ୍ଡ ବିହୀନ ମୃତଦେହ

## କେହି ଦୁର୍ବୃତ ହତ୍ୟା କରି କଟାମୁଣ୍ଡ ଧରି ପଳାଇଛି

କେନ୍ଦୁଝର,୩।୯ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଏକ ଗ୍ରାମ ରାସ୍ତା ରେ ପଡି ରହିଛି ଜଣେ ମହିଳା ଙ୍କର ମୁଣ୍ଡ ବିହୀନ ମୃତ ଶରୀର । କେହି ଦୁର୍ବୃତ ତାଙ୍କୁ ହତ୍ୟା କରିବା ପରେ କଟାମୁଣ୍ଡ ଧରି ପଳାଇଥିବା ଗ୍ରାମ ଲୋକେ ସନ୍ଦେହ କରୁଛନ୍ତି । ଜିଲ୍ଲାର ସଦର ଥାନା ଅନ୍ତର୍ଗତ କାଠବାରୀ ଗ୍ରାମ ରାସ୍ତାରେ ବୁଧବାର ସଂନ୍ଧ୍ୟା ପ୍ରାୟ ୫ ଟା ୩୦ ମିନିଟ ସମୟରେ ଏକ ନାଲି ଶାଢୀ ପିନ୍ଧିଥିବା ଜଣେ ମହିଳାଙ୍କର ମୁଣ୍ଡ ବିହିନ ମୃତ ଶରୀର ପଡିଥିବା ଲୋକମାନେ ଦେଖିବାକୁ ପାଇଥିଲେ । ମୃତ ଶରୀର ପାଖରେ ଏକ ଛତା ଓ ବ୍ୟାଗରେ ପଡିଥିଲା । ଏବଂ ସେହି ବ୍ୟାଗରେ ପ୍ରାୟ ୮ ରୁ ଦଶ କିଲୋ ଲଙ୍କା ମଧ୍ୟ ପଡିରହିଛି । ତେଣୁ ମହିଳା ଜଣକ ଆଜି ବୁଧବାର ଦ୍ୱାରିକାପଶି ଗ୍ରାମ ରେ ଥିବା ସାପ୍ତାହିକ ହାଟକୁ ଯାଉଥିବା ସନ୍ଦେହ କରାଯାଉଛି । ମୁଣ୍ଡ ନଥିବାରୁ ମହିଳା ଜଣଙ୍କୁ ସ୍ପଷ୍ଟ ଭାବେ ଚିହ୍ନି ହେଉ ନଥିଲେ ସୁଦ୍ଧା ମହିଳା ଜଣକ ଜଗନ୍ନାଥପୁର ଗାଁର ଏବଂ ସେ ସୁନାରାମ ମହାନ୍ତଙ୍କ ପତ୍ନୀ ବୋଲି କିଛି ଲୋକ କହୁଛନ୍ତି । ମତ ଶରୀରର ନିକଟସ୍ଥ ବୁଦାରେ ଏକ ରକ୍ତ ଲଗିଥିବା ବୋଡିଆ ପଡିଥିବାରୁ ହତ୍ୟାକାଣ୍ଡଟି ସଦ୍ୟ ଘଟିଥିବା କୁହାଯାଉଛି । ମହିଳାଙ୍କୁ ହତ୍ୟା କରବା ପରେ ହତ୍ୟାକାରୀ ବୋଡିଆଟିକୁ ସେହି ବୁଦାରେ ଫୋପାଡି ଦେଇ କଟାମୁଣ୍ଡଟିକୁ ନେଇ ପଳାଇଥିବା ସନ୍ଦେହ କରାଯାଉଛି । ହେଲେ କେହି କେହି ଲୋକ ଏହି ହତ୍ୟାଣ୍ଡରେ ସୁନାରାମ ତଥା ମୃତ ମହିଳାଙ୍କ ଜଣେ ପୁତୁରା ହାତ ଥିବା କହୁଛନ୍ତି । ଯାହାକି ଅବଶ୍ୟ ତଦନ୍ତ ପରେ ସ୍ପଷ୍ଟ ହେବ । ଇତିମଧ୍ୟରେ ବିଳମ୍ବରେ ପ୍ରାୟ ରାତି ୭ଟା ସମୟରେ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।

# ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୫୧,୨୪୫ କରୋନା ପରୀକ୍ଷଣ

ଭୁବନେଶ୍ୱର,୩।୯ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୫୧୨୪୫ କରୋନା ପରୀକ୍ଷଣ ହୋଇଛି । ଏଥି ମଧ୍ୟରୁ ଆରଟି-ପିସିଆର ୭୬୮୫, ଆଂଟିଜେନ ୪୩୪୭୬ ତଥା ଟ୍ରୁନାଟ ୮୪ ସାମିଲ ରହିଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୧୮୯୧୦୯୯ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

# ଆଜିଠାରୁ ପିତୃପକ୍ଷ ଆରମ୍ଭ

ପୁରୀ,୩।୯ (ନି.ପ୍ର): ଆଜିଠାରୁ ପିତୃପକ୍ଷ ଆରମ୍ଭ ହୋଇଛି । କୋଭିଡ୍ କଟକଣା ଯୋଗୁଁ ଶ୍ରୀମନ୍ଦିର କୁ ପ୍ରବେଶ ଅନୁମତି ନଥିବାରୁ ଚଳିତ ବର୍ଷ ଶ୍ରୀକ୍ଷେତ୍ର ରେ ଥିବା ବିଭିନ୍ନ ତୀର୍ଥ ପୁଷ୍କରିଣୀ ରେ ଗହଳି ଦେଖିବାକୁ ମିଳିଛି । ପିତୃପୁରୁଷ ଙ୍କ ଉଦ୍ଦେଶ୍ୟରେ ବହୁ ଲୋକ ନିଜ ନିଜ ପିତୃ ପୁରୁଷ ଙ୍କ ଉଦ୍ଦେଶ୍ୟରେ ଅର୍ପଣ ଓ ପିଣ୍ଡଦାନ କରିଛନ୍ତି । ଏନେଇ ଆଜି ସକାଳୁ ପୁରୀର ବିଭିନ୍ନ ତୀର୍ଥ ପୁଷ୍କରିଣୀ ସମେତ ମହୋଦଧି ରେ ଭିଡ ଦେଖିବାକୁ ମିଳିଥିଲା । ଦୀର୍ଘ ୧୫ ଦିନ ଧରି ପିତୃ ପୁରୁଷ ମାନଙ୍କ ଉଦ୍ଦେଶ୍ୟରେ ତର୍ପଣ କରାଯିବାର ବିଧି ରହିଥିବା ବେଳେ ଆସନ୍ତା ମହାଳୟା ଅମବାସ୍ୟା ପର୍ଯ୍ୟନ୍ତ ପିତୃପକ୍ଷ ଚାଲୁ ରହିବ । ଅନ୍ୟପଟେ ଆଜି ଭାଦ୍ରବ ପୂର୍ଣ୍ଣିମା ହେତୁ ସହରର ବିଭିନ୍ନ ମଠ ମନ୍ଦିର ଓ ଅନୁଷ୍ଠାନ ସମେତ ବିଭିନ୍ନ ଲୋକଙ୍କ ଘରେ ଭାଗବତ ଜନ୍ମ ନୀତି ପାଳନ କରାଯାଉଛି । ଅନ୍ୟପଟେ ଆଜି ଭାଦ୍ରବ ପୂର୍ଣ୍ଣିମା ପାଇଁ ଶ୍ରୀମନ୍ଦିର ରେ ଇନ୍ଦ୍ର , ଚନ୍ଦ୍ର ଓ ଗୋବିନ୍ଦ ବନ୍ଧାପନା ନୀତି ସଂନ୍ଧ୍ୟା ରେ ଅନୁଷ୍ଠିତ ହୋଇଥିଲା ।

# ଏନଓୟୁରେ ୧୦ଟି ବିଭାଗକୁ ନିୟମିତ ବିଭାଗ ହେବାରେ ବିଳମ୍ବକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟୀ କଲେ ଛାତ୍ରଛାତ୍ରୀ

ବାରିପଦା,୩।୯ (ନି.ପ୍ର): ୨୦୧୮ରେ ଓଡ଼ିଶା ସରକାର ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ୧୦ଟି ବିଭାଗକୁ ନିୟମିତ ବିଭାଗ କରାଇବା ନିମନ୍ତେ ମଞ୍ଜୁରୀ ପ୍ରଦାନ କରିଥିଲେ ମଧ ୨୦୨୦ ଶିକ୍ଷାବର୍ଷ ଆରମ୍ଭରେ ମଧ ବିଭାଗଗୁଡ଼ିକ ନିୟମିତ ହୋଇ ପାରିଲା ନାହିଁ । ଯାହାକୁ ନେଇ ପ୍ରଥମେ ମୟୂରଭଞ୍ଜ ଜିଲ୍ଲାର ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନେ ଜିଲ୍ଲାରେ ଏକ ଐତିହାସିକ ଗଣଆନ୍ଦୋଳନକୁ ଉହ୍ଲାଇବାର ସରକାରଙ୍କୁ ଚେତାବନୀ ଦେଇଥିବା ବେଳେ ବର୍ତମାନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ନିଜର ଅସନ୍ତୋଷ ଜାହିର କରିଛନ୍ତି । ଏଥିନିମନ୍ତେ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ କର୍ତୃପକ୍ଷଙ୍କ ଅପାରଗତାକୁ ସିଧାସଳଖ ଦାୟୀ କରିଛନ୍ତି । ଆଜି ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଶଙ୍କର୍ଷଣ ପଂଟାଙ୍କ ନେତୃତ୍ୱରେ ଛାତ୍ରନେତା ଚିଂଟେଶ୍ୱର ବେହେରା, ହିମାଂଶୁ ମହାନ୍ତ, ହିମାଂଶୁ ଶେଖର ତରେଇ, ପ୍ରଦୀପ ବାରିକ , ଲକ୍ଷ୍ମୀକାନ୍ତ ବେହେରା, ସୌମ୍ୟରଞ୍ଜନ ସେଠୀ, ସମୀର କୁମାର ଦାସ, ଦୀପିକା ବିଶ୍ୱାଳ, ଅନୁଶ୍ରୀ ବାରିକ, ଶୁଭଶ୍ରୀ ମହାନ୍ତ, ପୂଜା ମିଶ୍ର ପ୍ରମୁଖ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ । ପ୍ରକାଶ ଥାଉକି, ଓଡ଼ିଶା ସରକାର ୨୦୧୮ରେ ବିଶ୍ୱବିଦ୍ୟାଳୟର ୧୦ଟି ବିଭାଗକୁ ରେଗୁଲାର ବିଭାଗ କରାଇଥିଲେ ମଧ ଏହା ମଧ୍ୟରେ ୨ ବର୍ଷ ଅତୀତ ହୋଇ ସାରିଛି । ମାତ୍ର ଏହି ସମସ୍ତ ବିଭାଗରେ ପାଠପଢ଼ା ନିମନ୍ତେ ନିୟମିତ ସରକାରୀ ଶିକ୍ଷକ ନିଯୁକ୍ତି ଦିଆଯାଇ ନାହିଁ । ଫଳରେ ଛାତ୍ରଛାତ୍ରମାନେ ବିତୀୟ ବିଭାଗରେ ବର୍ଷକୁ ୪୦/ ୫୦ ହଜାର ଟଙ୍କା ଖର୍ଚ୍ଚକରି ପଢ଼ିବାକୁ ବାଧ ହେଉଥିବା ସମୟରେ କେତେକ ଗରୀବ ଛାତ୍ରଛାତ୍ରୀ ଅର୍ଥ ଅଭାବରୁ ଉଚ୍ଚ ଶିକ୍ଷାରୁ ବଂଚିତ ହେଉଛନ୍ତି । ତେଣୁ ଅବିଳମ୍ବେ ନିୟମିତ ବିଭାଗରେ ପାଠ ପଢ଼ା ଆରମ୍ଭ କରାନ ଗଲେ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଉହ୍ଲାଇ ଆସିବାକୁ ବାଧ ହେବେ ବୋଲି ଛାତ୍ରଛାତ୍ରୀମାନେ କୁଳପତି ପ୍ରଫେସର ଚାନ୍ଦଙ୍କୁ ଦାବିପତ୍ର ପ୍ରଦାନ ମାଧ୍ୟମରେ ଚେତାବନୀ ଦେଇଛନ୍ତି ।

# ନେଟୱାର୍କ ନଥିବାରୁ ୧୯ଟି ଗ୍ରାମର ଲୋକେ ବିଭିନ୍ନ ସରକାରୀ ସେବା ପାଇଁ ହନ୍ତସନ୍ତ

## ପିଲାମନେ ଅନ ଲାଇନ ପାଠ ପଢାରୁ ବଂଚିତ,ବିଏସଏନଏଲ ଟାୱାର ପାଇଁ ଦାବୀ

କନ୍ଧମାଳ,୩।୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକର ଗାର୍ଡିଙ୍ଗିଆ ଗ୍ରାମ ପଂଚାୟତ ଗିରୁଟି ଗ୍ରାମଠାରେ ଗୋଟିଏ ବିଏସ ଏନ ଏଲ ଟାୱାର ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବୀ ଜଣାଇଛନ୍ତି ଗ୍ରାମବାସୀ ମାନେ । ଏହି ଗ୍ରାମ ସହିତ ଆଖପାଖରେ ଥିବା କଟଡି ,ସାର୍ଟାମାହା, ଡ ି ଲ । ବ । ଙ୍ଗ ି , ଡଗପଦର,ଦାର୍ଣ୍ଡିଙ୍ଗପାଙ୍ଗା, ଦାଣ୍ଡେରି, ଗଣ୍ଡଗାଁ, ଜିଲୁସୁଗା, ଗୌଡବାଟା, ପକାରୀ, ବିରାଙ୍ଗି, ଆଗାର୍ଡି, ଡ୍ଲାଉସୁଗା, ଲୁବୁରୀମାହା, ପାଙ୍ଗାନାଜୁ, ସାରୁମାହା, କଲ୍ଲକାବାଡି, ଜାକା ଓ ଦୁରବୁଡା ଭଳି ୧୯ଟି ଗ୍ରାମ ଗ୍ରାମଗୁଡିକ ପାଇଁ କୌଣସ ନେଟୱର୍କର ସୁବିଧା ନାହିଁ । ଯାହା ଦ୍ୱାରା ଏହି ସବୁ ଗ୍ରାମର ପ୍ରାୟ ୩ ହଜାରରୁ ଅଧିକ ଲୋକେ ସେମାନଙ୍କର ଆବଶ୍ୟକତା ବେଳେ ସ୍ୱାସ୍ଥ୍ୟସେବା,ଶିକ୍ଷା ଏବଂ ଜରୁରୀ ପରିସ୍ଥିତିରେ ପୋଲିସ ସେବା ସମେତ ସମସ୍ତ ସରକାରୀ କାର୍ଯ୍ୟଳୟ ସହିତ ଯୋଗାଯୋଗରୁ ବଂଚିତ ହେଉଛନ୍ତି ଏପରିକି ଆବଶ୍ୟକ ବେଳେ ପରସ୍ପର ସହିତ ମଧ୍ୟ ଯୋଗାଯୋଗ କରିବାରୁ ବିଫଳ ହେଉଛନ୍ତି । ଏହି ଅଂଚଳର ବହୁତ ଛାତ୍ରଛାତ୍ରୀ ମାନେ ସ୍କୁଲ ଏବଂ କଲେଜରେ ପଢୁଛନ୍ତି କିନ୍ତୁ ଏହି ଅଂଚଳରେ କୌଣସି ନେଟୱର୍କ ନଥିବାରୁ ପିଲାମାନେ ବାଧ ହୋଇ ବଣ ପାହାଡ ଗଛ ଉପରେ ଚଢ଼ି ନେଟୱର୍କ ପାଉଥିବା ଜାଗରେ ମୋବାଇଲ ଓ ଲାପଟପ ଧରି ପାଠ ପଢୁଛନ୍ତି । କରୋନା ସଂକ୍ରମଣ ବେଳେ କଟକଣା ଥିବାରୁ ସେମାନେ ସେମାନଙ୍କର ବିଦ୍ୟାଳୟରେ ଚାଲୁଥିବା ଅନଲାଇନ ପାଠପଢାର ସୁବିଧା ନେଇ ପାରୁନାହାନ୍ତି । ପିଲାମାନଙ୍କ ଭବିଷ୍ୟତ ପ୍ରତି ବିପଦ ଦେଖା ଦେବା ସହିତ ଭବିଷ୍ୟତ ଅନ୍ଧାକାର କୁ ଗତି କରୁଛି । ଏନେଇ ଗିରୁଟି ଗ୍ରାମ ସମେତ ୧୯ଟି ଗ୍ରାମର ବୁଦ୍ଧିଜୀବି ମାନେ ଏକ ବିଏସଏନଏଲ ଟାୱାର ନିର୍ମାଣ ପାଇଁ କନ୍ଧମାଳ ଜିଲ୍ଲାପାଳଙ୍କୁ ଆବେଦନ ପତ୍ର ପ୍ରଦାନ କରିଛନ୍ତି । ଶାରଦା ପ୍ରଧାନ ଗିରୁଟି ସରପଂଚ,ପୂର୍ବତନ ସରପଂଚ ପ୍ରମୋଦ କୁମାର ପ୍ରଧାନ,ପ୍ରଫୁଲ ଚନ୍ଦ୍ର ପ୍ରଧାନ ,ବ୍ରଜ କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ୫୭ ରାଜ୍ୟ ରାଜପଥରେ ବିପଦ ଶଙ୍କୁଳ ବିଦ୍ୟୁତ୍‌ଖୁଣ୍ଟ

ଜଳେଶ୍ୱର,୩।୯ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟି ତଥା ନେସ୍କୋ କର୍ମକର୍ତ୍ତାଙ୍କ ଅଦୂରଦର୍ଶୀତା ଫଳରେ ୫୭ତମ ରାଜ୍ୟ ରାଜପଥ ତଥା ମ୍ୟୁନିସିପାଲଟିର ନୂଆବଜାର ଜଳେଶ୍ୱର ମହିଳା ମହାବିଦ୍ୟାଳୟ ଛକରେ ୨ଟି ସିମେଣ୍ଟ ପୋଲ ଦୀର୍ଘମାସ ଧରି ଭାଂଗି ବିପଦ ସଂକୁଳ ଅବସ୍ଥାରେ ରହିଛି । ଯେକୌଣସି ମୁହୁର୍ତ୍ତରେ ଏହି ଖୁଣ୍ଟଦ୍ୱୟର ଅଗ୍ରଭାଗରେ ଥିବା ବିଦ୍ୟୁତ୍‌ତାର ଶଙ୍ଖ, ଲୁହା ଏଙ୍ଗଲ ରାଜପଥରେ ଖସିପଡିବାର ସମ୍ଭାବନା ରହିଛି । ଏହା ହେଲେ ନାହିଁନଥିବା ଦୁର୍ଘଟଣା ଓ ମୃତାହତ ଘଟିବାର ଆଶଙ୍କା ଦେଖା ଦେଇଛି । ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ସେହିପରି ୬୦ ନଂ ଜାତୀୟ ରାଜପଥ ଓ ୫୭ ରାଜ୍ୟ ରାଜପଥ ଆଣ୍ଡରପାସ୍‌ରେ ଏକ ଲୁହା ପାଇପ ଝୁଲି ରହିଥିବାରୁ ଯେକୌଣସି ମୁହୁର୍ତ୍ତରେ ଖସିପଡିବାର ସମ୍ଭାବନା ଦେଖା ଦେଇଛି । ପୂର୍ତ୍ତବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଜଣାଯାଇଛି । ଜାତୀୟ ରାଜପଥ ପ୍ରାଧିକରଣ କିମ୍ବା ପୂର୍ତ୍ତ ବିଭାଗ କର୍ମକର୍ତ୍ତ ଦୃଷ୍ଟି ଦୋବକୁ ଦାବି ହୋଇଛି ।

# ଚୋରା କୋଇଲା ବୋଝେଇ ଟ୍ରକ ଜବତ

କୋରେଇ,୩।୯ (ନି.ପ୍ର): ପାଣିକୋଇଲି ପୁଲିସ ଗତକାଲି ଏକ ଚୋରା କୋଇଲା ବୋଝେଇ ୧୨ ଚକିଆ ଟ୍ରକ(ଓଡି୦୪ଏ୯୩୧୫)କୁ ଜବତ କରିବା ସହିତ ଚାଳକକୁ ଥାନା କେସନଂ ୧୮୮/୨୦ ଦଫା ୩୭୯,୪୧୧ ୩୪ଆପିସିରେ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ସୁଚନା ମୁତାବକ ଏହି ଟ୍ରକଟି କଳିଙ୍ଗନଗରରୁ ଚୋରା କୋଇଲା ଲୋଡ କରି ଭଦ୍ରକ ଆସୁଥିବା ବେଳେ କୌଣସି ସୁତ୍ରରୁ ପାଣିକୋଇଲି ପୁଲିସ ଖବରପାଇ ଥାନା ସମ୍ମୁଖରେ ଜଗି ବସିଥିଲା । ଗାଡିକୁ ଜବତ କରିବାପରେ ଗାଡିରେ ଲକ୍ଷାଧିକ ଟଙ୍କାର ଚୋରା କୋଇଲା ଥିବାର ସୁଚନା ପାଇଥିଲା । ଚାଳକ ଉକ୍ତ କୋଇଲାର କୌଣସି କାଗଜ ପତ୍ର ଦେଖାଇ ପାରିନଥିଲେ । ଚୋରା କୋଇଲା ଚାଲାଣରେ ଏକ ର୍‌ୟାକେଟ କାମ କରୁଥିବା ପୁଲିସ ଜାଣିବାକୁ ପାଇଛି ଓ ଏହାର ତଦନ୍ତ ଜାରୀ ରଖିଛି ।

# ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ କିଷାନ କଂଗ୍ରେସର ଦାବୀ

ଭୁବନେଶ୍ୱର,୩।୯ (ନି.ପ୍ର): ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ପ୍ରବଳ ବନ୍ୟା ଫଳରେ ରାଜ୍ୟର ପ୍ରାୟ ୫ ଲକ୍ଷ ହେକ୍ଟରରୁ ଅଧିକ ଚାଷ ଜମିରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଜଳସେଚନ ବିଭାଗ ଓ ସ୍ୱତନ୍ତ୍ର ରିଲିଫ କମିଶନର ବନ୍ୟାର ଆକଳନ ଓ କ୍ଷୟକ୍ଷତିର ଯେଉଁ ସୂଚନା ପ୍ରଦାନ କରୁଛନ୍ତି ତାହା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନବୋଲି ପିସିସି କିଷାନ କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବନ୍ୟାଂଚଳ ପରିଦର୍ଶନ କରିବା ପରେ ରାଜ୍ୟ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ କହିଛନ୍ତି । ସରକାର ତୁରନ୍ତ ଚାଷ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ପରେ ପରେ ବନ୍ୟାପ୍ଲାବିତ ଅଂଚଳର ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ, ରିଲିଫ୍ କୋଡ୍‌ର ସଂଶୋଧନ, ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର ପ୍ରଚଳିତ ବ୍ୟବସ୍ଥାର ପରିବର୍ତନ କରିବା ସହ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୨୦ ହଜାର ଟଙ୍କା ସହାୟତା, ଖରିଫ୍ ଋଣ ଛାଡ଼, ରବିଚାଷ ପାଇଁ ବିନା ସୁଧରେ କୃଷିଋଣ ଯୋଗାଣ, ଖରିଫ୍ ଧାନ ସଂଗ୍ରହ ଚାଷୀ ପଞ୍ଜିକରଣ ଅବଧି ସେପ୍ଟେମ୍ବର ୭ରୁ ସେପ୍ଟେମ୍ବର ୩୦ ତାରିଖକୁ ବୃଦ୍ଧି, ଠିକଣା ସମୟରେ ବୀମା କ୍ଷତିପୂରଣ ସହାୟତା ରାଶି ପ୍ରଦାନ, ରବିଚାଷ ପାଇଁ ବ୍ୟାପକ ପ୍ରସ୍ତୁତି ସହ ଚାଷୀଙ୍କୁ ମାଗଣାରେ ବିହନ, ପନିପରିବା ମିନିକିଟ୍ସ, ସାର, ଔଷଧ, କୃଷି ଯନ୍ତ୍ରପାତି, ସୋଲାର ପମ୍ପ ଓ ଗୋଖାଦ୍ୟ ପ୍ରଭୃତି ଯୋଗାଇ ଦେବାକୁ କଂଗ୍ରେସ କୃଷକ ସେଲ୍ ପକ୍ଷରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଦାବୀ କରିଛନ୍ତି ।

# କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ : ୧୪ ହଜାର ଟଙ୍କା ଜୋରିମାନା ଆଦାୟ

ପାରଳାଖେମୁଣ୍ଡ,୩।୯ (ନି.ପ୍ର): ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗତ ୧ ତାରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୧୪ ହଜାର ଟଙ୍କା ଆଦାୟ କରାଯାଇଛି । ବିଭାଗୀୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ମାସ୍କ ପିନ୍ଧି ନଥିବା ଲୋକଙ୍କ ଠାରୁ ପାରାଖେମୁଣ୍ଡି ଆଦର୍ଶ ଥାନା ୫,୪୦୦ ଟଙ୍କା, ରାୟଗଡ଼ ଥାନା ୨୨୦୦ ଟଙ୍କା, ଗୁରାଣ୍ଡି ଥାନା ୨୦୦୦ ଟଙ୍କା, ସେରଙ୍ଗ ଥାନା ୧୦୦୦ ଟଙ୍କା, ମୋହନା ଥାନା ୧୪୦୦ ଟଙ୍କା, ଅଡ଼ବା ଥାନା ୧୪୦୦ ଟଙ୍କା ଏବଂ ରାମଗିରି ଥାନା ପକ୍ଷରୁ ଜୋରିମାନା ବାବଦକୁ ୬୦୦ ଟଙ୍କା ଆଦାୟ କରାଯାଇଛି ।

# ଏଲ୍.ଆଇ.ସିରୁ ପୁଞ୍ଜି ପ୍ରତିହାର ବିରୋଧରେ ମୟୂରଭଞ୍ଜ ସାଂସଦଙ୍କୁ ଦାବିପତ୍ର

ବାରିପଦା ,୩।୯ (ନି.ପ୍ର): ଭାରତୀୟ ଜୀବନ ବୀମା ନିଗମ ବା ଏଲ୍.ଆଇ.ସି ରୁ ପୁଞ୍ଜି ପ୍ରତିହାରକୁ ବିରୋଧ କରି ଏଲ.ଆଇ.ସି.ର ସର୍ବ ବୃହତମ ସଂଗଠନ କଟକ ଡିଭିଜନ ବୀମା କର୍ମଚାରୀ ସଂଘ, ବାରିପଦା ଶାଖା ପକ୍ଷରୁ ମୟୂରଭଞ୍ଜ ଲୋକସଭା ସାଂସଦ ଶ୍ରୀଯୁକ୍ତ ବିଶେଶ୍ୱର ଟୁଡୁଙ୍କୁ ଆଜି ଦାବୀ ପତ୍ର ପ୍ରଦାନ କରାଯାଇଛି । ଘରୋଇ ବୀମା କମ୍ପାନୀଙ୍କ ଜାଲିଆତିରୁ ବୀମା ଧାରୀଙ୍କୁ ସୁରକ୍ଷା ଦେବା ନିମନ୍ତେ ତତ୍କାଳୀନ କେନ୍ଦ୍ର ସରକାର ଜୀବନ ବୀମା କୁ ଜାତୀୟ କରଣ କଲାପରେ ୧୯୫୬ ରେ ଜନ୍ମ ନେଲା ଏଲ.ଆଇ.ସି । ଦେଶର କୋଣ ଅନୁକୋଣରେ ବୀମାର ସନ୍ଦେଶ ପହଂଚାଇବା ଓ ଜନସାଧାରଣଙ୍କ ସଂଚୟ ଜନସାଧାରଣଙ୍କ ହିତପାଇଁ ବ୍ୟବହାର କରିବା ର ଲକ୍ଷ୍ୟ ରଖି ହୋଇଥିବା ଜାତୀୟ କରଣକୁ ଆଜି ବିଚାର କଲେ ଦେଖାଯାଏ ଆଜି ଏଲ .ଆଇ.ସି ର ବୀମାଧାରୀଙ୍କ ସଂଖ୍ୟା ୪୨ କୋଟିରେ ପହଁଚିଥିବା ବେଳେ ଆଜି ସୁଦ୍ଧା ଏଲ.ଆଇ.ସି ବିଭିନ୍ନ ସାମାଜିକ ପ୍ରକଳ୍ପରେ ୩୦ ଲକ୍ଷ ଜୋଟି ରୁ ଉର୍ଦ୍ଧ ନିବେଶ କରିଛି । ୧୯୫୬ ରେ ଜାତୀୟ କରଣ ବେଳେ ସରକାର ଦେଇଥିବା ମାତ୍ର ୫ କୋଟି ଟଙ୍କା ଆଜି ୩୨ଲକ୍ଷ କୋଟି ଟଙ୍କାର ସମ୍ପଦ ସୃଷ୍ଟି କରି ଏଲ .ଆଇ.ସି ବିଶ୍ୱରେ ବିରଳ କୃତିତ୍ୱ ଅର୍ଜନ କରିଛି । ଜନସାଧାରଣଙ୍କ ପ୍ରତିବାଦ ସତ୍ୱେ ୧୯୯୯ ମସିହାରେ ବୀମା ଶିଳ୍ପକୁ ଉନ୍ମୁକ୍ତ କରି ଘରୋଇ କମ୍ପାନୀମାନଙ୍କୁ ତତ୍କାଳୀନ ବାଜପେୟୀ ସରକାର ବୀମା ବ୍ୟବସାୟ ପାଇଁ ଅନୁମତି ଦେଲେ । କିନ୍ତୁ ଦୀର୍ଘ ୨୦ବର୍ଷ ଧରି ଯେହେତୁ ଏଲ.ଆଇ.ସି ୭୦ ପ୍ରତିଶତରୁ ଅଧିକ ବଜାର ଅଂଶଧନ ଦଖଲ କରିଆସୁଛି , ଘରୋଇ କମ୍ପାନୀଙ୍କ ଚାପରେ କେନ୍ଦ୍ର ସରକାର ଏଲ .ଆଇ.ସି ର ଅଂଶଧନ ବିକ୍ରିକରିବାକୁ ଚାହୁଁଛନ୍ତି ବୋଲି ସଂଘ ଅଭିଯୋଗ କରିଛି । କେନ୍ଦ୍ର ସରକାର ଏଲ .ଆଇ.ସି ର ଅଂଶଧନ ବିକ୍ରିରୁ ନିବୃତ ରହିବାକୁ ସାଂସଦ ଆଗାମୀ ଅଧିବେଶନରେ ଆଲୋଚନା କରିବା ପାଇଁ ସଂଗଠନର ସଭାପତି ଶ୍ରୀ ନାଥ ସିଂହ ଅନୁରୋଧ କରିଥିଲେ । ଅଯୌକ୍ତିକ ଭାବରେ ସରକାର ଅଂଶଧନ ବିକ୍ରି କଲେ ଦେଶର ଅର୍ଥନୀତି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବା ସାଂଗକୁ ୪୨କୋଟି ବୀମାଧାରୀଙ୍କ ସ୍ୱାର୍ଥ ହାନୀ ଘଟିବ ବୋଲି ସଂଘର କର୍ମ କର୍ତାମାନେ ଆଲୋଚନା କରିଥିଲେ । ବୀମା ଶିଳ୍ପ , ଦେଶ ଓ ଜନସାଧାରଣଙ୍କ ସ୍ୱାର୍ଥ ସୁରକ୍ଷା ଦିଗରେ ସାଂସଦ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କର୍ମକର୍ତାମାନଙ୍କୁ ପ୍ରତିଶୃତି ଜଣାଇଥିଲେ । ସଂଘର ସଭାପତି ଶ୍ରୀ ନାଥ ସିଂହଙ୍କ ନେତୃତ୍ୟରେ ସମ୍ପାଦକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ମାଝି , କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ରୀ କିଶୁନେଶ୍ୱର ହାଁସଦା, ଦୀପକ କୁମାର ମାରାଣ୍ଡି, ଅରୁଣ କୁମାର ସେଠୀ, ୱାଇ ଶ୍ରୀକାନ୍ତ ଓ ଅନନ୍ତ ଗୋପାଳ ପୃଷ୍ଟି ସାଂସଦଙ୍କୁ ଭେଟି ଆଲୋଚନା କରିଥିଲେ ।

## ଆସନ୍ନ ଦୁର୍ଘଟଣାରୁ ବର୍ତ୍ତିତ ଆନ୍ତରାଜ୍ୟ ବସ୍

ଜଳେଶ୍ୱର,୩।୯ (ନି.ପ୍ର): ଆଜି ଅପରାହ୍ନରେ ଏକ ଆଶନ୍ନ ଦୁର୍ଘଟଣାରୁ କାନ୍ଥି ବାଲେଶ୍ୱର ଏକ ଆନ୍ତରାଜ୍ୟ ବସ୍ କାଶିଡିହାଠାରେ ଅଳ୍ପକେ ବର୍ତ୍ତିଯାଇଛି । ଘଟଣାରୁ ପ୍ରକାଶ ଡବ୍ଲୁବି୩୧-୩୨୫୦ ମା ଲକ୍ଷ୍ମୀ ବସ୍‌ଟି ଆମ୍ବଳିଅଠାଛକର ଅନତିଦୂର କାଶିଡିହାଠାରେ ଏକ ଡମ୍ପରକୁ ସାଇଡ୍ ଦେବାକୁ ଯାଇ ରାସ୍ତ ତଳକୁ ଓହ୍ଲାଇ ଯାଇଥିଲା । କିନ୍ତୁ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ରାସ୍ତକଡ ନୟନଯୋଡିରେ ଥିବା ପାଣି ମଧ୍ୟକୁ ଖସିଯାଇନଥିଲା । ଫଳରେ ବସ୍ ମଧ୍ୟରେ ଯାତ୍ରୀମାନେ ଅଳ୍ପକେ ରକ୍ଷା ପାଇଛନ୍ତି ।

## ଜିକେ ଭଞ୍ଜର ହସ୍‌ପିଟାଲକୁ ପରିଷ୍କାର କଲେ ସ୍ୱୟ ସହାୟକ ଗୋଷ୍ଠୀ

ଜଳେଶ୍ୱର, ୩/୯ (ନି.ପ୍ର) : ଆଜି ମ୍ୟୁନିସିପାଲଟି ପୌରପାଳିକାର ଜୟଜଗନ୍ନାଥ (ୟୁ.ଡବ୍ଲୁ) ଗ୍ରୁପ୍ ଜିକେଭଞ୍ଜର ହସ୍‌ପିଟାଲ ପରିସରକୁ ପରିସ୍କାର ପରିଛନ୍ନ କରାଇଥିଲେ । ଏହି ଗୋଷ୍ଠିର ସମାପତି ରେବତୀ ପାଠୀ, ସଂପାଦିକା ପ୍ରମିତା ମହାନ୍ତି, ଜ୍ୟୋସ୍ନାରାଣୀ ଜେନା, ନମିତା ମିର୍ଦ୍ଧା, ମିନତୀ ପରିଡା, ସୁପ୍ରିୟା ଦତ୍ତ, ରେଖାରାଣୀ ବ୍ରହ୍ମ, ମାହେଶ୍ୱରୀ ଦେବୀ, ସସ୍ମିତା ଚନ୍ଦ, ବିମଳା ବ୍ରହ୍ମ ପ୍ରମୁଖ ଜିକେଭଞ୍ଜର ହାସ୍‌ପିଟାଲ ପରିସରରେ ସବୁସ୍ଥାନରେ ପରିସ୍କାର ପରିଛନ୍ନ କରିଥିଲେ । ସହରକୁ ଉନ୍ନତି ଲାଗି ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ରହିଛି ଓ ଏଥିଲାଗି ସମସ୍ତେ ସଚେତନା ହେବା ଉଚିତ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ପୌର ଅଧିକାରୀ ଅଜୟ କୁମାର ମହାପାତ୍ର, ସିଇଓ ଜ୍ୟୋସ୍ନାରାଣୀ ପତି , ପ୍ରତିପ ପ୍ରଧାନ, ବିଜୟ କାମିଲା, ଚନ୍ଦନ ଦାସ, ଅର୍ଚ୍ଚନା ଗିରି, ଚିତ୍ତରଂଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ରାୟଗଡାରେ ଆପ୍ ପକ୍ଷରୁ ଅମ୍ଳଜାନ ପରୀକ୍ଷା



ରାୟଗଡା ,୩।୯ (ନି.ପ୍ର): ମହାମାରୀ କରୋନାର କାୟା ବିସ୍ତାର କରିବା ପରେ ଜିଲ୍ଲାରେ ତଥା ରାୟଗଡା ସହରରେ ଲୋକଙ୍କ ମନରେ ଭୟ ଓ ସନ୍ଦେହର ଭାବନା ଉଙ୍କି ମାରୁଛି । ସମସ୍ତେ ଜଣେ ଅନ୍ୟକୁ ଦେଖି ଭୟ କରୁଛନ୍ତି, ଏହିକିଯେ କାଳେ ନିଜେ କରୋନାର ଶିକାର ହୋଇଯିବେ । ଏପରି ପରିସ୍ଥିତି ମଧରେ ରାୟଗଡା ସହର ବିଭିନ୍ନ ସାହି ଓ ବସ୍ତିରେ କାଲିଠାରୁ ଆମଆଦମି ପାର୍ଟି (ଆପ) ପକ୍ଷରୁ ଲୋକଙ୍କ ଅମ୍ଳଜାନ ମାତ୍ରା ପରୀକ୍ଷା ଆରମ୍ଭ ହୋଇଛି । କରୋନା ମୁକାବିଲା ପାଇଁ ଦିଲ୍ଲୀ ମଡେଲରେ ଏହି ପରୀକ୍ଷୀଣ କରାଯାଇଥିବା ସୂଚନା ଦିଆଯାଇଛି । କରୋନାରେ ଆକ୍ରାନ୍ତ ହେବାପରେ ଅନେକ ଲୋକଙ୍କ ପାର୍ଶ୍ୱ ପ୍ରତିକ୍ରିୟା ଘଟୁଛି । ସେଥିମଧରେ ଆମ୍ଳଜନ କମିବା ଏକ ପ୍ରମୁଖ ରୋଗ ଭାବେ ଦେଖାଦେଉଛି । ଯେଉଁମନେ ଏହି ରୋଗ ଦେଖାଦେଉଛି । ସେମାନେ ପରୀକ୍ଷା ଠିକ ଭାବେ ହୋଇପାରୁନଥିବା ଯୋଗୁଁ ଆପ ପକ୍ଷରୁ ଏହି ପ୍ରୟାସ କରାଯାଉଛି । ଆକ୍ସି ମିଟର ଜରିଆରେ ଘରକୁ ଘର ବୁଲି ଲୋକଙ୍କ ଆମ୍ଳଜାନ ୯୫ରୁ କମ ରହିଛି ସେମାନଙ୍କୁ ଡ଼ାକ୍ତରଙ୍କ ପରାମର୍ଶ ନେବା ନିମନ୍ତେ ସଚେତନ କରାଯାଉଥିବା କୁହାଯାଇଛି । ଗତକାଲି ସ୍ଥାନୀୟ ଆରକେ ନଗର ଦଳୀୟ କାର୍ଯ୍ୟାଳୟରୁ ଏହାର ଆରମ୍ଭ ହୋଇଛି । ଦଳର ରାଜ୍ୟ ସମ୍ପାଦକ ଜନ୍ମଜୟ ସ୍ୱାଇଁ ନେତୃତ୍ୱରେ ଜିତେନ୍ଦ୍ର ସେନାପତି, ସୋମନାଥ ହୁଇକା, ଦୁର୍ଗାପ୍ରସାଦ ପଟନାୟକ, ମନୋଜ ପଣ୍ଡା, ନାଗେଶ ବିଡିକା, ସନ୍ତୋଷ ପାଇକ ପ୍ରମୁଖ ଏଥିରେ ସାମିଲି ହୋଇଥିଲେ ।

## ୭ ଫୁଟିଆ ଅଜଗର ସାପ ଉଦ୍ଧାର

ନୀଳଗିରି,୩।୯ (ନି.ପ୍ର): ନୀଳଗିରି ବ୍ଲକ ଅଧିନସ୍ଥ ଅଯୋଧ୍ୟା ପଂଚାୟତର ଗୋପାଳପୁର ଗାଁରେ ଏକ ୭ ଫୁଟିଆ ଅଜଗର ସାପ ଉଦ୍ଧାର କରାଯାଇଛି । ଗତକାଲି ରାତିରେ ଗୋପାଳପୁର ଗାଁର ଯଦୁନାଥ ରାଉତଙ୍କ ଘର ଆଗରେ ଅଜଗର ସାପଟି ଗର୍ଜନ କରୁଥିବା ବେଳେ ପରିବାର ଲୋକେ ଶୁଣିବାକୁ ପାଇଥିଲେ । ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ଯୁବକ ବିନୟ କୁମାର ମହାନ୍ତି ଅତି ସତର୍କତାର ସହିତ ସାପ ଟିକୁ ଧରି ପାଖ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି ।

## ମଣିପୁରରେ ଗତ ୨୪ ଘଂଟାରେ ୧୦୨ କରୋନାର ନୂଆ ମାମଲା

ଇମ୍ଫାଲ ,୩।୯ (ନି.ପ୍ର): ମଣିପୁରରେ ଗତ ୨୪ ଘଂଟାରେ ୧୦୨ ନୂଆ କରୋନା ସଂକ୍ରମଣର ମାମଲା ସାମନାକୁ ଆସିଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୬୬୦୯ ହୋଇ ଯାଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ୩୨ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି ।

# ଏଣିକି ଟୋକନ୍‌ଧାରୀ ଚାଷୀଙ୍କଠାରୁ ଆକଳନ ସମସ୍ତ ଧାନ ସରକାର କିଣିବେ : ଡିଆର୍‌ସିଏସ୍

ଜଳେଶ୍ୱର, ୩/୯ (ନି.ପ୍ର) : ବାଲେଶ୍ୱର ଜିଲାର ସମସ୍ତ ସମବାୟ ସମିତିରେ ପଂଜିକରଣ କରିଥିବା ସମସ୍ତ ଚାଷୀ ଟୋକନ୍ ପାଇବା ସହିତ ସେମାନଙ୍କର ଆକଳନ କରାଯାଇଥିବା ସମସ୍ତ ଧାନ ସରକାର କିଣିବେ ବୋଲି ଆଜି ବାଲେଶ୍ୱର ପ୍ରଶାସନ ପକ୍ଷରୁ ରାଇବଣିଆ ଠାରେ ଚାଷୀମାନଙ୍କୁ ପ୍ରତିଶୃତି ଦିଆଯାଇଛି । ଘଟଣାରୁ ପ୍ରକାଶ, ଜିଲା ପ୍ରଶାସନ ସମବାୟ ସମିତିର ଚାଷୀଙ୍କୁ ପଂଜିକରଣ କରିବା ପରେ ସେମାନଙ୍କୁ ଯୋଗାଣ ବିଭାଗ ଓ ଆର୍‌ସିଏସ୍ ମିଳିତଭାବେ ଜମିର ପରିମାଣକୁ ଲକ୍ଷ୍ୟକରି ଟୋକନ୍ ପ୍ରଦାନ କରିବାର ସହିତ କେତେ ଧାନ କ୍ରୟ କରିବେ ତାହା ପୂର୍ବପରି ମୋବାଇଲ୍‌ରେ ଚାଷୀଙ୍କୁ ଜଣାଇ ଦିଆଯିବ । ରାଇବଣିଆ ସମବାୟ ସମିତିରେ ଚଳିତବର୍ଷ ୪ଶହ ଜଣ ଚାଷୀ ଧାନ ବିକ୍ରିଲାଗି ଟୋକନ୍ ପାଇଥିବା ବେଳେ ସେମାନଙ୍କଠାରୁ ୨୭୫୨୭ କ୍ୟୁଣ୍ଟାଲ ଧାନ କିଣିବାକୁ ଥିବାବେଳେ ମାତ୍ର ୧୮୮ଜଣ ଚାଷୀଙ୍କ ଠାରୁ ୯୩୯୮ କ୍ୟୁଣ୍ଟାଲ ଧାନ କ୍ରୟ କରାଯାଇଛି । ଫଳରେ ୨୧୨ଜଣ ଚାଷୀ ପ୍ରାୟ ୧୮ହଜାର କ୍ୟୁଣ୍ଟାଲ ଧାନ ବିକ୍ରିକରିପାରିନାହାନ୍ତି । ତେଣୁ ସେମାନେ ପର୍ଯ୍ୟାୟକ୍ରମେ ୩ଥର ଆନ୍ଦୋଳନ କରିବା ଓ ବିଭିନ୍ନ ସମୟରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛନ୍ତି । ଗତ ୩୧ ତାରିଖ ଦିନ ସେମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆନ୍ଦୋଳନରେ ବସିଥିଲେ ମଧ୍ୟ ପ୍ରଶାସନୀକ ଅଧିକାରୀ ସେମାନଙ୍କ ନିକଟକୁ ନ ଆସିବାରୁ ସମାଜସେବୀ ସୁଦର୍ଶନ ଦାସ ଘଟଣାସ୍ଥଳରେ ପହଞ୍ଚି ଏଡିଏମ୍, ପୂର୍ବତନ ଉପଜିଲାପାଳ, ଡିଆର୍‌ସିଏସ୍, ଏପରିକି ଖାଦ୍ୟମନ୍ତ୍ରୀଙ୍କ ପିଏଙ୍କ ସହ ଆଲୋଚନା କରିଥିଲେ । ଆଜି ସବିଶେଷ ଆଲୋଚନା ହେବ ବୋଲି ସ୍ଥିର ହୋଇଥିଲା । ଘଟଣାସ୍ଥଳକୁ ଡିଆର୍‌ସିଏସ୍ ବିଜୟ କୁମାର ରାଉଳ, ଏସିଏସ୍‌ଓ ଅଜୟ କୁମାର ମଲ୍ଲିକ, ଏମ୍‌ଆଇ ସାଗରିକା ରାଉତରାୟ ଆଜି ଦ୍ୱିପ୍ରହରେ ରାଇବଣିଆ ସେବା ସମବାୟ ସମିତି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ଉପସ୍ଥିତ ଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁକୁମାର ଘୋଷ, ସମିତି ସଦସ୍ୟ ଦିଗାମ୍ବର ଦାସ, ନୃସିଂହ ଜେନା, ସଂଜୟ ଜେନା, ଶଂକର ଘୋଷ, ପୂର୍ବତନ ଜିଲାପରିଷଦ ସଦସ୍ୟ ସୁଧାଂଶୁ ଘୋଷ, ଗୋକୁଳାନନ୍ଦ ଘୋଷ, ବିଶ୍ୱନାଥ ପରିଡା, ଚନ୍ଦ୍ରଶେଖର ଘୋଷ, ଅଶୋକ ଶୁକ୍ଲା ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ । ଏଣିକି ଟୋକନ୍‌ପାଇଥିବା ସମସ୍ତ ଚାଷୀଙ୍କ ସମସ୍ତ ଧାନ କିଣିଯିବା ସଂପର୍କରେ ଚାଷୀମାନଙ୍କୁ ସେମାନେ ପ୍ରତିଶୃତି ଦେଇଥିଲେ ।

# ଚୋରକୁ ଧରି ନିର୍ଧୁମ୍ ଛେଚିଲେ ଗ୍ରାମବାସୀ

## ନୀଳଗିରିରେ ଆଉ ଏକ କଙ୍ଗାରୁ କୋର୍ଟ



ନୀଳଗିରି,୩।୯ (ନି.ପ୍ର):ନୀଳଗିରି ଥାନା ଅଧିନସ୍ଥ ବାଡ଼ଁଶବଣିଆ ଛକରେ ଥିବା ପଂଚାୟତ ଅଫିସ ରାମ ପାନ ଦୋକାନ, ସନା ଚିକେନ ସେଂଟର, ଅଶୋକ ବେହେରା ଦୋକାନ, ଖଜୁ ଦୋକାନ ସହ ମଙ୍ଗଳା ମନ୍ଦିର ଆଗରେ ଲାଗିଥିବା ଇଲେକ୍ଟ୍ରି ବଲ୍‌କୁ ଚୋରି କରୁଥିବାବେଳେ ଗ୍ରାମାବାସୀ ମାନେ ଖନ୍ତାପଡା ଥନା ଅଧିନସ୍ଥ ଅଳସୁଆ ଗ୍ରାମର ବାବୁ ନାମକ ଯୁବକକୁ ଧରି ଏକ ଖୁଂଟରେ ବାନ୍ଧି ଉତମ ମଧମ ଦେବା ପରେ ଗଳ ଗଳ କରି ଅଭିଯୁକ୍ତ ବାବୁ ସବୁ ଚୋରି କରିଥିବା ସ୍ୱୀକାର କରଥିଲା । ଖବର ପାଇ ଅଭିଯୁକ୍ତର ବାପା ,ମା ଘଟଣା ସ୍ଥଳରେ ପହଂଚି ପୁଅର ଏପରି କାର୍ଯ୍ୟର ସର୍ବସମ୍ମୁଖରେ ଭୁଲ ମାଗିବା ପରେ ଗ୍ରାମବାସୀ ମାନେ ଯୁବକକୁ ଛାଡି ଦେଇଛନ୍ତି । ଅପରପକ୍ଷରେ ଏନେଇ ଅଭିଯୋଗକାରୀ ମାନେ ଥାନାର କୌଣସି ସୂଚନା ଦେଇନଥିବା ଜଣାପଡିଛି । ଏଠାରେ ପ୍ରଶ୍ନଉଠେ ଯଦି ଜଣେ ଅଭିଯୁକ୍ତ ଚୋରି କରୁଥିଲା ତାହେଲେ ସର୍ବସମ୍ମୁଖରେ ଖୁଂଟରେ ବାନ୍ଧି କଙ୍ଗାରୁ କୋର୍ଟ ବସାଇ ଦଣ୍ଡ ଦେବାର ଅଧିକାରୀ ଗ୍ରାମବାସୀଙ୍କୁ ଦେଲା କିଏ ? ଏଥିପାଇଁ ଆଇନର ବ୍ୟବସ୍ଥା ଥିବାବେଳେ ଲୋକମାନେ ଜଣେ ଅଭିଯୁକ୍ତକୁ ଏଭଳି ଭାବେ ଅମାନୁଷିକ ଦଣ୍ଡ ଦେବା କଣ ଠିକ ଥିଲା ? ଏନେଇ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଘଟଣାର ସତ୍ୟାସତ୍ୟ ବାହାର କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହୋଇଛି ।

# ବାଇକ୍‌କୁ ଧକ୍କା ଦେଲା ଟ୍ରାକ୍ଟର : ୨ ଗୁରୁତର



ନୀଳଗିରି,୩/୯ : ବରହମପୁର ଥାନା ଅଧିନସ୍ଥ ବରହମପୁର ଗ୍ରାମର ୨ ଯୁବକ କୌଣସି କାମରେ ଡାଳିମପାଳ ଅଂଚଳକୁ ଏକ ବାଇକରେ ଯାଉଥିବାବେଳେ ଅଁଳାପାଳ ନିକଟସ୍ଥ ଭଡରାପାଳ ଛକ ଠାରେ ବିପରିତ ଦିଗରୁ ଆସୁଥିବା ମେଗା ପ୍ରଜେକ୍ଟ କାମ କରୁଥିବା ରାଜସ୍ଥାନ ଅଂଚଳର ଜନୈକ ଠିକାଦାର ଙ୍କର ଟ୍ରାକ୍ଟର (ଓଆର ୦୧ ଟି -୬୫୦୫) ଧକ୍କା ଦେବା ଫଳରେ ବାଇକରେ ଯାଉଥିବା ୨ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଜଣକ ହେଲେ ବରହମପୁର ଅଂଚଳର ଗୋଲକ ତ୍ରିପାଠୀଙ୍କ ପୁଅ ସୌମ୍ୟ ରଂଜନ ତ୍ରିପାଠୀ(୨୧) ଏବଂ ଉକ୍ତ ଗ୍ରାମର ଗଜେନ୍ଦ୍ର ବେହେରାଙ୍କ ପୁଅ ମନୋରଂଜନ ବେହେରା(୨୩) । ଘଟଣା ସ୍ଥଳରେ ବାଇକ ଚଲାଉଥିବା ସୌମ୍ୟ ରଂଜନଙ୍କୁ ପ୍ରଥମେ ବରହମପୁର ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଟ୍ରାକ୍ଟରଟିକୁ ବରହମପୁର ପୋଲିସ ଥାନାରେ ଅଟକ ରଖିଥିବା ଜଣାପଡିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ରାଜ୍ୟରେ ଆଉ ୮...

ଗଂଜାମ ଜିଲ୍ଲାର ଜଣେ ୭୮ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କନ୍ଧମାଳ ଜିଲ୍ଲାର ଜଣେ ୫୦ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ ।

## କଟକ-ଖୋର୍ଦ୍ଧାରେ କୋଭିଡ...

ଯେପରି ଆଇସିୟୁ ସୁବିଧା ପାଇପାରିବେ, ସେଥିପ୍ରତି ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସରକାରୀ କର୍ମଚାରୀମାନଙ୍କ ମଧରେ, ବିଶେଷକରି କଟକ ଓ ଭୁବନେଶ୍ୱରରେ କର୍ମଚାରୀଙ୍କ ମଧରେ ଅଧିକ ସଂଖ୍ୟାରେ କୋଭିଡ କେସ୍ ବଢୁଥିବାରୁ ସମସ୍ତ କୋଭିଡ ନିୟମ ଗୁଡିକୁ କଡାକଡି ଭାବରେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମାସ୍କ ଓ ସାମାଜିକ ଦୂରତ୍ୱ ନିୟମରେ ଯେପରି କୌଣସି ଅବହେଳା ନ ହୁଏ, ସେଥିପ୍ରତି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି । କୋଭିଡ ସଂପର୍କରେ ଆଲୋଚନାରେ ଭାଗ ନେଇ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ରାଜ୍ୟରେ ଲକ୍ ଡାଉନ ଓ ସଟ୍ ଡାଉନ ପରିଚାଳନା ସଂପୂର୍ଣ୍ଣ ସଫଳ ହୋଇଛି । କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ପରିସ୍ଥିତିକୁ ଦୃଷ୍ଟିରେ ରଖି କୋଭିଡ ରଣନୀତିକୁ ସୁଦୃଢ କରାଯାଉଛି ବୋଲି ସେ କହିଥିଲେ । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ୍ୟର କୋଭିଡ ପରିଚାଳନା ସଂପର୍କରେ ଏକ ବିବରଣୀ ଉପସ୍ଥାପନା କରିଥିଲେ । ବୈଠକରେ ଶିଳ୍ପ, କୃଷି ଓ ଅନ୍ୟାନ୍ୟ କ୍ଷେତ୍ର ସଂପର୍କରେ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ଜୀବିକା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରି ସବୁ ବିଭାଗର ଜୀବିକା ସୃଷ୍ଟି କାର୍ଯ୍ୟକ୍ରମ ଗୁଡିକୁ ଜୋରଦାର କରିବା ପାଇଁ ପରାମର୍ଶ ଦେଇଥିଲେ । କୌଣସି କ୍ଷେତ୍ରରେ ଅସୁବିଧା ଥିଲେ, ତାକୁ ତୁରନ୍ତ ଦୂର କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ପର୍ଯ୍ୟବେକ୍ଷକମାନେ ମଧ ଜିଲ୍ଲା ଗସ୍ତ ସମୟରେ ଜୀବିକା କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରନ୍ତୁ ବୋଲି ସେ ନିର୍ଦ୍ଦେଶ ଦେଇଥିଲେ । ଶିଳ୍ପ ଓ ଏମଏସଏମଇ କ୍ଷେତ୍ରରେ ସମସ୍ତ ପ୍ରକାର କାର୍ଯ୍ୟକ୍ରମ ପୂର୍ଣ୍ଣସ୍ତରରେ କାର୍ଯ୍ୟକ୍ଷମ କରିବାପାଇଁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୌଣସି ଶିଳ୍ପକ୍ଷେତ୍ରରେ ଯଦି କିଛି ଅସୁବିଧା ଥାଏ, ତେବେ ତାକୁ ତୁରନ୍ତ ପ୍ରାଥମିକତା ଭିତିରେ ଦୂର କରିବା ଆବଶ୍ୟକ । ବୈଠକରୁ ଜଣାଯାଇଥିଲା ଯେ ରାଜ୍ୟରେ କୃଷି, ଶିଳ୍ପ, ଗଝଗର ଓ ଅନ୍ୟାନ୍ୟ କ୍ଷେତ୍ରରେ ସମସ୍ତ କାର୍ଯ୍ୟକ୍ରମ ସ୍ୱଭାବିକ ହୋଇଆସୁଛି । ଅଗଷ୍ଟ-ସେପଟ୍ମେର ସୁଦ୍ଧା ସମସ୍ତ କ୍ଷେତ୍ରରେ ସୁଧାର ଆସିଛି । କୃଷି କ୍ଷେତ୍ରରେ ଚଳିତ ବର୍ଷ ଖରିଫରେ ୫୫.୫୨ ଲକ୍ଷ ହେକ୍ଟର ଜମି ଚାଷ କରାଯାଇଛି ଯାହା କି ପୂର୍ବ ବର୍ଷ ଠାରୁ ୫ ପ୍ରତିଶତ ଅଧିକ । ଚଳିତ ବର୍ଷ ସାର ଓ ୟୁରିଆର ଚାହିଦା ମଧ ଗତବର୍ଷ ଠାରୁ ଅଧିକ ରହିଛି । ଚଳିତ ବର୍ଷ ୯୯୬୫ କୋଟି ଟଙ୍କାର ଫସଲ ଋଣ ପ୍ରଦାନ କରାଯାଇଛି, ଯାହା କି ଗତ ବର୍ଷ ଠାରୁ ମଧ ଅଧିକ । ଇସ୍ପାତ ଓ ଖଣି କ୍ଷେତ୍ରରେ ମଧ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ଅପ୍ରେଲକୁ ଅଗଷ୍ଟ ମଧରେ ରାଜ୍ୟରେ ୧୭୫୧୪ କୋଟି ଟଙ୍କାର ୨୦୦ଟି ନୂଆ ପ୍ରକଳ୍ପକୁ ଅନୁମୋଦିତ କରାଯାଇଛି । ଏଥିରେ ୧୩ ହଜାର କର୍ମନିଯୁକ୍ତିର ସମ୍ଭାବନା ରହିଛି । ସେହିପରି ଶିଳ୍ପ ଉତ୍ପାଦନ ୮୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧିପାଇ ସାରିଛି ବୋଲି ସୂଚନା ଦିଆଯାଇଥିଲା । ବିଦ୍ୟୁତ ବ୍ୟବହାର, କାର୍ଗୋ ପରିଚାଳନା, ସବୁ କ୍ଷେତ୍ରରେ ଉନ୍ନତି ଆସିଛି । ଏମଏସଏମଇ କ୍ଷେତ୍ରରେ ସେପଟ୍ମେର ସୁଦ୍ଧା ୧.୫ ଲକ୍ଷରୁ ଅଧିକ ୟୁନିଟ୍ କୁ ପାଖାପାଖି ୩୦୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯିବା ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ଶିଳ୍ପ ଓ ଏମଏସଏମଇ ସଂସ୍ଥାଗୁଡିକ ଯେପରି ସୁବିଧାରେ କାର୍ଯ୍ୟ କରିପାରିବେ, ସେଥିପାଇଁ ଜିଏସଟି ରିଏମ୍ବର୍ସମେଂଟ ପ୍ରକ୍ରିୟାକୁ ସଂପୂର୍ଣ୍ଣ ସ୍ୱଚ୍ଛ ଓ ସହଜ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

## ବଗଲା ଧର୍ମଶାଳା...

କିନ୍ତୁ ଏତେ ବଡ ଐତିହାସିକ ସ୍ଥାନକୁ ରାଜ୍ୟସରକାର ମାଟିରେ ମିଶାଇବା ପାଇଁ ଯେଉଁ ପ୍ରୟାସ କରିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ରାଷ୍ଟ୍ରୀୟ ପ୍ରବକ୍ତା ଶ୍ରୀ ସମ୍ବିତ ପାତ୍ର କହିଛନ୍ତି । ବେଆଇନ ଭାବେ ବଗଲା ଧର୍ମଶାଳାକୁ ପ୍ଲଟିଂ କରି ବିକ୍ରି କରିବା ବିରୁଦ୍ଧରେ ଏବଂ ଜଗନ୍ନାଥ ବିଶ୍ରାମସ୍ଥଳୀକୁ ନିର୍ମାଣ କରିବା ଦାବୀ ନେଇ ଅନଲାଇନ ପିଟିସନରେ ପୂରା ବିଶ୍ୱରେ ଓଡିଆ ଭାଇ ଭଉଣୀ ଏବଂ ଜଗନ୍ନାଥ ପ୍ରେମୀମାନେ ସାମିଲ ହେବା ପାଇଁ ଶ୍ରୀ ପାତ୍ର ଆହ୍ୱାନ କରିଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରସାଦ ଯୋଜନାରେ ଆଇଟିଡିସି ତରଫରୁ ଟେଣ୍ଡର ଆହ୍ୱାନ କରାଯାଇ ପୁରୀ ବଗଲା ଧର୍ମଶାଳା ଜମି ଉପରେ ଜଗନ୍ନାଥ ବିଶ୍ରାମସ୍ଥଳୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର, ମନ୍ଦିର ପ୍ରଶାସନ, ପୁରୀ-କୋଣାର୍କ ବିକାଶ ପରିଷଦ, ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମତି ନିଯାଇଥିଲା । ମନ୍ଦିର ପ୍ରଶାସନ ଏନ.ଓ.ସି ଦେବା ସମୟରେ ଦର୍ଶାଇଥିଲା କି, ଜଗନ୍ନାଥ ବିଶ୍ରାମସ୍ଥଳୀ ଜମି ଯେଉଁଠି ହେଉଛି ତାହା ଜଗନ୍ନାଥଙ୍କ ଜମି । ୫୦ କୋଟି ଟଙ୍କା ବ୍ୟୟ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ନିର୍ମାଣ କାର୍ଯ୍ୟ ପାଇଁ ୩.୨୬ କୋଟି ଟଙ୍କା ଖର୍ଚ୍ଚ ମଧ ହୋଇସାରିଥିଲା । ମାତ୍ର ପ୍ରପର୍ଟି ଡିଲର ସାଜିଥିବା ରାଜ୍ୟ ସରକାର ହୀନ ଚକ୍ରାନ୍ତ କରି ଉକ୍ତ ଜମିକୁ ପ୍ଲଟିଂ କରି ବିକିବା ଆରମ୍ଭ କରିଦେଲେ । ବଗଲା ଧର୍ମଶାଳାକୁ ପ୍ଲଟିଂ କରି ବିକ୍ରି କରିବା ପାଇଁ ଜିଲ୍ଲା ପ୍ରଶାସନ ମନ୍ଦିର ପ୍ରଶାସନ ଠାରୁ ଏନ.ଓ.ସି ଆଣିଛି କି ବୋଲି ରାଷ୍ଟ୍ରୀୟ ପ୍ରବକ୍ତା ଶ୍ରୀ ସମ୍ବିତ ପାତ୍ର ପ୍ରଶ୍ନ କରିଛନ୍ତି । ରାଜ୍ୟସରକାର ବଗଲା ଧର୍ମଶାଳାରେ ହେଉଥିବା ପ୍ଲଟିଂ କାର୍ଯ୍ୟକୁ ତୁରନ୍ତ ବନ୍ଦ କରନ୍ତୁ । ଏହା ସହ କେନ୍ଦ୍ରସରକାରଙ୍କ ପ୍ରସାଦ ଯୋଜନା ଅନୁଯାୟୀ ତୀର୍ଥଯାତ୍ରୀଙ୍କ ରହିବା ପାଇଁ ଆରମ୍ଭ ହୋଇଥିବା ଜଗନ୍ନାଥ ବିଶ୍ରାମସ୍ଥଳୀ ନିର୍ମାଣ କାର୍ଯ୍ୟକୁ ଗତିଶୀଳ କରାଇ ତୀର୍ଥଯାତ୍ରୀଙ୍କ ପାଇଁ ଏକ ଭବ୍ୟ ଧର୍ମଶାଳା ନିର୍ମାଣ କରାଯାଉ ବୋଲି ଶ୍ରୀ ପାତ୍ର ଦାବୀ କରିଛନ୍ତି । ଏହି ଅନଲାଇନ ପିଟିସନ କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡା, ରାଜ୍ୟ ସଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ବରିଷ୍ଠ ନେତା କୃଷ୍ଣ ଜଗଦେବ, ପୁରୀ ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ, ପ୍ରଭଞ୍ଜନ ମହାପାତ୍ର, ବିରଂଚୀ ତ୍ରିପାଠୀ, ସୁରଥ ବିଶ୍ୱାଳ, ରମାରଂଜନ ବଳିଆରସିଂଙ୍କ ସମେତ ଜିଲ୍ଲାର ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋଟିଏ ଦିନରେ ୩୬୩୧...

ଜିଲ୍ଲାରେ ୩୯ . କଟକ ଜିଲ୍ଲାରେ ୩୭୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଢେଙ୍କାନାଳ ଜିଲ୍ଲାରେ ୫୬, ଗଜପତି ଜିଲ୍ଲାରେ ୯, ଗଂଜାମ ଜିଲ୍ଲାରେ ୧୦୭ ଜଗତସିଂହପୁର ଜିଲ୍ଲାରେ ୭୯, ଯାଜପୁର ଜିଲ୍ଲାରେ ୧୨୭ . ଝାରସୁଗୁଡା ଜିଲ୍ଲାରେ ୮୦, କଳାହାଣ୍ଡି ଜିଲ୍ଲାରେ ୨୭ . କନ୍ଧମାଳ ଜିଲ୍ଲାରେ ୪୪, କେନ୍ଦ୍ରାପଡା ଜିଲ୍ଲାରେ ୮୫ ,କେନ୍ଦୁଝର ଜିଲ୍ଲାରେ ୮୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୯୩ ଜଣ, ମାଲକାନଗିରି ଜିଲ୍ଲାରେ ୫୫ , ମୟୁରଭଂଜ ଜିଲ୍ଲାରେ ୩୬୫, ନବରଙ୍ଗପୁରରେ ୪୬, ନୟାଗଡ ଜିଲ୍ଲାରେ ୧୦୦, ନୂଆପଡା ଜିଲ୍ଲାରେ ୪୯, ପୁରୀ ଜିଲ୍ଲାରେ ୧୫୭, ରାୟଗଡା ଜିଲ୍ଲାରେ ୧୧୧, ସମ୍ବଲପୁର ଜିଲ୍ଲାରେ ୬୮ ,ସୋନପୁର ଜିଲ୍ଲାରେ ୫୦ ତଥା ସୁନ୍ଦରଗଡ ଜିଲ୍ଲାରେ ୯୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଜୟଦେବ...

ବେଳେ ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ଚଳଚ୍ଚିତ୍ର ସମ୍ମାନ 'ଜୟଦେବ ପୁରସ୍କାର'ବାବଦ ଅର୍ଥରାଶି ୧ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ଦାବି କରାଯାଇଛି । ଆସୋସିଏସନ୍‌ର ସଭାପତି ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଦିଲ୍ଲୀପ ହାଲି ଏକ ବିବୃତିରେ କହିଛନ୍ତି ଯେ, ୧୯୮୧ ମସିହାରେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମାଙ୍କୁ ପ୍ରଥମ 'ଜୟଦେବ ପୁରସ୍କାର' ପ୍ରଦାନ କରାଯିବା ସମୟରେ ଏହି ପୁରସ୍କାର ପରିମାଣ ୨୦ ହଜାର ଟଙ୍କା ଧାର୍ଯ୍ୟ ହୋଇଥିଲା । ପରବର୍ତୀ ସମୟରେ ପର୍ଯ୍ୟାୟ କ୍ରମେ ଏହି ପୁରସ୍କାର ବାବଦ ଅର୍ଥରାଶି ବୃଦ୍ଧି ପାଇ ୨୫ ହଜାର, ୫୦ ହଜାର ଏବଂ ୨୦୧୪ ମସିହାରୁ ୧ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଛି । ବର୍ତମାନ ସରକାର ଅନ୍ୟାନ୍ୟ ପୁରସ୍କାର ଅର୍ଥ ପରିମାଣ ବୃଦ୍ଧି କରିବାକୁ ନିଷ୍ପତି ନେଇଥିବା ବେଳେ 'ଜୟଦେବ ପୁରସ୍କାର' ଅର୍ଥ ପରିମାଣ ନବଢାଇବା କ୍ଷୋଭର ବିଷୟ । ସଂସ୍କୃତି ବିଭାଗ ପକ୍ଷରୁ ଏ ଦିଗରେ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯିବାକୁ ସିନେକ୍ରିଟିକ୍ ଆସୋସିଏସନ୍ ଦାବି କରିବା ସଙ୍ଗେସଙ୍ଗେ ଏଥିପ୍ରତି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି ।

## ବ୍ରାହ୍ମଣ ସମିତି ...

ବକ୍ତବ୍ୟ ପ୍ରଦାନ କରିଥିଲେ । ସମିତିର ଆଜୀବନ ସଦସ୍ୟ ସ୍ୱର୍ଗତଃ ମଧୁସୂଦନ ମିଶ୍ର ଓ କାର୍ତ୍ତିକ ଚନ୍ଦ୍ର ଦ୍ୱିବେଦୀଙ୍କ ବିୟୋଗରେ ଶୋକପ୍ରସ୍ତାବ ଗୃହୀତ ହୋଇଥିଲା । ରାଜ୍ୟ କମିଟିର ସଭାପତି ପ୍ରଫେସର ଶରତ ମହାପାତ୍ର, ଭଦ୍ରକ ଜିଲ୍ଲା କମିଟିର ସଭାପତି ବିଷ୍ଣୁମୋହନ ପଣ୍ଡା ଓ ବାଲେଶ୍ୱର ଜିଲ୍ଲା ସଭାପତି ଡାକ୍ତର ଶୀର୍ଷ କୁମାର ଦାଶ ପଠାଇଥିବା ଶୋକବାର୍ତ୍ତା ପାଠ କରାଯାଇଥିଲା । ଶାନ୍ତିମନ୍ତ୍ର ଓ ସର୍ବଧର୍ମ ପ୍ରାର୍ଥନା ପରେ ସଭାସାଙ୍ଗ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ କ୍ଷିତୀଶ ଚନ୍ଦ୍ର ପଣ୍ଡା, ଶଙ୍କର୍ଷଣ ପାଣିଗ୍ରାହୀ, କେଶବ ଚନ୍ଦ୍ର ପଣ୍ଡା, କୃତିବାସ ପଣ୍ଡା ଓ ଦିଲ୍ଲୀପ ଚକ୍ରବର୍ତ୍ତୀ ପ୍ରମୁଖ ସହଯୋଗ କରିଥିଲେ ।

# ଆଜି ଚିହ୍ନଟ ହେଲେ ୧୮୬ ଆକ୍ରାନ୍ତ, ସଂଖ୍ୟା ପହଞ୍ଚିଲା ୩ ହଜାରରେ

## ନମୁନା ପରୀକ୍ଷା ୫୦ ହଜାର ପାରହେଲା

ଭଦ୍ରକ,୩।୯ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଜି ଆଉ ନୂଆ ୧୮୬ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହି ନୂତନ ଆକ୍ରାନ୍ତଙ୍କୁ ନେଇ ଜିଲ୍ଲର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୦୦୦ ହୋଇଛି । ଯେତେବେଳେ କି ନୂଆ ୪୯ ସୁସ୍ଥଙ୍କ ପରେ ଜିଲ୍ଲାର ମୋଟ ସୁସ୍ଥଙ୍କ ସଂଖ୍ୟା ହୋଇଛି ୨୧୮୮ । ଏବେ ଆକ୍ଟିଭ ଆକ୍ରାନ୍ତ ଭାବେ ୮୦୩ଜଣ ଚିକିତ୍ସିତ ହେଉଛନ୍ତି । ସେହିଭଳି ଜିଲ୍ଲାର ନମୁନା ପରୀକ୍ଷା ମଧ ୫୦ ହଜାର ଅତିକ୍ରମ କରି ୫୦,୨୦୪ରେ ପହଞ୍ଚିଛି । ଆଜି ଚିହ୍ନଟଙ୍କ ମଧରେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ବାସୁଦେବପୁର ବ୍ଲକ ଅଞ୍ଚଳରୁ । ଏହି ଅଞ୍ଚଳରୁ ୪୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବାସୁଦେବପୁର ପୌରପାଳିକାରୁ ୧୯ଜଣ, ଭଦ୍ରକ ବ୍ଲକରୁ ୩୪ଜଣ, ଭଦ୍ରକ ପୌରପାଳିକାରୁ ୩୫ଜଣ, ବନ୍ତ ବ୍ଲକରୁ ୪ଜଣ, ଭଣ୍ଡାରିପୋଖରୀ ବ୍ଲକରୁ ୩୦ଜଣ, ଚାନ୍ଦବାଲି ବ୍ଲକରୁ ୩ଜଣ, ଧାମନଗର ବ୍ଲକରୁ ୪ଜଣ, ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଜଣେ, ତିହିଡି ବ୍ଲକରୁ ୧୨ଜଣ ଏବଂ ଅନ୍ୟ ଜିଲ୍ଲାର ଆକ୍ରାନ୍ତ ଭାବେ ୨ଜଣ ଚିହ୍ନଟ ହୋଇଛନ୍ତି ।

ଶୁକ୍ରବାର,୪ ସେପ୍ଟେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ବ୍ରାହ୍ମଣ ସମିତି ପକ୍ଷରୁ ଦିବଂଗତ ବ୍ୟକ୍ତିତ୍ୱଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୩୧୯ (ନି.ପ୍ର): ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ସ୍ୱର୍ଗତଃ ପ୍ରଣବ ମୁଖାର୍ଜୀ ଓ ଜିଲ୍ଲା ବ୍ରାହ୍ମଣ ସମିତିର ପୂର୍ବତନ ସଭାପତି ପଣ୍ଡିତ ସ୍ୱର୍ଗତଃ ରଘୁନାଥ ଷଡ଼ଙ୍ଗୀଙ୍କ ବିୟୋଗରେ ଏକ ଏକ ଶ୍ରଦ୍ଧାଞ୍ଜଳି ସଭା ଆଜି ଅନୁଷ୍ଠିତ ହୋଇଯାଇଛି ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତିର ଦାମୋଦରପୁରସ୍ଥିତ କାର୍ଯ୍ୟାଳୟରେ ଡଃ. କ୍ଷିତୀଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଏହି ଦିବଂଗତ ଦୁଇ ବ୍ୟକ୍ତିତ୍ୱଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ସମିତିର ଜିଲ୍ଲା ସଂପାଦକ ଗୌରଚନ୍ଦ୍ର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ ପରେ ଉଭୟଙ୍କ ଫଟୋଚିତ୍ରରେ ଉପସ୍ଥିତମାନେ ପୁଷ୍ପ ପ୍ରଦାନ କରିଥିଲେ। ବିରଞ୍ଚିନାରାୟଣ ମିଶ୍ର ବେଦପାଠ କରିବା ପରେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବିଭିନ୍ନ ସମସ୍ୟା ସମାଧାନ ଦିଗରେ ସ୍ୱର୍ଗତଃ ପ୍ରଣବ ମୁଖାର୍ଜୀ ଯେପରି ଦେଶର ସ୍ୱାର୍ଥରେ ସରକାରୀ ଦଳ ଓ ବିରୋଧି ଦଳ ମଧ୍ୟରେ ସମନ୍ୱୟ ରକ୍ଷା କରି ଆସିଥିଲେ ସେହିପରି ଜିଲ୍ଲା ଓ ରାଜ୍ୟ ବ୍ରାହ୍ମଣ ସମିତିର ବିଭିନ୍ନ ସାଂଗଠନିକ ସଂକଟବେଳେ ସ୍ୱର୍ଗତଃ ରଘୁନାଥ ଷଡ଼ଙ୍ଗୀ ତାଙ୍କର ଦକ୍ଷତା ପ୍ରଦର୍ଶନ କରି ସମିତିକୁ ଐକ୍ୟବଦ୍ଧ କରାଉଥିଲେ ବୋଲି ପ୍ରକାଶ କରି ବକ୍ତାମାନେ ଉଭୟେ ଦିବଂଗତଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧା ଓ ସମ୍ମାନ ଜଣାଇଥିଲେ। ଆସନ୍ତାବର୍ଷ ଜିଲ୍ଲା ସମିତି ପ୍ରତିଷ୍ଠାର ଶତବାର୍ଷିକୀ ପାଳନ କରିବାକୁ ଯାଉଥିବାବେଳେ ପଣ୍ଡିତ ଷଡ଼ଙ୍ଗୀଙ୍କ ଦେହାନ୍ତ ସମିତି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତପ୍ରକାଶ ପାଇଥିଲା। ଜିଲ୍ଲାକମିଟିର ଉପଦେଷ୍ଟାବୃନ୍ଦ ଓ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବ୍ଲକ୍ କମିଟିର ନେତୃତ୍ୱ ସର୍ବଶ୍ରୀ ଶକ୍ତିପଦ ପଣ୍ଡା, ଲକ୍ଷ୍ମୀଧର ମହାପାତ୍ର, ଶୁଭଙ୍କର ମହାପାତ୍ର, କୃଷ୍ଣଚନ୍ଦ୍ର ପତ୍ରୀ, ଗୌରାଙ୍ଗ ପାଣିଗ୍ରାହୀ, ଭଗବାନ ଆଚାର୍ଯ୍ୟ, କନକଲତା ତ୍ରିପାଠୀ, ବୈଦ୍ୟନାଥ ଆଚାର୍ଯ୍ୟ, ନିରାକାର ଦାଶ, ବିଭୂତି ଭୂଷଣ ତ୍ରିପାଠୀ, ବେଣୁଧର ମିଶ୍ର, ସର୍ବେଶ୍ୱର ପତି, ପ୍ରସନ୍ନ ପାଢ଼ୀ, ଦେବବ୍ରତ ପାଣିଗ୍ରାହୀ ଓ ବେଣୁଧର ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭାରେ ▶▶ପୃଷ୍ଠା ୭

## ପାରିକୁଳ ହତ୍ୟାକାଣ୍ଡରେ ନିଆଯାଉନି ପ୍ରତ୍ୟକ୍ଷଦର୍ଶୀର ଜବାନବନ୍ଦି

### ସିବିଆଇ ତଦନ୍ତ ଦାବିରେ ମୃତ ପୁତ୍ରର ପିତା-ମାତାଙ୍କ ଧାରଣା



ବାଲେଶ୍ୱର,୩୧୯ (ନି.ପ୍ର): ରାଜନୈତିକ ଚାପରେ ପାରିକୁଳ ତପନ ପାତ୍ର ହତ୍ୟାକାଣ୍ଡ ମାମଲାରୁ ମୁଖ୍ୟ ଅଭିଯୁକ୍ତ ତଥା ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା ଓରଫ୍ କୁନୁପଣ୍ଡାକୁ ମୁକ୍ତ କରିବା ପାଇଁ ପୁଲିସର ବିଭ୍ରାନ୍ତିକର ତଦନ୍ତ ପ୍ରକ୍ରିୟାକୁ ନେଇ ମୃତକଙ୍କ ପିତା-ମାତା ଉଦବେଗ ପ୍ରକାଶ କରିଛନ୍ତି। ଏନେଇ ସେମାନେ କିଛି ଗ୍ରାମବାସୀଙ୍କ ସହଯୋଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ପ୍ରତୀକ ଧାରଣା ଦେଇଥିଲେ। ଏହି ହାତ୍ୟାକାଣ୍ଡରେ ଏକମାତ୍ର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ପ୍ରିୟବ୍ରତ ମହାପାତ୍ରଙ୍କୁ ଅଭିଯୁକ୍ତ ଭାବେ ସଜାଇ ମାମଲାରୁ ବସନ୍ତ ପଣ୍ଡାକୁ ଖସାଇଦେବା ପାଇଁ ପୁଲିସ ଚ୍ରକାନ୍ତ କରୁଥିବା ନେଇ ଧାରଣାକାରୀ ପିତା-ମାତା ଶ୍ରଧର ପାତ୍ର ଓ ମଞ୍ଜୁଲତା ପାତ୍ର ଆରୋପ ଉଠାଇଛନ୍ତି। ଗତ ୨୮ ତାରିଖରେ ପ୍ରମୁଖ ଓଡ଼ିଆ ଖବରକାଗଜରେ ପ୍ରକାଶିତ ଏଥି ସମ୍ପର୍କିତ ଖବରକୁ ନେଇ ପୁଲିସର କାର୍ଯ୍ୟଶୈଳୀ ଉପରେ ସେମାନେ ସନ୍ଦେହ ପ୍ରକଟ କରିଛନ୍ତି। କୁନୁପଣ୍ଡା ପରିବର୍ତ୍ତେ ବିଜୁ ଜେନାକୁ ମୁଖ୍ୟ ଅଭିଯୁକ୍ତ ଭାବେ ଅଭିହିତ କରିବା ଓ ଗିରଫ ଅଭିଯୁକ୍ତଙ୍କ ଜବାନବନ୍ଦିରୁ ଏହି ହତ୍ୟାକଣ୍ଡର ଚାଞ୍ଚଲ୍ୟକର ତଥ୍ୟ ହାତରେ ଲାଗିଥିବା ନେଇ ସମ୍ପୃକ୍ତ ଖବରକାଗଜକୁ ପୁଲିସ ସୂଚନା ଦେଇଛି।ଏମିତିକି ବିଜୁ ଜେନା ଗିରଫ ପରେ ପୁଲିସ ଚାଞ୍ଚଲ୍ୟକର ତଥ୍ୟ ଓ ହତ୍ୟା ମାମଲାର ନୂଆ ଟୁଇଷ୍ଟ ସମ୍ପର୍କରେ ପର୍ଦ୍ଦାଫାସ କରିବ ବୋଲି ଖବର କାଗଜରେ ପ୍ରକାଶ ପାଇଛି। ସେମାନଙ୍କ ପୁତ୍ରର ହତ୍ୟା ମାମଲାରୁ ମୁଖ୍ୟ ଅଭିଯୁକ୍ତ କୁନୁପଣ୍ଡାକୁ ମୁକ୍ତ କରିବା ପାଇଁ ପୁଲିସ ସୁପରିକଳ୍ପିତ ଯୋଜନା କରୁଥିବା ମୃତ ତପନର ପିତାମାତା ସନ୍ଦେହ ପ୍ରକାଶ କରିଛନ୍ତି। ଖାସ ଏଇଥି ପାଇଁ ଅଦ୍ୟାବଧି ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ତଥା ସଂଘବଦ୍ଧ ଆକ୍ରମଣରେ ଆହତ ପ୍ରିୟବ୍ରତ ମହାପାତ୍ରର ଜବାନବନ୍ଦି ନିଆଯାଉ ନାହିଁ ଓ ତାକୁ ଏହି ମାମଲାରେ ଅଭିଯୁକ୍ତ ସଜାଇବାକୁ ପୁଲିସ ଉଦ୍ୟମ ଜାରି ରଖିଛି ବୋଲି ସେମାନେ କହିଛନ୍ତି। ବାଲେଶ୍ୱରର ବିଜେଡି ନେତାଙ୍କ ନିର୍ଦ୍ଦେଶରେ ପରିଚାଳିତ ଅସାଧୁ ପୁଲିସଙ୍କ ଯୋଗୁଁ ଏହି ମାମଲାରେ ନ୍ୟାୟ ମିଳିବାର ଆଶା କ୍ଷୀଣ ହୋଇ ଆସୁଥିବା ପିତାମାତା ଦ୍ୱୟ ମତ ଦେଇଛନ୍ତି। ଏହି ମାମଲାର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ସେମାନେ ଦାବି କରିଛନ୍ତି। ନତୁବା ଏହି ମାମଲାରେ ଏକମାତ୍ର ସାକ୍ଷୀ ସହିତ ସେମାନଙ୍କୁ ବି ଅଭିଯୁକ୍ତ ଭାବେ ଗ୍ରହଣ କରି ଜେଲ ପଠାଇବାକୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେମାନେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। କରୋନା ଭଳି ସମୟରେ ଏଠାରେ ଧାରଣା ନ ଦେବାକୁ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଉଭୟ ପିତାମାତଙ୍କୁ ପରାମର୍ଶ ଦେଇଛନ୍ତି। ଏହି ମାମଲାର ଉଚିତ ତଦନ୍ତ ପାଇଁ ସେ ଏସପିଙ୍କ ସଙ୍ଗରେ ଆଲୋଚନା କରିବେ ବୋଲି କହିଛନ୍ତି। ଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ଭରସା କରି ଶେଷରେ ଧାରଣାକାରୀ ଦ୍ୱୟ ଓ ତାଙ୍କ ସହ ଆସିଥିବା ମହିଳାମାନେ ଘରକୁ ଚାଲିଯାଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି ଗତ ଅଗଷ୍ଟ ମାସ ୩ ତାରିଖ ରାତିରେ ଏକ ସ୍କୁଟିରେ ତପନ ପାତ୍ର ଓ ପ୍ରୟବ୍ରତ ମହାପାତ୍ର ବେଲବାରିଆରୁ ପାରିକୁଳ ଗାଁ'କୁ ଫେରୁଥିବା ବେଳେ ଛତ୍ରପୁର ଛକରେ କୁନୁ ପଣ୍ଡାଙ୍କ ନେତୃତ୍ୱରେ ୧୫ରୁ ଊର୍ଦ୍ଧ୍ୱ ଅସାମାଜିକ ଯୁବକ ସେମାନଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏଥିରେ ତପନର ମୃତ୍ୟୁ ହୋଇଥିବା ବେଳେ ପ୍ରିୟବ୍ରତ ଗୁରୁତର ହୋଇ ଚିକିତ୍ସାଧୀନ ଥିଲେ।

## ଆଇପିଏସ୍ ଶିକ୍ଷାନବୀଶଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୩୧୯ (ନି.ପ୍ର): ୨୦୨୦ ସେପଟ୍ମେର ୪ ତାରିଖ ପୂର୍ବାହ୍ନ ୧୧ଟା ବେଳେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାସନାଲ ପୁଲିସ ଏକାଡେମୀ (ଏସଭିପି ଏନପିଏ)ର ଦିକ୍ଷାନ୍ତ ପ୍ୟାରେଡ୍ କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ଜରିଆରେ ଆଇପିଏସ୍ ଶିକ୍ଷାନବୀଶଙ୍କ ସହ ଆଲୋଚନା କରିବେ । ୨୮ ଜଣ ମହିଳାଙ୍କ ସମେତ ୧୩୧ ଜଣ ଆଇପିଏସ୍ ଶିକ୍ଷାନବୀଶ ଏହି ଏକାଡେମୀରେ ୪୨ ସପ୍ତାହର ଫେଜ୍-୧ ଟ୍ରେନିଂର ବେସିକ୍ କୋର୍ସ ଶେଷ କରିଛନ୍ତି । ସେମାନେ ଲାଲ ବାହାଦୁର ଶାସ୍ତ୍ରୀ ନ୍ୟାସନାଲ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ୍, ମସୁରୀ ଏବଂ ଡ. ମ୍ୟାରୀ ଚନ୍ନା ରେଡ୍ଡୀ ଏଚଆରଡି ଇନଷ୍ଟିଚ୍ୟୁଟ୍ ଅଫ୍ ତେଲଙ୍ଗାନା, ହାଇଦ୍ରାବାଦରେ ଆଇଏଏସ୍ ଓ ଆଇଏଫଏସ୍ ପ୍ରୋବେସନରଙ୍କ ସହ ସେମାନଙ୍କର ଫାଉଣ୍ଡେସନ୍ କୋର୍ସ ଶେଷ କରିବା ପରେ ୨୦୧୮ ଡିସେମ୍ବର ୧୭ରେ ଏହି ଏକାଡେମୀରେ ଯୋଗ ଦେଇଥିଲେ । ଏସଭିପି ଏନପିଏ ଠାରେ ବେସିକ୍ କୋର୍ସ ଟ୍ରେନିଂ ବେଳେ ପ୍ରୋବେସନରମାନଙ୍କୁ ଆଇନ, ତଦନ୍ତ, ଫୋରେନସିକ୍, ନେତୃତ୍ୱ ଓ ପରିଚାଳନା, କ୍ରିମିନୋଲୋଜି, ପବ୍ଲିକ୍ ଅର୍ଡର ଓ ଆଭ୍ୟନ୍ତରୀଣ ସୁରକ୍ଷା, ନୈତିକତା ଓ ମାନବ ଅଧିକାର, ଆଧୁନିକ ଭାରତୀୟ ନୀତି, ଫିଲ୍ଡ କ୍ରାଫ୍ଟ ଓ ଟାକ୍ଟିକ୍, ଅସ୍ତ୍ର ଟ୍ରେନିଂ ଓ ଫାୟାରିଂ ଭଳି ଇନଡୋର୍ ଓ ଆଉଟଡୋର୍ ବିଷୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

## କରୋନାରେ ଡାକ୍ତରଙ୍କ ମୃତ୍ୟୁ

ଜଳେଶ୍ୱର,୩୧୯ (ନି.ପ୍ର): ଦୀନକୃଷ୍ଣ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଡ. ଅନନ୍ତ କୁମାର ପରିଡାଙ୍କ ଜ୍ୟେଷ୍ଠପୁତ୍ର ଡା. ନିହାର ରଂଜନ ପରିଡା (୫୮)ଙ୍କର କରୋନରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ସେ କଳାହାଣ୍ଡିର ଜୟପାଟଣାରେ ଡାକ୍ତର ଥାଇ କରୋନା ରୋଗୀଙ୍କ ସେବା କରୁଥିବା ବେଳେ ସେଥିରେ ପିଡିତ ହୋଇଥିଲେ । ପରେ ଅସୁସ୍ଥ ହେବାରୁ ତାଙ୍କୁ ଭୁବନେଶ୍ୱର କମ୍ସ୍‌ରେ ଚିକିତ୍ସାଲାଗି ଭର୍ତ୍ତି କରାଯାଇଥିଲା । ସେଠାରେ ସୁସ୍ଥ ହେବାରୁ ନିଜ ଗାଁ ନିଶ୍ଚିତପୁର ଆସି ରହିଥିଲେ । କିନ୍ତୁ ସେଠାରେ ସେ ପୁଣି ଅସୁସ୍ଥ ହେବାରୁ ବାଲେଶ୍ୱର ଏଫଏମ୍ କଲେଜ ଆଇସୋଲେସନ ୱାର୍ଡରେ ରଖା ଯାଇଥିଲା । ୨୬ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିବାରୁ ତାଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିବା ସହିତ ବାଲେଶ୍ୱରରେ ଶେଷକୃତ୍ୟ ହୋଇଛି । ତାଙ୍କର ଏକମାତ୍ର ଝିଅ ବମ୍ବେରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି । ଏହା ଉତ୍ତର ବାଲେଶ୍ୱରରେ ଚାଞ୍ଚଲ୍ୟ ଖେଳି ଯାଇଛି ।

## ମାସେରୁ ଦେଢ ମାସ ମଧ୍ୟରେ ରାଜ୍ୟରେ କରୋନା ସଂକ୍ରମଣ କମିବ

ଭୁବନେଶ୍ୱର,୩୧୯ (ନି.ପ୍ର): ମାସେରୁ ଦେଢ ମାସ ମଧ୍ୟରେ ରାଜ୍ୟରେ କରୋନା ସଂକ୍ରମଣ କମିବ ବୋଲି କହିଛନ୍ତି ଡିଏମଇଟି ସିବିକେ ମହାନ୍ତିଙ୍କ କରୋନା ସ୍ଥିତି ସମ୍ପର୍କରେ ପ୍ରତିକ୍ରିୟା ଦେଇ ସେ ଏହା କହିଛନ୍ତି ।
ସେ କହିଛନ୍ତି ଯେ ବର୍ତ୍ତମାନ ୫୬୫ଜଣଙ୍କୁ ପ୍ଲାଜମା ଚିକିତ୍ସା କରାଯାଇଛି । ଏମାନଙ୍କ ଭିତରୁ ୧୪୪ଜଣ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ଅନ୍ୟମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଲୋକ ସଚେତନ ସହ କୋଭିଡ ନିୟମ ମାନନ୍ତୁ । ମାସ୍କ ପିନ୍ଧନ୍ତୁ, ସାମାଜିକ ଦୂରତା ବଜାୟ ରଖନ୍ତୁ । ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାର ସୁସ୍ଥତା ହାର ଅଧିକ, ମୃତ୍ୟୁହାର କମ୍ ।

## ସାହିତ୍ୟରେ ରୋହିଣୀ କୁମାର-ସ୍ୱପ୍ନା ବେହେରାଙ୍କୁ ଆନ୍ତର୍ଜାତିକ ସମ୍ମାନ





ବାଲେଶ୍ୱର,୩୧୯ (ନି.ପ୍ର): ୭୪ତମ ସ୍ୱାଧୀନତା ଦିବସରେ ଗୁଜରାଟ ସାହିତ୍ୟ ଏକାଡେମୀ ଓ ଇଣ୍ଟରନ୍ୟାସନାଲ ମୋଟିଭେସନାଲ ଷ୍ଟ୍ରିପର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆନ୍ତର୍ଜାତିକ ସ୍ତରୀୟ ସାହିତ୍ୟ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ବାଲେଶ୍ୱରର ଦମ୍ପତି ରୋହିଣୀ କୁମାର ବେହେରା ଓ ସ୍ୱପ୍ନା ବେହେରା। ବିଭିନ୍ନ ଆନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ସେମାନଙ୍କ ଲିଖିତ ଗଳ୍ପ, କବିତା ଓ ସ୍ତମ୍ଭ ଆଧାରରେ ଉଭୟଙ୍କ ସାହିତ୍ୟକୁ ଶ୍ରେଷ୍ଠ ଭାବେ ମାନ୍ୟତା ଦିଆଯାଇଛି। ଏନେଇ ଶ୍ରୀ ବେହେରା ଓ ଶ୍ରୀମତୀ ବେହେରାଙ୍କୁ ବିଶ୍ୱସ୍ତରୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୮୦ ଗୋଟି ଦେଶର କବି ସାହିତ୍ୟିକଙ୍କ ମଧ୍ୟରୁ ୩୫୦ ଜଣଙ୍କୁ ସମ୍ମାନିତ କରାଯାଇଥିବା ବେଳେ କେବଳ ଭାରତରୁ ୧୦୫ ଜଣ ଚୟନ ହୋଇଥିଲେ। ସେମାନଙ୍କ ମଧ୍ୟରେ ଏହି ଦମ୍ପତି ଥିଲେ। ଶ୍ରୀ ବେହେରା ଶିକ୍ଷ ବିଭାଗରେ ଦୀର୍ଘବର୍ଷ କାର୍ଯ୍ୟ କରିବା ପରେ ଅବସର ନେଇ ସାରସ୍ୱତ ସାଧନାରେ ନିମଗ୍ନ ଥିବା ବେଳେ ଶ୍ରୀମତୀ ବେହେରା କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷୟିତ୍ରୀ ଭାବେ ଅବସର ନେଇଛନ୍ତି। ଓଡ଼ିଆ ଓ ଇଂରାଜୀରେ ଶ୍ରୀମତୀ ବେହେରାଙ୍କ ୬ ଖଣ୍ଡ ପୁସ୍ତକ ପ୍ରକାଶ ପାଇଥିବା ବେଳେ ବିଭିନ୍ନ ସମ୍ବାଦପତ୍ରରେ ତାଙ୍କର ବହୁ କବିତା, ଗଳ୍ପ ଓ ସ୍ତମ୍ଭ ନିୟମିତ ପ୍ରକାଶ ପାଉଛି। ଏଇ ଆନ୍ତର୍ଜାତିକ ସମ୍ମାନ ମିଳିବା ପରେ ଉଭୟ ପତି-ପତ୍ନୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଦିଆଯାଉଛି।

## ରାୟଗଡାରୁ ୩ଟି ବସ୍ ଯୋଗେ ୪୮ ଜଣ ପରୀକ୍ଷାର୍ଥୀଙ୍କୁ ପଠାଗଲା




ରାୟଗଡ଼ା ,୩୧୯ (ନି.ପ୍ର): ରାୟଗଡା ଜିଲ୍ଲା ସଦର ମହକୁମାଠାରେ ଆଜି ସର୍ବଭାରତୀୟ ଜେଇ ମୁଖ୍ୟ ପରୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ୪୮ ଜଣ ପରୀକ୍ଷାର୍ଥୀ ଓ ଅଭିଭାବକମାନଙ୍କୁ ନେଇ ତିନୋଟି ବସ ବାହାରିଛି । ଆସନ୍ତା ୪ତାରିଖରେ ଅନୁଷ୍ଠିତ ହେଉଥିବା ଦ୍ୱିତୀୟ ପର୍ଯ୍ୟାୟ ଜେଇ ମୁଖ୍ୟ ପରୀକ୍ଷା ପାଇଁ ରାୟଗଡା ଜିଲ୍ଲା ପ୍ରଶାସନ ୪୮ଜଣ ପରୀକ୍ଷାର୍ଥୀଙ୍କୁ ଗାମ ଓ ଭୁବନେଶ୍ୱରକୁ ପଠାଇଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆଜି ୩ଟି ସ୍ୱତନ୍ତ୍ର ବସ ଯୋଗେ ଜିଲ୍ଲା ଶିକ୍ଷ ପ୍ରଶିକ୍ଷଣ ସଂସ୍ଥା ଆନୁକୂଲ୍ୟରେ ୪୮ଜଣ ପରୀକ୍ଷାର୍ଥୀଙ୍କ ସହିତ ୧୦ ଅଭିଭାବକଙ୍କୁ ପଠାଯାଇଛି। ଏହି ୪୮ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬ଜଣ ବ୍ରହ୍ମପୁର ଠାରେ ପରୀକ୍ଷା ଦେବେ ଓ ବାକି ୩୨ଜଣ ପରୀକ୍ଷାର୍ଥୀ ଭୁବନେଶ୍ୱରର ବିଭିନ୍ନ କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ଜଣାପଡିଛି । ଆଜି ଜିଲ୍ଲାପାଳ ପ୍ରମୋଦ କୁମାର ବେହେରା ଏବଂ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ପଣ୍ଡା ପତାକା ଦେଖାଇ ବସ ଯାତ୍ରାକୁ ଶୁଭାରମ୍ଭ କରିଥିଲେ ଓ ସୁରୁଖୁରୁ ରେ ପହଂଚିବା ସହ ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଦଳାଇ, ଆଇଟିଆଇ ଅଧକ୍ଷ ଶ୍ରୀ ଅତୂଲ୍ୟ କୁମାର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଗଙ୍ଗାହାର ନଦୀରେ ଗ୍ରାମବାସୀଙ୍କ ଦ୍ୱାରା ବାଉଁଶ ପୋଲ ନିର୍ମାଣ



ବାଲେଶ୍ୱର,୩୧୯ (ନି.ପ୍ର): ନଈ ପାର ହୋଇ ଗାଁରୁ ଯିବାଆସିବା ପାଇଁ କେତେ ଗୁହାରୀ କରିଥିଲେ ମଧ୍ୟ ଆଜିସୁଦ୍ଧା ରେମୁଣା ଗୁଡ଼ଦା ଅଞ୍ଚଳରେ ସ୍ଥାୟୀ ପୋଲଟିଏ ନିର୍ମାଣ କରିବାରେ ପ୍ରଶାସନ କିମ୍ବା ଲୋକପ୍ରତିନିଧି କେହି ବି ସହାୟ ହେଲେନାହିଁ। ଆଉ ଯେଉଁ ଏକମାତ୍ର ବାଉଁଶ ପୋଲକୁ ଲୋକେ ଭରଷା କରିଥିଲେ ତାହାବି ଗତ ବନ୍ୟାଜଳରେ ଭାସିଯିବା ପରେ ଏବେ ଅଣ୍ଟା ଭିଡ଼ିଛନ୍ତି ଗ୍ରାମବାସୀ। ବାଲେଶ୍ୱର ରେମୁଣା ଶିରାକୁଇଲି ଗାଁର ଗଙ୍ଗାହାର ନଦୀର ଇଏ ହେଉଛି ସେଇ ବାଉଁଶ ପୋଲ । ଗତ ଲଘୁଚାପଜନିତ ବର୍ଷାରେ ସୃଷ୍ଟି ହୋଇଥିବା ବନ୍ୟାରେ ରାତି ଅଧିଆ ପୋଲଟିକୁ ବନ୍ୟା ସୁଅରେ ଭାସିଯାଇଥିଲା । ଯେଉଁ ପୋଲ ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲାକୁ ସଂଯୋଗ କରୁଥିଲା ଆଉ ହଜାରହଜାର ଲୋକଙ୍କ ଏକ ମାତ୍ର ଭରଷା ଥିଲା। ଦୈନିକ ପ୍ରାୟ ୩୦ ହଜାର ଲୋକେ ଏହି ପୋଲକୁ ଭରସା କରି ଯାତାୟତ କରିଥା'ନ୍ତି। ତେବେ ଏହି ପୋଲ ଭାସିଯିବା ପରେ ମୟୂରଭଂଜ ଓ ବାଲେଶ୍ୱରକୁ ଯୋଗାଯୋଗ ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ନିକଟସ୍ଥ ଶିରାକୁଇଲି ଏବଂ ଭଦ୍ରସିଆ ଗାଁ ଲୋକେ ଘରୁ ବାହାରି ପାରୁନାହାଁନ୍ତି। ପ୍ରଶାସନ ସବୁ ଜାଣି ମଧ୍ୟ ଲୋକଙ୍କ ସମସ୍ୟା ଅନୁଧ୍ୟାନ ପାଇଁ ଜଣେ ହେଲେ ଅଧିକାରୀ ଏଠାକୁ ଆସିନଥିବା ଗ୍ରାମବାସୀମାନେ ଆରୋପ ଉଠାଇଛନ୍ତି । ଜିଲ୍ଲା ଅନ୍ୟାନ୍ୟ ସ୍ଥାନରେ ଉପୁଜୁଥିବା ଏଭଳି ସ୍ଥିତିରେ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ଅସ୍ଥାୟୀ ପୋଲ ନିର୍ମାଣ କରୁଥିବା ବେଳ ଏଠି ତାହା ସ୍ୱପ୍ନ ହୋଇଛି ବୋଲି ସେମାନେ କହିଛନ୍ତି । ଶେଷରେ ଗ୍ରାମବାସୀମାନେ ରାତିଦିନ ଏକ କରିଦେଇ ଲାଗିପଡ଼ିଛନ୍ତି ପୁଣି ଏକ ବାଉଁଶ ପୋଲ ନିର୍ମାଣରେ। ପ୍ରାୟ ଶହେ ମିଟରରୁ ଊର୍ଦ୍ଧ୍ୱ ଲମ୍ବର ଏହି ପୋଲ ନିର୍ମାଣ ପାଇଁ ସମସ୍ତେ ଖାଇବା ପିଇବା ବି ଭୁଲି ଯାଇଛନ୍ତି। ସ୍ୱାଧୀନତା ପରଠାରୁ ଏଠାରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଲୋକେ ନିର୍ବାଚିତ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କଠାରେ ଗୁହାରୀ କରି ଚାଲିଛନ୍ତି। ଇତି ମଧ୍ୟରେ ବହୁ ବାର ନିର୍ବାଚନ ସରିଛି ଓ ମାତ୍ର ନିର୍ବାଚନ ବେଳର ପ୍ରତିଶ୍ରୁତି ପରବର୍ତ୍ତୀ ସମୟରେ ପାଣିର ଗାର ଭଳି ଧୋଇ ହୋଇଯାଇଛି। ପୋଲ ନିର୍ମାଣ ପାଇଁ ସରକାରୀ ସ୍ତରରେ ଯଦି ଉଚିତ ପଦକ୍ଷେପ ନିଆ ନ ଯାଏ ତାହାଲେ ଆଗାମୀ ଦିନରେ ଏହା ଏକ ବଡ଼ ଇସ୍ୟୁ ହୋଇ ଜନ ଆନ୍ଦୋଳନକୁ ଆମନ୍ତ୍ରଣ କରିବ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି।

## ଆଧାରକାର୍ଡ ଲାଗି ୨୫୦ଟଙ୍କା : ବିଡିଓଙ୍କଠାରେ ଅଭିଯୋଗ

ଜଳେଶ୍ୱର, ୩/୯ (ନି.ପ୍ର) : କେନ୍ଦ୍ର ସରକାର ପ୍ରତ୍ୟେକ ଭାରତୀୟଙ୍କୁ ମାଗଣାରେ ଆଧାରକାର୍ଡ ଯୋଗାଇବାର କାର୍ଯ୍ୟ କରୁଥିବା ବେଳେ ଜଳେଶ୍ୱର ବ୍ଲକର ନାମ୍ପୋ ହସ୍ପିଟାଲ ନିକଟସ୍ଥ ଦାସ ଷ୍ଟୁଡିଓଠାରେ ସେକ୍ ଅବଦୁଲ ନାମକ ଜନୈକ ବ୍ୟକ୍ତି ଅଧାରକାର୍ଡ ବନାଇବାଲାଗି ପ୍ରତ୍ୟେକଙ୍କଠାରୁ ୨୫୦ଟଙ୍କା ନେଉଥିବାର ଅଭିଯୋଗ ହୋଇଛି । ଏପରିକି କେତେକଙ୍କ ଠାରୁ ଅର୍ଥ ଗ୍ରହଣ କରିଥିଲେ ମଧ୍ୟ ସେମାନେ ଆଧାରକାର୍ଡ ପାଇନଥିବା ଅଭିଯୋଗ ହୋଇଛି । ଏପରି ଘଟଣା ଜଣାଯିବାପରେ ନାମ୍ପୋଗାଁର ଅକ୍ଷୟ କୁମାର ଜେନା, ଦିଲ୍ଲିପ କୁମାର ଦାସ, ଗୋପାଳ କୃଷ୍ଣ ଜେନା, ପରମେଶ୍ୱର ପ୍ରମାଣିକ, ଅନନ୍ଦ ଦେ, ଅନନ୍ତ ରାଉଳ, ସେକ୍ ସତ୍ତାର, ବିନ୍ଦୁ ଗୋପାଳ ଦାସ, କମଳ ପ୍ରମାଣିକ, ଆନୁଆର ସାହା, କମଳଲୋଚନା ଦାସ, ଗୋବର୍ଦ୍ଧନ ରାଉଳ ପ୍ରମୁଖ ଏ ସଂପର୍କରେ ଜଳେଶ୍ୱର ବିଡିଓ, ତହସିଲଦାର ଓ ଜିଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି ।

## ନୀଳଗିରି ଡାକ୍ତରଖାନାରେ ରୋଗୀ ଚିକିତ୍ସାରେ ଅବହେଳା: ଦୀର୍ଘ ୩ ଦିନ ପର୍ଯ୍ୟନ୍ତ ଦିଆଗଲାନାହିଁ ସାଲାଇନ

ନୀଳଗିରି,୩୧୯ (ନି.ପ୍ର): ଜନୈକ ଯୁବକ ହାତ ଗୋଡ ଅକାମୀ ହୋଇଯିବାରୁ ପରିବାର ଲୋକେ ୧୦୮ ଯୋଗେ ୩ ଦିନ ପୂର୍ବରୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡାକ୍ତରୀ ଚିଠାରେ ରୋଗୀଙ୍କୁ ସେଲାଇନ ସହିତ ଇଞ୍ଜେକ୍ସନ ଓ ଔଷଧ ଦେବା ପାଇଁ ଲେଖାଯାଇଥିବା ବେଳେ ତାଙ୍କୁ ଦୀର୍ଘ ୭୫ ଘଂଟା ପରେ ମଧ ସେଲାଇନ ନଦେବା, ଡାକ୍ତରଖାନାରେ ଇଞ୍ଜେକ୍ସନ ନାହିଁ କହି ବାହାରୁ କିଣା କରାଇବା ଘଟଣା ଏବେ ନୀଳଗିରିରେ ଚର୍ଚ୍ଚା ହେଉଛି। ଫଳରେ ରୋଗୀ ଜଣକ ବେଡରେ ପଡି ରହି ଛଟପଟ ହେବା ପରେ ଖୋଦ୍ ବିଜେଡିର ରାଜ୍ୟ ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ନନ୍ଦଙ୍କ ହସ୍ତକ୍ଷେପ ଫଳରେ ସେଲାଇନ ଲାଗିବା ସହିତ ରୋଗୀର ଚିକିତ୍ସା କରିବା ଘଟଣା ନୀଳଗିରି ଡାକ୍ତରଖାନାର ଡାକ୍ତର , ନର୍ସ ଓ କର୍ମଚାରୀଙ୍କର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ଅଧିନସ୍ଥ ମଚ୍ଛୁଆ ପଂଚାୟତର କଲ୍ୟାଣି ଗ୍ରାମର ୰ କ୍ଷେତ୍ରମୋହନ ମାଝୀଙ୍କ ପୁତ୍ର ବାପି(୪୦) ୧ ତାରିଖ ଦିନ ପ୍ରାୟ ୧୦ ଟା ସମୟରେ ହାତ ଗୋଡ ଥରି ଅଚଳ ହେବାରୁ ପରିବାର ଲୋକେ ଦିନ ୧୨ ଟା ସମୟରେ ୧୦୮ ଯୋଗେ ନୀଳଗିରି ହସ୍ପିଟାଲ ଆଣି ଭର୍ତ୍ତି କରିଥିଲେ। ପରେ ଡାକ୍ତର ଦେଖି ଚିଠାରେ ସେଲାଇନ ଲଗାଇବାକୁ ଲେଖିଥିବାବେଳେ ଔଷଧ ଦେବା ପାଇଁ ମଧ ଚିଠା କରିଥିଲେ। ମାତ୍ର କାର୍ଯ୍ୟରେ ଥିବା ନର୍ସ ଓ କର୍ମଚାରୀ ମାନେ ଏକଥାକୁ ଭୁଲିଯାଇ ୩ ତାରିଖ ସଂନ୍ଧ୍ୟ ୬ ଟା ପର୍ଯ୍ୟନ୍ତ ସେଲାଇନ ଦେଇନଥିବାବେଳେ ଇଞ୍ଜେକ୍ସନ ଗୁଡିକ ବାହାରୁ କିଣି ଆଣିବାକୁ କହିବାରୁ ବାପିର ସ୍ତ୍ରୀ କାମ କରୁଥିବା ମାଲିକ ଟୁଟୁ ବାବୁଙ୍କୁ ଜଣାଇଥିଲେ। ଖବର ପାଇ ଟୁଟୁ ବାବୁ ଓ ବିଜେଡିର ରାଜ୍ୟ ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ନନ୍ଦ ପହଂଚି ଘଟଣା ସମ୍ପର୍କରେ ଡାକ୍ତରଙ୍କୁ ପଚାରିବାରୁ ତାଙ୍କୁ ସେଲାଇନ ଔଷଧ ଦିଆଯାଇଥିବା କଥା କହିଥିଲେ। ଏକଥାକୁ ବାପିର ସ୍ତ୍ରୀ ଓ ସାନଭାଇ ବିରୋଧ କରିବାରୁ କାଗଜପତ୍ର ତନଖିରେ ଜଣାପଡିଥିଲା ଯେ ଭର୍ତ୍ତି ହୋଇଥିବା ବାପି ମାଝିଙ୍କୁ ୭୫ ଘଂଟା ଆଗରୁ ସେଲାଇନ ଔଷଧ ଦିଆଯାଇଛି। ବାସ୍ତବରେ ସେଲାଇନ ଦିଆଯାଇନଥିବା ବେଳେ କାଗଜପତ୍ରରେ ସେଲାଇନ ଦିଆଯାଇଥିବା କିପରି ଉଲ୍ଲେଖ ରହିଲା ? ଏଠାରେ ସ୍ପଷ୍ଟ ଭାବେ ବାରି ହେଉଛି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର , ନର୍ସ ଓ କର୍ମଚାରୀ ମାନେ ରୋଗୀଙ୍କ ପ୍ରତି କେତେ ଯତ୍ନବାନ। ଘଟଣା ପ୍ରଚାରିତ ହେବା କ୍ଷଣି ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକ , ବିଜେପି ନେତା ଗଙ୍ଗାଧର ମିଶ୍ର ପହଂଚି ଘଟଣାକୁ ବୁଝି ଏସଡିଏମଓ ଙ୍କ ସହିତ କଥା ହେବେ ବୋଲି କହିବା ଘଟଣା କେଉଁଠି ନା କେଉଁଠି ନୀଳଗିରି ଡାକ୍ତରଖାନାରେ ରୋଗୀ ସେବା ନେଇ ସୋସିଆଲ ମିଡିଆରେ ଅଭିଯୋଗ ଆଣିଥିବା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ କଥା ୧୪ ଦିନ ପରେ ସତ୍ୟ ପ୍ରତିପାଦିତ ହୋଇଛି। ଘଟଣା ନେଇ ଆମ ପ୍ରତିନିଧି ଏସଡିଏମଓ ଅଜୟକୃଷ୍ଣ ସାମଲଙ୍କୁ ଯୋଗାଯୋଗ କରିବାରୁ ଫୋନ ଉଠାଇନଥିଲେ। ଘଟଣା ସମ୍ପର୍କରେ ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନାଙ୍କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୫୯,୪୯୨ କରୋନା ପରୀକ୍ଷଣ

ଭୁବନେଶ୍ୱର,୩୧୯ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୫୯୪୯୨ କରୋନା ପରୀକ୍ଷଣ ହୋଇଛି। ଏଥି ମଧ୍ୟରୁ ଆରଟି-ପିସିଆର ୭୧୭୧, ଆଂଟିଜେନ ୫୨୨୯୫ ତଥା ଟ୍ରୁନାଟ ୧୨୫ ସାମିଲ ରହିଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୧୯୫୦୫୯୧ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo